

କଣ୍ଟେଣ୍ଟ କ୍ରିଏଟରଙ୍କୁ ମିଳିବ ଲକ୍ଷେ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sanchalodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 150 ଭାଗ ୩୪ | ସଂଖ୍ୟା ୧୫୦ | Friday 21 August 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଭାବନଗର ମଦ ମୃତ୍ୟୁ ବିଭୀଷିକା
# ୮ ମୃତ, ୩୯ ଗୁରୁତର



■ ମାଷ୍ଟରମାଇଣ୍ଡ ସହ ୧୩ ଗିରଫ
■ ଇନ୍ସପେକ୍ଟର ସମେତ ୪ ନିଲମ୍ବିତ

ଅହମ୍ମଦାବାଦ,୨୦।୮: ଗୁଜରାଟର ଭାବନଗରରେ ଘଟିଥିବା ବିଷାକ୍ତ ମଦ୍ୟପାନ ଘଟଣାରେ ମୃତ୍ୟୁସଂଖ୍ୟା ଗୁରୁବାର ସୁଦ୍ଧା ୮ରେ ପହଞ୍ଚିଛି। ଏଥିସହ ମିଥାନୋଲ-ମିଶ୍ରିତ ଲିକର ପିଇ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ୩୯ ଜଣ ବ୍ୟକ୍ତି ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ଭାବନଗର ଓ ଆଖପାଖ ଅଞ୍ଚଳରେ ନକଲି ମଦ ପ୍ରସ୍ତୁତି ଓ ବିତରଣ ସହ ଜଡ଼ିତ ଏକ ସଂଗଠିତ ନେଟୱର୍କକୁ ପୁଲିସ୍ ଠାବ କରିଛି। ତଦନ୍ତରେ ୨୧ ଜଣଙ୍କ ନାମ ପ୍ରକାଶ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ମଦମୃତ୍ୟୁ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ମଧ୍ୟପ୍ରଦେଶ ଉଜ୍ଜୟିନୀର ରଇସ୍ ମଧ୍ୟ ସାମିଲ ଅଛି। ➪ପୃଷ୍ଠା-୬

## ଦାୟିତ୍ୱହୀନ ପରିଚାଳନା
# ବୈତରଣୀରେ ବାରମ୍ବାର ବନ୍ୟା

- ବୈତରଣୀ ପାୱାର ପ୍ରୋଜେକ୍ଟସକୁ କାରଣ ଦର୍ଶାଅ ନୋଟିସ୍
- ଖସୁଛି ଜଳସ୍ତର, ଆସୁଛି ସୁଧାର
- ବାଲେଶ୍ୱର ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ
- ଏବେ ବି ୨୮ ହଜାର ଲୋକ ପାଣି ଘେରରେ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ବୈତରଣୀ ନଦୀର ତଳମୁଣ୍ଡରେ ଅନିୟନ୍ତ୍ରିତ ବନ୍ୟା ପରିସ୍ଥିତି ସୃଷ୍ଟି କରିବା ଅଭିଯୋଗରେ 'ବୈତରଣୀ ପାୱାର ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ' (ବିପିପିଏଲ)କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଇଞ୍ଜିନିୟରଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈତରଣୀ ପାୱାର ପ୍ରୋଜେକ୍ଟସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ବୈତରଣୀ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ପିକ୍ ଫ୍ଲୁ ଏବଂ ଫ୍ଲସ୍ ଫ୍ଲୁ ସମୟରେ ମନମୁଖୀ ଓ ଅନିୟମିତ ଭାବେ ବ୍ୟାରେଜ ଗେଟ୍ ଗୁଡ଼ିକୁ ଖୋଲୁଛି। ଏହି ବେପରୁଆ କାର୍ଯ୍ୟ ଯୋଗୁଁ ନଦୀର ତଳମୁଣ୍ଡ ଅଞ୍ଚଳରେ ଜଳସ୍ତର ହଠାତ୍ ବୃଦ୍ଧି ପାଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି।

ଏପରି ଦାୟିତ୍ୱହୀନ ଭାବେ ଗେଟ୍ ପରିଚାଳନା କରିବା ଯୋଗୁଁ କମ୍ପାନୀ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ସ୍ପଷ୍ଟୀକରଣ ମଗାଯାଇଛି। ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ବ୍ୟାରେଜକୁ ସମ୍ପୂର୍ଣ୍ଣ ଖାଲି କରିବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି, ଯାହାଦ୍ୱାରା ତଳମୁଣ୍ଡ ଅଞ୍ଚଳ ଜଳମଗ୍ନ ହେବାରୁ ରକ୍ଷା ପାଇପାରିବ।

ସେପଟେ ରାଜ୍ୟରେ ସୁବର୍ଣ୍ଣରେଖା ବ୍ୟତୀତ ଅନ୍ୟ ସବୁ ନଦୀ ବିପଦ ସଂକେତ ତଳେ ଅଛି। ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗରେ ବିପଦ ସଂକେତ ତଳେ ଅଛି ଜଳସ୍ତର। ଜଳକା ବି ବିପଦ ସଂକେତ ତଳକୁ ଖସିଛି ବୋଲି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ। ରେମୁଣା ଓ ଜଳେଶ୍ୱରରେ ସ୍ଥିତିରେ ସୁଧାର ଆସିଛି। ଯାଜପୁର ଓ ଭଦ୍ରକ ଜିଲ୍ଲାରେ ୨୪ ଘଣ୍ଟାରେ ଆହୁରି ସୁଧାର ଆସିବ।

ସୁବର୍ଣ୍ଣରେଖାରେ ଝାଡ଼ଖଣ୍ଡ ପାଣି ଛାଡ଼ିବାରୁ ରାତି ୩ଟାରେ ବିପଦ ସଂକେତ ଉପରକୁ ଯାଇଥିଲା। ସକାଳ ୬ଟା ପରେ ଏହା ଖସିବାକୁ ଲାଗିଲା। ସିଡବ୍ଲ୍ୟୁସି ଆକଳନ ଅନୁସାରେ ସନ୍ଧ୍ୟା ୬ଟା ଏହା ଆହୁରି ଖସିବ। ବାଲିଆପାଳ ଓ ଭୋଗରାଇରେ ଏବେ ବି ବନ୍ୟା ସ୍ଥିତି ରହିଛି। ଲୋକଙ୍କ ସହାୟତା ପାଇଁ ଓଡ୍ରାଫ ଟିମ୍ ମୁତୟନ ଅଛନ୍ତି।

ରାଜ୍ୟର ୬ ଜିଲ୍ଲା, ୩୪ ବ୍ଲକ୍, ୨୨୬ ଗ୍ରାମ ପଞ୍ଚାୟତ, ୭୪୩ ଗାଁ ପ୍ରଭାବିତ ହୋଇଛନ୍ତି। ୧୨ ଲକ୍ଷ ୮୬ ହଜାର ଲୋକ କ୍ଷତି ସହିଛନ୍ତି। ୮୪,୬୬୬ ଲୋକ ସ୍ଥାନାନ୍ତର ହୋଇଛନ୍ତି। ବାଲେଶ୍ୱରବାସୀ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ୫୫ ପଞ୍ଚାୟତର ୨୮ ହଜାର ଲୋକ ଏବେ ବି ପାଣି ଘେରରେ ଅଛନ୍ତି। ରିଲିଫ ଦିଆଯାଇଛି। ଗୋ-ଖାଦ୍ୟ ୯୪୦ ମେଟ୍ରିକ୍ ଟନ୍ ଗତ ୧୪ରୁ ୮ ଜିଲ୍ଲାକୁ ଦିଆଯାଇଛି। ଜିଲ୍ଲାପାଳଙ୍କ ଯୋଗାଯୋଗରେ ଅଛନ୍ତି ଏସଆରସି।

ବୈତରଣୀ ଓ ସାଳନ୍ଦୀ ଘାଇ ମରାମତି କାମ ଆରମ୍ଭ ➪ପୃଷ୍ଠା-୬

# ଏଣିକି ମାସକୁ ୨ ଥର ବସିବ କ୍ୟାବିନେଟ୍



■ ବିଭାଗ ଆଗୁଆ ପ୍ରସ୍ତୁତ କରିବେ ନିଜ ନିଜ ପ୍ରସ୍ତାବ
■ ନିଷ୍ପତ୍ତିର ନିୟମିତ ଅନୁଧ୍ୟାନ ଓ କାର୍ଯ୍ୟକାରିତାକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଏଣିକି ମାସକୁ ୨ ଥର ବସିବ କ୍ୟାବିନେଟ। ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ସହ କ୍ୟାବିନେଟ ନିଷ୍ପତ୍ତିର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏଣିକି ପ୍ରତିମାସରେ ଦୁଇଥର କ୍ୟାବିନେଟ ବୈଠକ ବସିବ। ଏଥିପାଇଁ ସମସ୍ତ ପ୍ରଶାସନିକ ବିଭାଗ ଆଗୁଆ ନିଜ ନିଜ ପ୍ରସ୍ତାବ ପ୍ରସ୍ତୁତ କରିବେ। ଏହା ସହ ନିର୍ଦ୍ଧାରିତ ବୈଠକର ଯଥେଷ୍ଟ ପୂର୍ବରୁ କ୍ୟାବିନେଟ ନୋଟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଏ ନେଇ ନିକଟରେ ମୁଖ୍ୟ ଶାସନ ସଚିବଙ୍କ ➪ପୃଷ୍ଠା-୬

## ଇଓଡବ୍ଲ୍ୟୁକୁ ସଫଳତା
# ୨୦୦ କୋଟି କ୍ରିପ୍ଟୋ-ସ୍କାମ୍‌ରେ ମୁଖ୍ୟ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ୨୦୦ କୋଟି କ୍ରିପ୍ଟୋ ସ୍କାମ୍ ମାମଲାରେ ଆଜି ଓଡ଼ିଶା ପୁଲିସ୍‌ର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜଗତସିଂହପୁରର ଗୋପାଳପୁରରୁ ଚିତ୍ତ ରଞ୍ଜନ ମହାନ୍ତିଙ୍କୁ ଗିରଫ କରାଯିବା ପରେ ଏହି ମାମଲାରେ ଇଓଡବ୍ଲ୍ୟୁକୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି ବୋଲି କୁହାଯାଉଛି। ଏନେଇ ଆଇପିସିର ଏକାଧିକ ଧାରାରେ ୨୫/୨୦୨୩ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଶ୍ରୀ ନାୟକଙ୍କୁ ଆଜି ଗିରଫ କରାଯାଇଛି। ପୁରୀର ସ୍ୱାଗତ କୁମାର ନାୟକ ତାଙ୍କଠାରୁ ୮୫ ହଜାର ଟଙ୍କା ଠକେଇ ହେବା ନେଇ ମାମଲା ➪ପୃଷ୍ଠା-୬

# ଜେଲ୍ କର୍ମଚାରୀଙ୍କ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି

■ ଉପକୃତ ହେବେ ୨୫୦୦ କର୍ମଚାରୀ ଓ ଅଧିକାରୀ
■ ବର୍ଷକୁ ଖର୍ଚ୍ଚ ହେବ ଅତିରିକ୍ତ ୯୬.୨୨ ଲକ୍ଷ



ଭୁବନେଶ୍ୱର, ୨୦।୮ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଜେଲ୍ ସଂଗଠନର ଅଧିକାରୀ ଓ କର୍ମଚାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ, ଜେଲ୍ କର୍ମଚାରୀ ଓ ଅଧିକାରୀମାନଙ୍କ ବାର୍ଷିକ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ଅନୁଯାୟୀ ଡିଆଇ (କାରାଗାର)ଙ୍କଠାରୁ ଆରମ୍ଭ କରି ଆସିଷ୍ଟାଣ୍ଟ ମାଟ୍ରନ୍ ପର୍ଯ୍ୟନ୍ତ ୩୭୮ ଜଣ ଅଧିକାରୀଙ୍କ ପୋଷାକ ଭତ୍ତା ୩୦୦୦ ଟଙ୍କାରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୨,୧୨୨ ଜଣ ଚିଫ୍ ୱାର୍ଡର୍, ୱାର୍ଡର୍ ଓ ମହିଳା ୱାର୍ଡରଙ୍କ ବାର୍ଷିକ ପୋଷାକ ଭତ୍ତାକୁ ୪୦୦୦ ଟଙ୍କାରୁ ୮୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ସମୁଦାୟ ୨୫୦୦ ଜଣ ଜେଲ୍ କର୍ମଚାରୀ ଓ ଅଧିକାରୀ ଉପକୃତ ହେବେ। ଚଳିତ ଆର୍ଥିକ ବର୍ଷରୁ ଏହି ନୂତନ ପୋଷାକ ଭତ୍ତା ଲାଗୁ ହେବ।

## ଖାଉଟିଙ୍କୁ ମହଙ୍ଗା ମାଡ଼
# ହୁ ହୁ ବଢୁଛି ଚିନି ଦର



- କିଲୋ ପ୍ରତି ବଢ଼ିଲାଣି ୨୦ ଟଙ୍କା
- ସବୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି
- ପାର୍ବଣରେ ମହଙ୍ଗା ହେବ ମିଠା ଓ ବେକରୀ ସାମଗ୍ରୀ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ପେଟ୍ରୋଲ ଓ ଗ୍ୟାସ ଦର ବୃଦ୍ଧିରେ ଆକ୍ତାମାକ୍ତା ଖାଉଟିଙ୍କ ଉପରେ ପଡ଼ିଛି ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ବୋଝ। ସାଧାରଣ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କ ରୋଷେଇ ଘର ବଜେଟ୍ ବିଗିଡ଼ିଲା। ଗତ କିଛି ସପ୍ତାହ ହେଲା ପିଆଜ ଦର ବଢ଼ିଥିଲା। ଏବେ ଚିନି ଦରରେ ନିଆଁ ଲାଗିଛି। ହଜାରେ ଟଙ୍କାରେ ପରିବା ବ୍ୟାଗ ଭର୍ତ୍ତି ହେଉନି। ପରିବା ଦର ସାଧାରଣ ଲୋକଙ୍କୁ ନାକେଦମ୍ କରୁଥିବା ବେଳେ ଚିନିର ଅପ୍ରତ୍ୟାଶିତ ଦରବୃଦ୍ଧି ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଖୁଚୁରା ବଜାରରେ ଚିନି କିଲୋ ପ୍ରତି ଦର ବଢ଼ିଛି ପାଖାପାଖି ୨୦ ଟଙ୍କା। ପୂର୍ବରୁ କିଲୋ ପ୍ରତି ଦାମ୍ ୪୦ରୁ ୪୨ ଟଙ୍କା ଥିବା ବେଳେ ଏବେ ତାହା ଖୋଲା ବଜାରରେ କେଉଁଠି ୬୦ ତ କେଉଁଠି ୭୦ ଟଙ୍କାରେ ପହଞ୍ଚିଲାଣି। ସକାଳର ଚା'ଠାରୁ ଆରମ୍ଭ କରି ମିଠା, ➪ପୃଷ୍ଠା-୬

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ହାତ ଖୋଲିଦେଲେ ସରକାର
# ପ୍ରତି ପଞ୍ଚାୟତରେ ଖର୍ଚ୍ଚ ହେବ ଦେଢ଼ରୁ ତିନି କୋଟି

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ବଡ଼ ପ୍ଲାନ କରି ପେଡ଼ି ଖୋଲିଦେଇଛନ୍ତି। ପ୍ରତି ପଞ୍ଚାୟତରେ ଖର୍ଚ୍ଚ ହେବ ଦେଢ଼ କୋଟିରୁ ତିନି କୋଟି ଟଙ୍କା। ଗାଁରେ ମିଳିବ ସହରୀ ସୁବିଧା। ଏଥିପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତି କରିଛି ପଞ୍ଚାୟତରାଜ ବିଭାଗ ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ରବି ନାୟକ। ସହରାଞ୍ଚଳ ପରି ଗାଁରେ ଆସେଟ ତିଆରି କରାଯିବ।

● ସହରାଞ୍ଚଳ ପରି ଗାଁରେ ତିଆରି କରାଯିବ ଆସେଟ

ସେ କହିଛନ୍ତି ଯେ ଗ୍ରାମ ସମ୍ପଦ କାର୍ଯ୍ୟକ୍ରମ ଜରିଆରେ ଗାଁର ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ପଞ୍ଚାୟତରେ ମିଳିବ ସହରୀ ସୁବିଧା। ଏନେଇ ଏକ ଏସଓପି ପ୍ରସ୍ତୁତ ହୋଇଛି। ପଞ୍ଚାୟତରେ ଆଦର୍ଶ ଖେଳ ପଡିଆ, ଆଦର୍ଶ କଲ୍ୟାଣ ମଣ୍ଡପ, ଆଦର୍ଶ ଗ୍ରାମୀଣ ହାଟ, ଆଦର୍ଶ ପୋଖରୀ, ଆଦର୍ଶ ମଣ୍ଡପ, ଶ୍ମଶାନ, ଆଦର୍ଶ ହାଟ, ଗ୍ରାମୀଣ ପାର୍କ ଭଳି କାମ ହାତକୁ ନେବ ବିଭାଗ। ଗ୍ରାମସଭା ଆଧାରରେ ହେବ କାମ। ଆଦର୍ଶ ଖେଳ ପଡିଆ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ସରକାର। ଗାଁରେ ରହୁଥିବା ଲୋକଙ୍କ ଆସ୍ଥା, ଯୁବକର ➪ପୃଷ୍ଠା-୬

# ୩୧ ଯାଏଁ ବଢ଼ିଲା ପିଏମ୍ ଫସଲ ବୀମା ପଞ୍ଜୀକରଣ ଅବଧି

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ)ରେ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ ଅବଧି ପୁନର୍ବାର ବୃଦ୍ଧି କରାଯାଇଛି। ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଅନୁରୋଧ କ୍ରମେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ ୨୦୨୬ ପାଇଁ ପଞ୍ଜୀକରଣ ଅବଧି ତାରିଖକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଅନିଶ୍ଚିତତା ହେତୁ ହେଉଥିବା ଫସଲ ହାନିରୁ ସୁରକ୍ଷା ତଥା ଅଧିକରୁ ଅଧିକ ଯୋଗ୍ୟ ଚାଷୀଙ୍କୁ ଏହି ବୀମା ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ଏହି ତାରିଖକୁ ବୃଦ୍ଧି କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ଏହି ବର୍ଦ୍ଧିତ ଅବଧିରେ ଫସଲ ବୀମା ପଞ୍ଜୀକରଣ ଗଞ୍ଜାମ, କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଭଦ୍ରକ, ଗଜପତି, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କେବଳ ଋଣୀ ଚାଷୀଙ୍କ ପାଇଁ ଉପଲବ୍ଧ ହେବ। ମାତ୍ର ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଅନ୍ୟ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଇଁ ବୀମା ପଞ୍ଜୀକରଣ ଉପଲବ୍ଧ ହେବ। ୨୦୨୬ର ଖରିଫ ଋତୁ ପାଇଁ ବିଜ୍ଞାପିତ ଅଞ୍ଚଳ ଓ ➪ପୃଷ୍ଠା-୬

## ରାଜଧାନୀ ରାଜରାସ୍ତାରେ ଅଟୋ ଚାଳକଙ୍କ ହିଂସା
# ସହରରେ ଯେଉଁ କ୍ଷତି ହୋଇଛି ଭରଣା କରିବେ ଅଟୋ ଚାଳକ

- ସନ୍ତୋଷଜନକ ଜବାବ ନ ରଖିଲେ ରଦ୍ଦ ହେବ ପରମିଟ୍
- ୬୦ ଜଣଙ୍କୁ ପିଆର୍ ବଣ୍ଡରେ ଛାଡ଼ିଲା ପୁଲିସ
- ୧୧୩ ଜଣ ଗିରଫ, ୩୫୪ ଗାଡ଼ି ଜବତ







ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ମାଷ୍ଟର କ୍ୟାଣ୍ଟିନରେ ହିଂସା ପରେ ସହରରେ ଯେଉଁ କ୍ଷତି ହୋଇଛି ତାକୁ ଭରଣା କରିବେ ଅଟୋ ଚାଳକ। ଅଟୋ ଚାଳକଙ୍କ ହଙ୍ଗାମା ଘଟଣାରେ ୪ ଶହ ଗାଡ଼ି ଜବତ ହୋଇଛି। ଏନେଇ ସୂଚନା ଦେଲେ ଅତିରିକ୍ତ ପରିବହନ କମିଶନର। ସେମାନଙ୍କର ପରମିଟ ରଦ୍ଦ ପାଇଁ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ଫିଟନେସ୍, ବୀମା, ଟିକସ ଭଳି ନ ଥିଲେ ଚାଲାଣ କଟାଯିବ। ଆସନ୍ତା ୨୪ ଓ ୨୬ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ହେବ। ସନ୍ତୋଷଜନକ ଜବାବ ନ ରଖିଲେ ପରମିଟ ରଦ୍ଦ ହେବ। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ରେ ଅନଲାଇନ୍ ଅଟୋ ଚାଳକଙ୍କ ଆନ୍ଦୋଳନ ବେଳେ ହିଂସା ଘଟଣାକୁ ନେଇ ଏବେ କଡ଼ା ଆଭିମୁଖ୍ୟ ନେଇଛନ୍ତି ସରକାର। ରାସ୍ତାରୋକ, ଭଙ୍ଗାରୁଜା ଓ ପୁଲିସ ସହ ମୁହାଁମୁହିଁ ଘଟଣାରେ ସମ୍ପୃକ୍ତ ଅଟୋ ଚାଳକଙ୍କ ବିରୋଧରେ ହେବ ➪ପୃଷ୍ଠା-୬

# ମିର୍ଜା ଫକରୁଲ୍ ବାଂଲାଦେଶର ନୂଆ ରାଷ୍ଟ୍ରପତି



ଢାକା, ୨୦।୮: ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି)ର ବରିଷ୍ଠ ନେତା ମିର୍ଜା ଫକରୁଲ୍ ଇସଲାମ୍ ଆଲାମଗିର ଦେଶର ୨୩ ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ୩୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ବାଂଲାଦେଶରେ ରାଷ୍ଟ୍ରପତି ନିର୍ବାଚନ ହୋଇଛି। ଦେଶର ପ୍ରମୁଖ ବିରୋଧୀ ଦଳ ଜାମାତ-ଇ-ଇସଲାମୀ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ କଲୋନେଲ (ଅବସରପ୍ରାପ୍ତ) ଅଲି ଅହମଦ୍‌ଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଠିଆ କରାଇଥିଲା। ବାଂଲାଦେଶ ସମ୍ବାଦ ସଂସ୍ଥା (ବିଏସଏସ)ର ରିପୋର୍ଟ ଅନୁଯାୟୀ, ଆଲାମଗିର ୨୫୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ଅଲି ଅହମଦଙ୍କୁ ମାତ୍ର ୮୮ ଖଣ୍ଡ ଭୋଟ୍ ମିଳିଥିଲା।

# ପୃଥକ୍ ଦୁର୍ଘଟଣା: ୪ ମୃତ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ରାଜ୍ୟରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ଆଜି ମୋଟ ୪ ଜଣଙ୍କର ଜୀବନ ଯାଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏଥି ମଧ୍ୟରୁ ଗୋଟିଏ ଦୁର୍ଘଟଣାରେ ୩ ଜଣ ଯୁବକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଏକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସୁନ୍ଦରଗଡ଼ର ଏକ ପେଟ୍ରୋଲ୍ ପମ୍ପ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍‌ରେ ବସିଥିବା ତିନି ଜଣ ଯୁବକ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ରୋଡ୍‌ରେ ସାତକୋଶିଆ ଘାଟଠାରେ ଏକ ଅଟୋକୁ ଥାର ଧକ୍କା ଦେବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। କେନ୍ଦୁଝରର ଆନନ୍ଦପୁର ଥାନାଞ୍ଚଳର ସିକାବେଡ଼ା ଗ୍ରାମରୁ ୩୦ ଜଣ ପୁରୁଷ ଓ ମହିଳା ଧାନ କାଟିବା ସକାଶେ ଚାପୁଣ୍ଡିଆ ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ସେମାନେ ଦୁଇଟି ଅଟୋରେ ଫେରୁଥିବା ସମୟରେ ଗୋଟିଏ ଅଟୋକୁ ଦ୍ରୁତଗାମୀ ଥାର୍ ଧକ୍କା ଦେଇଥିଲା। ଏଥିରେ ଜଣେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଆହତ ୫ ଜଣଙ୍କୁ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।



## କାନ ଡେରିଥା

ପିଆଜ ଛୁଇଁଲା ପଚାଶ ପଚାଶ
ଆଖି ପାଣି ନିଶ୍ଚେ ବୋହିବ
ବିକାଶ ରଥରେ ଆଗକୁ ବଢ଼ିଲେ
ସମସ୍ୟା ନିଶ୍ଚୟ ଆସିବ
ଆଉ କଣ କଣ ବଢ଼ିବ...
ସଜେଇ ରଖିଥା ପାଞ୍ଚ ଶ ଟାଙ୍କ
ଆବଶ୍ୟକ ବେଳେ କାଢ଼ିବ !

■ ଦେବାଶିଷ

# କେନ୍ଦ୍ର ମନ୍ତ୍ରିମଣ୍ଡଳକୁ ପୁଣି ଫେରିବେ ଧର୍ମେନ୍ଦ୍ର!

- ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା
- ଫୋକସରେ ଉତ୍ତରପ୍ରଦେଶ ନିର୍ବାଚନ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ସଂଗଠନରେ ବଡ଼ ପରିବର୍ତ୍ତନ ପରେ ଚଳିତ ମାସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ କ୍ୟାବିନେଟରେ ଅଦଳବଦଳ ନେଇ କଳ୍ପନାଜଳ୍ପନା ଚାଲିଛି। ମନ୍ତ୍ରିମଣ୍ଡଳରେ କିଏ ରହିବ ଓ କିଏ ବିଦା ହେବ, ତାହାକୁ ନେଇ ଅଙ୍କକଷା ଚାଲିଥିବା ବେଳେ କିଛି ଜାତୀୟ ଗଣମାଧ୍ୟମରେ କିନ୍ତୁ ଧର୍ମେନ୍ଦ୍ର ପ୍ରଧାନ ସରକାରକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଆଲୋଚନା ଅନୁଯାୟୀ କିଛି ମନ୍ତ୍ରୀଙ୍କ ବିଭାଗ ବଦଳିପାରେ ଏବଂ ନୂତନ ଚେହେରାଙ୍କୁ ମଧ୍ୟ ଦାୟିତ୍ୱ ମିଳିପାରେ। ଉତ୍ତରପ୍ରଦେଶ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପିର ଆଗଧାଡ଼ିର ନେତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବଡ଼ ଭୂମିକା ମିଳିବାର ଚର୍ଚ୍ଚା ହେଉଛି।

ଜାତୀୟ ସ୍ତରରେ ହେଉଥିବା ଆଲୋଚନା ଅନୁଯାୟୀ ସିଜେପିର ବିରୋଧ ଯୋଗୁଁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା, କିନ୍ତୁ ଏହା ତାଙ୍କ ରାଜନୈତିକ କ୍ୟାରିୟର ଉପରେ ପୂର୍ଣ୍ଣ ବିରାମ ନୁହେଁ ଏବଂ ଏହା ନୁହେଁ ଯେ ମୋଦି ସରକାରରେ ଧର୍ମେନ୍ଦ୍ରଙ୍କୁ ଅଣଦେଖା କରାଯାଇଛି। ଜଣାପଡ଼ିଛି ଯେ ମୋଦି କ୍ୟାବିନେଟ୍‌କୁ ପ୍ରଧାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ।

ଇତିମଧ୍ୟରେ ବିଜେପି ସାଂଗଠନିକ ସ୍ତରରେ ବଡ଼ ପରିବର୍ତ୍ତନ କରିଛି। ଦଳର ନୂତନ ଅଧ୍ୟକ୍ଷ ନୀତିନ ନବୀନଙ୍କ ଟିମ୍ ଘୋଷଣା କରାଯାଇଛି। କେନ୍ଦ୍ର କ୍ୟାବିନେଟ୍‌ରେ ପରିବର୍ତ୍ତନ ପାଇଁ ଏବେ ପ୍ରସ୍ତୁତି ଚାଲିଛି। ଅନେକ ମନ୍ତ୍ରୀଙ୍କୁ ନୂଆ ଦାୟିତ୍ୱ ଦିଆଯାଇପାରେ, କେତେକଙ୍କର ବି ପକ୍ଷ ଛେଦନ ହୋଇପାରେ ଏବଂ କେତେକ ନୂଆ ମୁହଁଙ୍କୁ ମଧ୍ୟ ସ୍ଥାନ ମିଳିପାରେ। ବିଶ୍ୱାସ କରାଯାଏ ଯେ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟାବର୍ତ୍ତନର ବଡ଼ ସମ୍ଭାବନା ରହିଛି।

ଜାତୀୟ ସ୍ତରରେ ହେଉଥିବା ଆଲୋଚନା ଅନୁଯାୟୀ, ଚଳିତ ମାସ ଶେଷ ସୁଦ୍ଧା ମୋଦି କ୍ୟାବିନେଟ୍‌ରେ ଅଦଳବଦଳର ଖବର ଆସିପାରେ। ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟାବର୍ତ୍ତନକୁ ଏକ ପୂର୍ଣ୍ଣାଙ୍ଗ ପରିଣତି ଭାବରେ ଦେଖାଯାଉଛି କାରଣ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଧ୍ୟ ତାଙ୍କୁ କିରନ ରିଜିଜୁଙ୍କ ପାଖରେ ସଂସଦ ଭବନରେ ଏକ କୋଠରୀ ଆବଣ୍ଟନ କରାଯାଇଛି, ଯାହା ସାଧାରଣତଃ ଜଣେ ମନ୍ତ୍ରୀଙ୍କୁ ଆବଣ୍ଟିତ କରାଯାଇଥାଏ। ବର୍ତ୍ତମାନ କେଉଁ ମନ୍ତ୍ରଣାଳୟ ପ୍ରଧାନଙ୍କୁ ମିଳିବ ତାହା କହିବା କଷ୍ଟକର, କିନ୍ତୁ ତାଙ୍କୁ କୌଣସି ପ୍ରଭାବଶାଳୀ ବିଭାଗ ଦିଆଯାଇପାରେ।

କାରଣ ପ୍ରଧାନମନ୍ତ୍ରୀ ମୋଦିଙ୍କ ସବୁଠାରୁ ନିକଟତମ ତାଲିକାରେ ଧର୍ମେନ୍ଦ୍ର ଅଛନ୍ତି। ଉଲ୍ଲେଖନୀୟ ଯେ ନିଟ୍ ପ୍ରଶ୍ନପତ୍ର ଲିକ୍ ପରେ କକ୍ରୋଚ୍ ଜନତା ପାର୍ଟି ଆନ୍ଦୋଳନ କାରଣରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ତେବେ ଏହାପରେ ସଂସଦ ଭବନରେ ଶାସକ ଦଳର ସାଂସଦମାନେ ତାଙ୍କୁ ଯେଉଁଭଳି ଭାବେ ସ୍ୱାଗତ କରିଥିଲେ, ତାହା ସ୍ପଷ୍ଟ କରିଦେଇଥିଲା ଯେ ଜାତୀୟ ରାଜନୀତିରେ ଧର୍ମେନ୍ଦ୍ର ପ୍ରଭାବ କେତେ ରହିଛି।

ଦଳୀୟ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହେଉ କିମ୍ବା ନିର୍ବାଚନ ପରିଚାଳନା ହେଉ ଧର୍ମେନ୍ଦ୍ର ସବୁଠାରେ ସଫଳତାର ଛାପ ଛାଡ଼ିଛନ୍ତି। ➪ପୃଷ୍ଠା-୬

# ଜିଲ୍ଲାର ୨ଲକ୍ଷ ୫୧ହଜାର ଲୋକ ବନ୍ୟା ପ୍ରଭାବିତ




କେନ୍ଦ୍ରାପଡ଼ା, ୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ଯୋଗାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି।ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ ଯଥା ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ପୌରାଳର ୧୨ଟି ୱାର୍ଡ ପ୍ରଭାବିତ ହୋଇଛି। ମୋଟ ୭୬ଟି ଗ୍ରାମ ପଞ୍ଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୨, ୫୧, ୯୬୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି।ବନ୍ୟା ପ୍ରଭାବିତ ଅଞ୍ଚଳରୁ ଏପର୍ଯ୍ୟନ୍ତ ୬, ୩୫୦ ଜଣଙ୍କୁ ୩୧ଟି ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି।ଆଜି ୭ଟି କେନ୍ଦ୍ରରେ ୧, ୨୫୦ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ମୋଟ ୩୮ଟି ମୁକ୍ତ ରୋଷେଇ/ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୧୫ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଆଜି ୪, ୯୩୫ ଜଣ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ସମୁଦାୟ ୬, ୩୫୦ ଜଣ ହିତାଧିକାରୀ ଏହି ବ୍ୟବସ୍ଥାରୁ ଉପକୃତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି।ଏଥିରେ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ଗୋଟିଏ, ରାଜନଗରରେ ୩ଟି ଏବଂ ରାଜକନିକାରେ ୨ଟି ଟିମ୍ ରହିଛି।ସେହିପରି ୬ଟି ଭେଟେରାନାରୀ ଟିମ୍ ମଧ୍ୟ ନିୟୋଜିତ ଅଛନ୍ତି।ବନ୍ୟା ପ୍ରଭାବିତ ଲୋକଙ୍କୁ ଜରୁରୀ ରିଲିଫ୍ ଭାବେ ଚାଉଳ, ଚୁଡ଼ା, ଗୁଡ଼/ଚିନି, ବିସ୍କୁଟ୍, ପାଣି ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି।ସମୁଦାୟ ୬୨୮.୯୮ କ୍ୱିଣ୍ଟାଲ୍ ଚାଉଳ, ୫୫.୩ କ୍ୱିଣ୍ଟାଲ ଚୁଡ଼ା ଓ ୮୧ କ୍ୱିଣ୍ଟାଲ ଗୁଡ଼/ଚିନି ବଣ୍ଟନ କରାଯାଇଛି। ଏହାସହ ୧୬, ୯୧୪ ପ୍ୟାକେଟ୍ ବିସ୍କୁଟ୍, ୧, ୧୬, ୬୨୦ ବୋତଲ ପାଣି ଓ ୬୧, ୦୦୦ ପାଣି ପାଉଚ୍ ଯୋଗାଇ ଦିଆଯାଇଛି। ଆଜି ୨୧୨.୪୫ କ୍ୱିଣ୍ଟାଲ ଚୁଡ଼ା, ୮.୮୫ କ୍ୱିଣ୍ଟାଲ ଗୁଡ଼/ଚିନି, ୨, ୪୦୪ ପ୍ୟାକେଟ୍ ବିସ୍କୁଟ୍, ୨୮, ୬୦୦ ବୋତଲ ପାଣି ଓ ୧୭, ୫୦୦ ପାଣି ପାଉଚ୍ ବଣ୍ଟନ କରାଯାଇଛି। ବନ୍ୟାଜଳରେ ବୁଡ଼ିଯିବା କାରଣରୁ ୧୪୨ଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ୮ଟି ପାୱାର ବୋଟ୍, ୧୩୭ଟି ଦେଶୀ ଡଙ୍ଗା ଏବଂ ୧୭ଟି ମେକାନାଇଜ୍ଡ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି।ବନ୍ୟା ପ୍ରଭାବରେ ପ୍ରାୟ ୧୪, ୨୭୮ ହେକ୍ଟର ଫସଲ ଅଞ୍ଚଳରେ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବନ୍ୟାଜଳ ହ୍ରାସ ପରେ ଫସଲ ଓ ଘରବାଡ଼ି କ୍ଷୟକ୍ଷତିର ବିସ୍ତୃତ ଆକଳନ କରାଯିବ।ବ୍ରାହ୍ମଣୀ ନଦୀ ଅଳଭାଠାରେ ଜଳସ୍ତର ୫.୯୦ ମିଟର, ଯାହାର ବିପଦ ସଙ୍କେତ ୪.୮୮ ମିଟର। ଗୋପାଳପୁରଠାରେ ଜଳସ୍ତର ୧୦.୨୧ ମିଟର, ବିପଦ ସଙ୍କେତ ୧୦.୦୫ ମିଟର ରହିଛି। ଜେନାପୁର ଆନିକଟରେ ଜଳସ୍ତର ୬୪.୪୦ ଫୁଟ୍, ବିପଦ ସଙ୍କେତ ୬୭ ଫୁଟ୍ ରହିଛି। ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ୧୮.୦୭ ମିଟର, ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ମୁଣ୍ଡଳୀଠାରେ ୪, ୭୪, ୬୨୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ୨୦ ଅଗଷ୍ଟ ୨୦୨୬ରେ ଜିଲ୍ଲାରେ ମୋଟ ୪୭ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଜିଲ୍ଲାର ହାରାହାରି ବର୍ଷା ୫.୨୨ ମି.ମି. ରହିଛି।

---

**ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଅବ୍ୟବସ୍ଥା**

## ଅଫିସ୍ କାନ୍ଥ ଫାଟିବା ଆଶଙ୍କା; ଗଛ କାଟିବାକୁ ବୁଦ୍ଧିଜୀବୀଙ୍କ ଦାବି

କେନ୍ଦ୍ରାପଡ଼ା, ୨୦।୮(ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ କାର୍ଯ୍ୟାଳୟର ପଛପଟେ ଏକ ଝରକା ଉପରେ ବିରାଟ ଅଶ୍ୱତ୍ଥ ଓ ବର ଗଛ ବଢ଼ିଚାଲିଛି।




ଗଛର ମୂଳ କାର୍ଯ୍ୟାଳୟର କାନ୍ଥ ଓ ଛାତକୁ କ୍ଷତି ପହଞ୍ଚାଇବା ସହ ଆଗାମୀ ଦିନରେ କାନ୍ଥ ଫାଟିବାର ଆଶଙ୍କା ରହିଛି। ଏଭଳି ଗମ୍ଭୀର ପରିସ୍ଥିତି ସତ୍ତ୍ୱେ କାର୍ଯ୍ୟାଳୟର ସଫେଇ କର୍ମଚାରୀ କିମ୍ବା ବ୍ଲକ ପ୍ରଶାସନ ଏ ବିଷୟରେ ନଜର ଦେଉନଥିବା ନେଇ ପ୍ରଶ୍ନ ଉଠିଛି।ତୁରନ୍ତ ଗଛଟିକୁ ହଟାଇ କାର୍ଯ୍ୟାଳୟର ସୁରକ୍ଷା ସୁନିଶ୍ଚିତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଦାବି କରିଛନ୍ତି। ଅନ୍ୟପଟେ, ସରକାରଙ୍କ ପକ୍ଷରୁ 'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ଅଭିଯାନ' ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅପରିଷ୍କାର ପରିବେଶ ନେଇ ମଧ୍ୟ ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଭିତରେ ପାନ ଛେପ, ଗୁଟଖା ଓ ଅନ୍ୟାନ୍ୟ ଅଳିଆ ପଡ଼ିଥିବା ଦେଖାଯାଉଥିବା ଅଭିଯୋଗ ଆସିଛି। ଜନସାଧାରଣଙ୍କ କାମ ସହ ଜଡ଼ିତ ଏହି କାର୍ଯ୍ୟାଳୟରେ ସ୍ୱଚ୍ଛତା ଓ ଶୃଙ୍ଖଳା ବଜାୟ ରଖିବା ସହ ଗଛଟିକୁ ତୁରନ୍ତ ହଟାଇବା ପାଇଁ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସଚେତନ ମହଲ ଦାବି କରିଛି।

---

## ଦ୍ୱିତୀୟ ପର୍ଯ୍ୟାୟରେ ଡିଏଭି ପବ୍ଲିକ ସ୍କୁଲର ବନ୍ୟା ସହାୟତା




କେନ୍ଦ୍ରାପଡ଼ା,୨୦।୮(ସଂଚାର ବ୍ୟୁରୋ): ବନ୍ୟା ବିପନ୍ନଙ୍କ ନିକଟରେ ସହାୟତା ପହଞ୍ଚାଇବା ଉଦ୍ଦେଶ୍ୟରେ ଡିଏଭି ପବ୍ଲିକ ସ୍କୁଲ, କେନ୍ଦ୍ରାପଡ଼ା ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ତରଡିପାଳ ଗ୍ରାମପଞ୍ଚାୟତ ଓ ଖେଣ୍ଡପାଳ ଗ୍ରାମପଞ୍ଚାୟତ ବନ୍ୟା ପ୍ଲାବିତ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟର ବନ୍ୟା ସହାୟତା ଅଭିଯାନ ଚାଲିଛି। ବନ୍ୟା ପାଣି ଘେରି ରହିଥିବା ଅଞ୍ଚଳରେ ସେବାଦଳ ଡଙ୍ଗା ଯୋଗେ ଘରକୁ ଘର ବୁଲି ବିପନ୍ନ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇଥିଲେ। ଏହି ପରିବାରଙ୍କୁ ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା।ଏହି ମାନବିକ ସେବା ଅଭିଯାନରେ ବରିଷ୍ଠ ସମାଜସେବୀ ମହମ୍ମଦ ଜାହିଦ ଖାନ ଓ ପ୍ରେମାନନ୍ଦ ବିଶ୍ୱାଳ ଯୋଗଦେଇ ବନ୍ୟା ବିପନ୍ନଙ୍କୁ ସହାୟତା ପହଞ୍ଚାଇବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ରିଲିଫ୍ ଅଭିଯାନ ପରିଚାଳିତ ହୋଇଥିଲା। ଦୁଇଟି ଗ୍ରାମପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକଙ୍କ ଦ୍ୱାରଦେଶରେ ଡଙ୍ଗା ଯୋଗେ ପହଞ୍ଚି ଆବଶ୍ୟକ ସାମଗ୍ରୀ ଯୋଗାଇବାର ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ।

## ଦୁର୍ଘଟଣାରେ ଆହତ ପ୍ରୀତିଙ୍କୁ ଭେଟିଲେ ଚିତ୍ତରଞ୍ଜନ



ମହାକାଳପଡ଼ା,୨୦।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତ ବରକନ୍ଧା ଗ୍ରାମର ଯୁବନେତା ତଥା ସଙ୍ଗଠକ ପ୍ରିତିରଞ୍ଜନ ରାଉତ ସଡ଼କ ଦୁର୍ଘଟଣାରେ ଆହତ ହୋଇ କଟକର ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରିତି ଜଣେ ମିଳାପି ଓ ପରୋପକାରୀ ସ୍ୱଭାବର ଯୁବକ।ତାଙ୍କ ଦୁର୍ଘଟଣା ଖବର ସମସ୍ତଙ୍କୁ ବ୍ୟଥିତ କରିଥିବା ବେଳେ ପରିବାର ଲୋକେ ଧୌର୍ଯ୍ୟହରା ହୋଇ ପଡ଼ିଛନ୍ତି। ଏହି ଖବର ଜାଣିବା ପରେ ମହାକାଳପଡ଼ାର ଯୁବନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ପ୍ରିତିରଞ୍ଜନ ଙ୍କୁ ମେଡିକାଲ୍ ରେ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି। ସମସ୍ତଙ୍କ ଭଲପାଇବା ଓ ଜଗନ୍ନାଥଙ୍କ ଆଶୀର୍ବାଦ ରୁ ପ୍ରୀତି ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବ ବୋଲି ସେ ଆଶ୍ୱସନା ଦେଇଛନ୍ତି।

---

**ବିଭିନ୍ନ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମନିଟରିଂ**

## ଶିକ୍ଷାଦାନର ଗୁଣବତ୍ତା ଓ ସ୍ୱଚ୍ଛ ଶିକ୍ଷା ପରିବେଶ ଉପରେ ଗୁରୁତ୍ୱ



ବାରିପଦା,୨୦।୮(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନର ଗୁଣବତ୍ତା, ଶିକ୍ଷା ପରିବେଶ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତିର ସ୍ଥିତି ଅନୁଧ୍ୟାନ ନିମନ୍ତେ ଆଜି ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଯୋଜନା) ଶଶୀଧର ସିଂ ମିଳିତ ଭାବେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ମନିଟରିଂ କରିଥିଲେ। ଏହି କ୍ରମରେ ଜୟବିଲା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଭୋଲଗାଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଭାଲୁକିସ୍ଥିତ କେ.ସି. ଉଚ୍ଚ ବିଦ୍ୟାଳୟ, ଭାଲୁକି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ରଙ୍ଗାମାଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା। ପରିଦର୍ଶନ ସମୟରେ ଅଧିକାରୀମାନେ ଚାଲୁଥିବା ଶ୍ରେଣୀ ଶିକ୍ଷାଦାନ, ପାଠ୍ୟକ୍ରମ ଅନୁଯାୟୀ ପାଠ ପ୍ରସ୍ତୁତି ଓ ଶିକ୍ଷା ନୋଟ୍, ବିଦ୍ୟାଳୟ ପରିସରର ପରିଚ୍ଛନ୍ନତା, ଶୌଚାଳୟର ସ୍ୱଚ୍ଛତା, ପାନୀୟ ଜଳର ଉପଲବ୍ଧତା ଓ ସ୍ୱଚ୍ଛତା, ଛାତ୍ରାବାସର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ଆଦି ଯାଞ୍ଚ କରିଥିଲେ। ଏଥିସହ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଜିଲ୍ଲାର ଅଭିନବ ଶିକ୍ଷାମୂଳକ ପଦକ୍ଷେପ 'ମେଧାବୀ ମୟୂରଭଞ୍ଜ' ଅଧୀନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ କାର୍ଯ୍ୟକାରିତା ମଧ୍ୟ ସମୀକ୍ଷା କରାଯାଇଥିଲା।

---

## ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି'

ବାରିପଦା,୨୦।୮(ସଂଚାର ବ୍ୟୁରୋ): ସରକାରୀ ଉଚ୍ଚ ବିଦ୍ୟାଳୟ, ରରୁଆଁରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ବିକାଶ ନିମନ୍ତେ ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ରରୁଆଁ ବ୍ଲକର ୪୮ ଜଣ ପ୍ରାଥମିକ ବିଦ୍ୟାଳୟ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ତିନିଦିନିଆ କର୍ମଶାଳାଟି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ଶିକ୍ଷକ-ପ୍ରଶିକ୍ଷକ ତଥା ଡାଏଟ-ସିଆରସିସି ସଂଯୋଗ ସହ-ସଂଯୋଜକ, ରରୁଆଁ ସଞ୍ଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ଓ ଉଦଘାଟନୀ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶଚନ୍ଦ୍ର ମୁଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ରନାଥ ରାଉତ, ସରକାରୀ ଉଚ୍ଚ ବିଦ୍ୟାଳୟ, ରରୁଆଁର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମହାନ୍ତ, ସି.ଆର.ସି.ସି., ରରୁଆଁ ପଙ୍କଜ କୁମାର ମହାନ୍ତ, ସି.ଆର.ସି.ସି., ଭଞ୍ଜକିଆ ପଙ୍କଜ ଲୋଚନ ମହାନ୍ତ ଏବଂ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ଶିକ୍ଷକ-ପ୍ରଶିକ୍ଷକ ତଥା ସାଧନ-କର୍ମୀ ସାଗର କୁମାର ଦଳନାଏକ, ଶିକ୍ଷକ-ପ୍ରଶିକ୍ଷକ ସଞ୍ଜୀବ କୁମାର ପାତ୍ର, ସାଧନ-କର୍ମୀ ମନୋଜ କୁମାର ପାତ୍ର ଏବଂ ସଞ୍ଜୀବ କୁମାର ବେହେରାଙ୍କର ଦ୍ୱାରା ତିନିଦିନଧରି କର୍ମଶାଳାଟି ସୂଚାରୁରୂପେ ପରିଚାଳିତ ହୋଇଥିଲା।

---

## ବିଧାୟକଙ୍କ ନିର୍ଦ୍ଦେଶରେ ବଦଳିଲା ଜଳିଯାଇଥିବା ଟ୍ରାନ୍ସଫର୍ମର



ମହାକାଳପଡ଼ା,୨୦।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣିମାଠିଆ ଗ୍ରାମରେ ବର୍ଷା ଓ ଘଡ଼ଘଡ଼ି ଯୋଗୁଁ ଦୁଇ ଦିନ ତଳେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିଯାଇଥିଲା। ଫଳରେ ପ୍ରାୟ ୭୦୦ ବିଦ୍ୟୁତ୍ ଉପଭୋକ୍ତା ଅସୁବିଧାରେ ପଡ଼ିଥିଲେ। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ସ୍ଥାନୀୟ ଯୁବନେତା ଇଂ. ଚନ୍ଦ୍ରକାନ୍ତ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କ ସମେତ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଅବଗତ କରାଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ବିଭାଗୀୟ ଅଧିକାରୀଙ୍କ ଏକ ଟିମ୍ ଗ୍ରାମରେ ପହଞ୍ଚି ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବା ସହ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିଥିଲେ। ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବା ପରେ ଗ୍ରାମବାସୀ ଓ ଉପଭୋକ୍ତାମାନେ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ



ମାର୍ଶାଘାଇ,୨୦।୮(ସଂଚାର ବ୍ୟୁରୋ): ମାର୍ଶାଘାଇ ବଜାର କଲେଜ ରୋଡ଼ର ଦୁର୍ଗା ଟାଇମ୍ସ ଘଣ୍ଟା ଦୋକାନର ମାଲିକ ଧିରେନ କୁମାର ସିଂ (୬୪)ଙ୍କର ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି । ବୁଧବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ ଏବଂ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି କ୍ଷ ପୁରୀ ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଏକମାତ୍ର ପୁତ୍ର ବିଶ୍ୱପ୍ରକାଶ ସିଂ ମୁଖାଗ୍ନି ଦେଇଥିଲେ।

## ସର୍ପାଘାତ ଆଶଙ୍କାରେ ଚିକିତ୍ସା ହୋଇ ଫେରିଲେ ଅଂଶୁମାନ



ପଟ୍ଟାମୁଣ୍ଡାଇ,୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଲୋକପ୍ରିୟ ନେତା ଦିବଂଗତ ପୂର୍ବତନମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ସୁପୁତ୍ର ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ତାଙ୍କର ସମର୍ଥକଙ୍କ ସହିତ ବନ୍ୟା ବିପନ୍ନ ବାଛରା ପଞ୍ଚାୟତ ପରିଦର୍ଶନ ରେ ବିପନ୍ନ ଲୋକମାନଙ୍କୁ ଭେଟି ଆଲୋଚନା କରୁଥିବା ସମୟରେ ସର୍ପାଘାତ ଆଶଙ୍କା କରିଥିଲେ ଓ ତାଙ୍କ ଗୋଡ଼ରେ ଚିହ୍ନ ଥିବାରୁ ତୁରନ୍ତ ହସ୍ପିଟାଲ ଯାଇ ରକ୍ତ ପରୀକ୍ଷା କରିବା ପରେ ଭୁବନେଶ୍ୱର ଫେରି ଯାଇଛନ୍ତି ଓ ଏହି ଖବର ସମଗ୍ର ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି ଓ ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ଦଳର ନେତା କର୍ମୀ ଓ ଅଂଶୁମାନଙ୍କ ବହୁ ଶୁଭାକାଂକ୍ଷୀ ସମର୍ଥକ ଗଭୀର ମର୍ମାହତ ହୋଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ବନ୍ୟାଜଳରେ ନଷ୍ଟ ହୋଇଥିବା ଫସଲର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଦାବି

କେନ୍ଦ୍ରାପଡା, ୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ପ୍ରାୟ ଦୁଇମାସ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଓ ଦୁଇ ଦୁଇଥର ବନ୍ୟା ପ୍ରବେଶ କରିବା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ହଜାର ହଜାର ହେକ୍ଟର ଫସଲ ଜମି ନଷ୍ଟ ହେବା ସହ ଫସଲ ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯାହାଫଳରେ ଚାଷୀମାନେ ନିରାଶ ହୋଇ ବସିଛନ୍ତି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଞ୍ଚାୟତ ଅଧିନସ୍ଥ ଗଇଦୁଆ, ପିଙ୍ଗଳ, ତନାର, ବାରୋ, କପାଳେଶ୍ୱର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଫସଲ ନଷ୍ଟ ହୋଇଥିବାରୁ ଏହାକୁ ଆକଳନ କରି କ୍ଷତିପୂରଣ ପ୍ରଦାନ କରିବା ପାଇଁ କୋର ପଞ୍ଚାୟତର ଜିତେନ୍ଦ୍ର ରାଉତ, ନୃସିଂହ ଚରଣ ସାମଲ, ବାବାଜି ଚରଣ ମଲ୍ଲିକ, ରମେଶ ଜେନା, ପ୍ରହ୍ଲାଦ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

---

## ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ପାଠପଢ଼ା ବ୍ୟାଘାତ

କେନ୍ଦ୍ରାପଡା, ୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନାଗପୁର ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ପରିଚାଳନା କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଭେଟି ଶିକ୍ଷକ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି। ବିଦ୍ୟାଳୟରେ ପ୍ରାୟ ୧୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୯୭ ଜଣ ଅନ୍ତେବାସିନୀ ଏବଂ ୮୭ ଜଣ ଦିବାଧ୍ୟାୟୀ ଅଟନ୍ତି। ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀ ପାଇଁ ମାତ୍ର ଦୁଇଜଣ ନିୟମିତ ଶିକ୍ଷୟିତ୍ରୀ ଜଣେ ଅତିଥି ଶିକ୍ଷକ ଅଛନ୍ତି। ଯାହାଫଳରେ ପିଲାମାନଙ୍କର ଶିକ୍ଷାଦାନ ଗୁରୁତର ଭାବରେ ବ୍ୟାହାତ ହେଉଛି। ଏ ବିଷୟରେ ପରିଚାଳନା କମିଟିର ସଦସ୍ୟମାନେ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଶିକ୍ଷକ ନିଯୁକ୍ତି କରିବା ପାଇଁ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ବନ୍ଦନା ରାଉତ, ବାସନ୍ତୀ ମଳିକ, ଗୋବିନ୍ଦ ମଳିକ, ପ୍ରଦୀପ ରାଉତ, କାମିନୀ ରାଉତ ପ୍ରମୁଖ ଦାବି କରିଛନ୍ତି।

---

## ୧୬୬ ଲିଟରର ଚୋରା ମଦ ଜବତ, ୮ଗିରଫ



କେନ୍ଦ୍ରାପଡ଼ା, ୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ରାଜକନିକ, ମାର୍ଶାଘାଇ, ଜମ୍ବୁ ସାମୁଦ୍ରିକ, ଡେରାବିଶ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଦାସଭାଗରିଆ ଗ୍ରାମର ରୁଣୁ ବେହେରାଙ୍କ ନିକଟରୁ ୨୬ ଲିଟର ଚୋରା ବିଦେଶୀ ମଦ, ତୁଳଶିଶାସନ ଗ୍ରାମର ତ୍ରିଲୋଚନ ଦାସଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ମଦ, ବାରୁଣଦିଆ ଗ୍ରାମର ଜୀତେନ୍ଦ୍ର ସେଠୀ (୩୫)ଙ୍କ ନିକଟରୁ ୨୨ ଲିଟର ଚୋରା ବିଦେଶୀ ମଦ, ପ୍ରଭାକରପୁର ଗ୍ରାମର ଗାମୀ ରାଉତଙ୍କ ଠାରୁ ୯ ଲିଟର ଚୋରା ଦେଶୀ ରନ୍ଧା ମଦ, ଶ୍ୟାମଯୋରି ଗ୍ରାମର ଶୁକ ଖିଲାରଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ, ଜମ୍ବୁ ଗ୍ରାମର ଦିଲୀପ ପଲେଇଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ନୀଳିକଣା ଗ୍ରାମର ଅଜୟ କୁମାର ସ୍ୱାଇଁଙ୍କ ନିକଟରୁ ୨୭ ଲିଟର ଚୋରା ବିଦେଶୀ ମଦ ଓ ବିଶ୍ୱକ ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ନିକଟରୁ ୩୫ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୧୬୬ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ ଜବତ କରାଯାଇଥିବାବେଳେ ୮ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଆଗକୁ ଅବକାରୀ ଚଢ଼ାଉ ଅଧିକ ଜୋରଦାର କରାଯିବ ବୋଲି କେନ୍ଦ୍ରାପଡ଼ା ଅବକାରୀ ଅଧିକ୍ଷକ ଶ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି।

---

# ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା, ୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଏକ ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଭିଯୁକ୍ତ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ମହାକାଳପଡ଼ା ଥାନା ଅଞ୍ଚଳର ବଙ୍ଗାଳି ମଲିକ(୭୦)। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ ମସିହା ଜାନୁଆରୀମାସ ୨୨ ତାରିଖରେ ସେହି ଥାନା ଅଞ୍ଚଳର ଜଣେ ୧୧ ବର୍ଷର ନାବାଳିକା ବଙ୍ଗାଳି ମଲ୍ଲିକଙ୍କ ଘରକୁ ଯାଇଥିଲେ। ହେଲେ ସେହି ସମୟରେ କେହି ନଥିବାର ସୁଯୋଗ ନେଇ ବଙ୍ଗାଳି ମଲ୍ଲିକ ନାବାଳିକାଙ୍କ ସହ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ପାଟି କରିବାରୁ ଅଭିଯୁକ୍ତ ତାଙ୍କ ପାଟିକୁ ଏକ ଗାମୁଛାରେ ବାନ୍ଧି ଦେଇଥିଲେ। ଏହାସହ ଘଟଣା ସଂପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ତାକୁ ଧମକ ଦେଇଥିଲେ। ଅସଦାଚରଣ କରିବା ପରେ ନାବାଳିକାଙ୍କୁ ଘରୁ ବାହାରକୁ ଫିଙ୍ଗି ଦେଇଥିଲେ। ଏ ନେଇ ନାବାଳିକାଙ୍କ ମା' ମହାକାଳପଡା ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ କୋର୍ଟରେ ସ୍ୱତନ୍ତ୍ର ପିପି ନେହେରୁ ସାହୁ ମାମଲା ପରିଚାଳନା କରୁଥିଲେ।

---

# ଡ୍ରେନ୍ ସଫେଇ ନାଁରେ ଚୁପ୍ ଯାଜପୁର ପୌରପାଳିକା

**ସର୍ବହରା ଛକରୁ ବଲ୍ଲଭୀଘାଟ ପର୍ଯ୍ୟନ୍ତ ରାସ୍ତାରେ ବୋହୁଛି ଡ୍ରେନ୍ ପାଣି, ଯାତାୟାତରେ ଘୋର ଅସୁବିଧା!**

ଯାଜପୁର, ୨୦।୮ (ସଂଚାର ବ୍ୟୁରୋ): ଯାଜପୁର ସହରରେ ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ଦିନକୁ ଦିନ ବଢ଼ୁଛି ଅସନ୍ତୋଷ। ସହରର ଡ୍ରେନ୍ ସଫେଇ କାମ ନିୟମିତ ଓ ସଠିକ୍ ଭାବେ ହେଉନଥିବାରୁ ବର୍ଷା ହେଲେ ଡ୍ରେନ୍ ପାଣି ରାସ୍ତାକୁ ଉଠି ଆସୁଥିବା ଅଭିଯୋଗ ହୋଇଛି। ଏବେ ସର୍ବହରା ଛକରୁ ବଲ୍ଲଭୀଘାଟ ପର୍ଯ୍ୟନ୍ତ ରାସ୍ତାର ଅନେକ ସ୍ଥାନରେ ଡ୍ରେନ୍ ପାଣି ବହୁଥିବାରୁ ସହରର ପରିମଳ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନଚିହ୍ନ ଲାଗିଛି। ରାସ୍ତା କଡ଼ର ଡ୍ରେନ୍‌ରେ ଆବର୍ଜନା ଓ ପଙ୍କ ଜମି ରହିଥିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଫଳରେ ଡ୍ରେନ୍‌ର ପାଣି ରାସ୍ତା ଉପରକୁ ଆସି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଦୁଇଚକିଆ ଯାନ ଚାଳକଙ୍କଠାରୁ ଆରମ୍ଭ କରି ପଥଚାରୀ ପର୍ଯ୍ୟନ୍ତ ସମସ୍ତେ ଏହାଦ୍ୱାରା ହଇରାଣ ହେଉଛନ୍ତି। ବିଶେଷକରି ବୃଦ୍ଧ, ମହିଳା ଓ ଛୋଟ ପିଲାଙ୍କ ପାଇଁ ରାସ୍ତାରେ ବହୁଥିବା ଦୂଷିତ ପାଣି ଅଧିକ ସମସ୍ୟା ସୃଷ୍ଟି କରୁଛି।




ଏହି ରାସ୍ତା ଦେଇ ଦୈନିକ ବହୁ ଲୋକ ଯାତାୟାତ କରିବା ସହ ବିଭିନ୍ନ ମନ୍ଦିରକୁ ଭକ୍ତଙ୍କ ଯିବାଆସିବା ଲାଗି ରହିଥାଏ। ରାସ୍ତା ଉପରେ ଡ୍ରେନ୍ ପାଣି ବହିବା ଯୋଗୁଁ ଭକ୍ତ ଓ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏପରିକି ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ରାସ୍ତାରେ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି।ସହରର ଡ୍ରେନ୍ ସଫେଇ ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଥିବା କୁହାଯାଉଥିଲେ ମଧ୍ୟ ସଫେଇ କାମର ବାସ୍ତବ ଚିତ୍ର ଭିନ୍ନ ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଯଦି ଠିକା ସଂସ୍ଥା ନିୟମିତ ଭାବେ ଡ୍ରେନ୍ ସଫେଇ କରୁନାହିଁ, ତେବେ ସମ୍ପୃକ୍ତ ସଂସ୍ଥା ବିରୋଧରେ ପୌରପାଳିକା କଣ ପଦକ୍ଷେପ ନେଉଛି ତାହା ଏବେ ବଡ଼ ପ୍ରଶ୍ନ। ଠିକା ସଂସ୍ଥାକୁ ଦାୟିତ୍ୱ ଦେଇ ପୌରପାଳିକା ଚୁପ୍ ବସିଗଲେ ସହରର ପରିମଳ ବ୍ୟବସ୍ଥା କିପରି ସୁଧୁରିବ? ଠିକା ସଂସ୍ଥାର କାମ ଠିକ୍ ଭାବେ ହେଉଛି କି ନାହିଁ, ନିର୍ଦ୍ଧାରିତ ସମୟରେ ଡ୍ରେନ୍ ସଫେଇ ହେଉଛି କି ନାହିଁ ଏବଂ ଲୋକଙ୍କ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନିଆଯାଉଛି କି ନାହିଁ ଏସବୁର ତଦାରଖ କରିବା ପୌରପାଳିକାର ଦାୟିତ୍ୱ ବୋଲି ସହରବାସୀ ମତ ଦେଇଛନ୍ତି। ବର୍ଷା ଋତୁରେ ଡ୍ରେନ୍ ସଫେଇକୁ ଗୁରୁତ୍ୱ ନଦେଲେ ପରିସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ଡ୍ରେନ୍‌ରେ ପାଣି ନିଷ୍କାସନ ଠିକ୍ ଭାବେ ନହେଲେ ରାସ୍ତା ଉପରେ ଦୂଷିତ ପାଣି ଜମିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବ। ଏହା ସହରବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଚିନ୍ତାର କାରଣ ହୋଇପାରେ। ସହରବାସୀଙ୍କ କହିବା କଥା, ପ୍ରତିବର୍ଷ ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ ନେଇ ବଡ଼ ବଡ଼ ଦାବି ଓ ଯୋଜନା ହେଉଛି। ହେଲେ ବର୍ଷା ହେଲେ ବାସ୍ତବ ଚିତ୍ର ପଦାକୁ ଆସୁଛି। ଯଦି ସଫେଇ କାମ ଠିକ୍ ଭାବେ ହେଉଥାନ୍ତା, ତେବେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ରାସ୍ତାକୁ ଆସିବାର ପରିସ୍ଥିତି କାହିଁକି ସୃଷ୍ଟି ହେଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

---

**● ମହାକାଳପଡ଼ାରେ ବଦଳି ନିର୍ଦ୍ଦେଶକୁ ଅଣଦେଖା**

## ବର୍ଷ ବର୍ଷ ଧରି ସମାନ ସ୍ଥାନରେ କର୍ମଚାରୀ

ମହାକାଳପଡ଼ା, ୨୦।୮(ସଂଚାର ବ୍ୟୁରୋ): ସରକାରୀ କର୍ମଚାରୀଙ୍କୁ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରଖା ନଯିବା ଏବଂ ସମୟାନୁସାରେ ବଦଳି କରାଯିବା ନେଇ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ମହାକାଳପଡ଼ା କିଆରବାଙ୍କସ୍ଥିତ ତଟବନ୍ଧ ବିଭାଗର ସବ୍-ଡିଭିଜନ୍ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖାଯାଉଥିବା ଅଭିଯୋଗ ଉଠିଛି। ମିଳିଥିବା ସୂଚନା ଅନୁଯାୟୀ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପଣ୍ଡା ୨୬.୧୨.୨୦୧୬ରୁ ପ୍ରାୟ ୯ ବର୍ଷ ୮ ମାସ ଏବଂ ସହକାରୀ ଯନ୍ତ୍ରୀ ଚିତରଞ୍ଜନ ବେହେରା ୦୮.୦୨.୨୦୨୧ରୁ ପ୍ରାୟ ୫ ବର୍ଷ ୬ ମାସ ଧରି ଏଠାରେ କାର୍ଯ୍ୟରତ ଅଛନ୍ତି। ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଅତିରିକ୍ତ ଦାୟିତ୍ୱ) ପ୍ରାଣନାଥ ମୁଣ୍ଡା ୨୪.୦୪.୨୦୨୩ ରୁ ଦାୟିତ୍ୱରେ ଅଛନ୍ତି। ଅନ୍ୟପକ୍ଷରେ, ପିଅନ ସଚିତ୍ର କୁମାର ଜେନା ୧୬ ଜାନୁଆରୀ ୨୦୧୮ ରୁ ପ୍ରାୟ ୮ ବର୍ଷ ୭ ମାସ, ପିଅନ୍ କୈଳାଶ ଚନ୍ଦ୍ର ବାରିକ ୫ ସେପ୍ଟେମ୍ବର ୧୯୯୭ ରୁ ପ୍ରାୟ ୨୮ ବର୍ଷ ୧୧ ମାସ ଏବଂ ପିଅନ୍ ଶ୍ରୀକାନ୍ତ ବେହେରା ୨୦ ଜୁଲାଇ ୧୯୯୩ ରୁ ପ୍ରାୟ ୩୩ ବର୍ଷ ଧରି ସମାନ ସ୍ଥାନରେ କାର୍ଯ୍ୟରତ ଥିବା ସୂଚନା ହସ୍ତଗତ ହୋଇଛି। କେବଳ ସେତିକି ନୁହେଁ ମାଝୀ ପ୍ରଫୁଲ୍ଲ କୁମାର ସାମଲ ୨୨ ଜୁନ ୨୦୦୧ ରୁ ପ୍ରାୟ ୨୫ ବର୍ଷ, ଖଲାସୀ ଧିରେନ୍ଦ୍ର କୁମାର ବେହେରା ୧ ମାର୍ଚ୍ଚ ୨୦୧୧, ବିଜୟ କୁମାର ତରାଇ ୧୧ ନଭେମ୍ବର ୨୦୧୧, ସୁଧାଂଶୁ ଶେଖର ପାତ୍ର ୧ ଅଗଷ୍ଟ ୨୦୧୪ ରୁ ଦୀର୍ଘ ୧୨ ବର୍ଷ ଧରି ୱର୍କସର୍କାର ସଂଗ୍ରାମ କେଶରୀ ବରାଳ ୧୧ ନଭେମ୍ବର ୨୦୧୧ ରୁ ପ୍ରାୟ ୧୫ ବର୍ଷ ୬ ମାସ ଓ ମେଟ୍ ରମେଶ ଚନ୍ଦ୍ର ସେଠୀ ୧୧ ନଭେମ୍ବର ୨୦୧୧ ରୁ ପ୍ରାୟ ୧୪ ବର୍ଷ ୯ କାର୍ଯ୍ୟରତ ଥିବା ତଥ୍ୟ କହୁଛି ଛି। ଏତେ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ କର୍ମଚାରୀ ରହିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।



ବାଚସ୍ପତି ସୁରମା ପାଢ଼ୀଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣାର୍ଥୀଗଣ।

## ୧୨ରେ ଖୋର୍ଦ୍ଧା ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୨ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ/ରାଜସ୍ୱ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଏନେଇ ଆଜି ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଯଥା ଫୌଜଦାରୀ (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଟ୍ରାଫିକ୍ ଚାଲାଣ, ରାଜସ୍ୱ, ଶ୍ରମ, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ମୋଟର ଦୁର୍ଘଟଣା, ଜମିଜମା ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମାମଲା ନୁହେଁ, ଅଦାଲତରେ ମାମଲା ଦାୟର ହୋଇ ନ ଥାଇ ମଧ୍ୟ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦ ଯଥା ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ, ପାନୀୟ ଜଳ ବିଲ୍ ଅନାଦେୟ ମାମଲାଗୁଡ଼ିକର ମଧ୍ୟ ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ଆପୋଷ ସହମତି ଭିତ୍ତିରେ ସମାଧାନ ହୋଇପାରିବ। ଉକ୍ତ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ହିତାଧିକାରୀମାନଙ୍କୁ ଦେବାକୁ ପଡ଼ିବ ନାହିଁ।

### ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜିକରଣ ତ୍ୱରାନ୍ୱିତ

# ପଞ୍ଜୀକୃତ ହୋଇଛନ୍ତି ପ୍ରାୟ ସାଢ଼େ ୫ ଲକ୍ଷ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଅଦ୍ୟାବଧି ରାଜ୍ୟର ପ୍ରାୟ ସାଢ଼େ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଲେଣି। ଏହି ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପଞ୍ଜିକରଣ ପ୍ରକ୍ରିୟା ଅବଧି ଶେଷ ହେବାକୁ ଯାଉଥିବାରୁ ଅଧିକ ଚାଷୀ ପଞ୍ଜିକରଣ କରୁଥିବା ଦୃଷ୍ଟିକୁ ଆସିଛି। ଏଥି ନିମନ୍ତେ ଚାଷୀ ପଞ୍ଜିକରଣ ପାଇଁ ପ୍ରାଥମିକ କୃଷି ସମବାୟ ସମିତି, ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି ଓ ପାଣି ପଞ୍ଚାୟତରେ ପଞ୍ଜିକରଣ କରାଯାଉଛି। ଏଥିରେ ପଞ୍ଜିକରଣ ପାଇଁ ଚାଷୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହ ଏବେ ଦୈନିକ ପ୍ରାୟ ଲକ୍ଷେ ଚାଷୀ ପଞ୍ଜିକରଣ କରୁଥିବା ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ଏହି ପଞ୍ଜିକରଣ ପ୍ରକ୍ରିୟା ସମସ୍ତ ଜିଲ୍ଲାରେ ଜାରି ରହିଛି। ବରଗଡ଼ ଜିଲ୍ଲାରେ ପ୍ରାୟ ୬୦ ହଜାର ଚାଷୀ ପଞ୍ଜିକରଣ କରିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୪୩ ହଜାର, କଳାହାଣ୍ଡିରେ ୪୦ ହଜାର ଓ ପୁରୀ ଜିଲ୍ଲାରେ ପ୍ରାୟ ୨୪ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୯୦୭ଟି ପ୍ୟାକ୍ସ ଓ ୪ଟି ପାଣି ପଞ୍ଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଜାରି ରହିଛି।

### ପ୍ରତିଦିନ ହେଉଛି ପ୍ରାୟ ଲକ୍ଷେ ପଞ୍ଜିକରଣ

ସମ୍ପୃକ୍ତ ପ୍ୟାକ୍ସଗୁଡ଼ିକରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ସମୟରେ ଚାଷୀମାନଙ୍କ ଆଧାର ନମ୍ବର, ମୋବାଇଲ ନମ୍ବର, ପି-ପାସ୍ ମାଧ୍ୟମରେ ଦାଖଲ କରି ପଞ୍ଜିକରଣ ପ୍ରକ୍ରିୟା ଶେଷ କରାଯାଉଛି ଏବଂ ବିନା ଶୁଳ୍କରେ ଚାଷୀମାନଙ୍କୁ ପ୍ରାପ୍ତି ସ୍ୱୀକାରପତ୍ର ପ୍ରଦାନ କରାଯାଉଛି। ପଞ୍ଜିକରଣ ବେଳେ ପ୍ରଦତ୍ତ ତଥ୍ୟକୁ ନିର୍ଭୁଲ କରିବା ପାଇଁ ଚାଷୀଙ୍କ ଉପସ୍ଥିତିରେ ପଞ୍ଜିକରଣ ସମ୍ପନ୍ନ କରାଯାଉଛି। ସେହିପରି ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ, ମୋବାଇଲ୍ ନମ୍ବର, ପି-ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତିପତ୍ର ଅପଲୋଡ୍ କରାଯାଉଛି। ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ୍ୟ ସମ୍ପନ୍ନ କରାଯାଉଛି। ଚଳିତ ପଞ୍ଜିକରଣ ପ୍ରକ୍ରିୟା ବିଭିନ୍ନ ବିଭାଗ ଯଥା-ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ କରାଯାଉଛି। ପଞ୍ଜିକରଣ ବେଳେ ସମ୍ପୃକ୍ତ ଅଞ୍ଚଳର ଭିଏଡବ୍ଲ୍ୟୁ ସମିତିରେ ଉପସ୍ଥିତ ରହୁଥିବା ବେଳେ ରାଜସ୍ୱ ନିରୀକ୍ଷକ ମଧ୍ୟ ଉପସ୍ଥିତ ରହି ଆବେଦନକାରୀଙ୍କୁ ସହଯୋଗ କରୁଛନ୍ତି। ପଞ୍ଜିକରଣ ପ୍ରକ୍ରିୟା ସମ୍ବନ୍ଧରେ କୌଣସି ଅଭିଯୋଗ ଓ ମତାମତ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜାରି ଟୋଲ ଫ୍ରି ନଂ. ୧୯୬୭ରେ ଯୋଗାଯୋଗ କରିବାକୁ କୁହାଯାଇଛି।



## ଫୁଡ୍ କୋର୍ଟ ପରିଦର୍ଶନ କଲେ କଟକ ମେୟର



କଟକ,୨୦।୮(ସଂଚାର ବ୍ୟୁରୋ): କଟକ ମେୟର ସୁବାସ ସିଂହ ଓ କମିଶନର ସୁଶ୍ରୀ କିରଣଦୀପ କୌରଙ୍କ ସହ ଗୁରୁବାର ଫୁଡ୍ କୋର୍ଟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମେୟର ଶ୍ରୀ ସିଂହ ବ୍ୟବସାୟୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା, ବ୍ୟବସ୍ଥା ଓ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଫୁଡ୍ କୋର୍ଟକୁ ଆସୁଥିବା ଜନସାଧାରଣଙ୍କ ସହ ମତ ବିନିମୟ କରିଛନ୍ତି। ଫୁଡ୍ କୋର୍ଟରେ ପରିଷ୍କାର-ପରିଚ୍ଛନ୍ନତା, ସ୍ୱଚ୍ଛ ପରିବେଶ, ପାନୀୟ ଜଳ, ଆଲୋକୀକରଣ, ଆବର୍ଜନା ପରିଚାଳନା ଓ ଜନସାଧାରଣଙ୍କ ସୁବିଧା ଭଳି ବିଷୟ ଉପରେ ଆଲୋଚନା କରିଥିଲେ। ମହାନଗର ନିଗମ ପକ୍ଷରୁ ଫୁଡ୍ କୋର୍ଟର ପରିଚାଳନାକୁ ଅଧିକ ସୁଦୃଢ଼ କରି ଲୋକମାନଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯାଇପାରିବ ସେଥିନେଇ ମେୟର ଓ କମିଶନର୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମେୟର ଶ୍ରୀ ସିଂହ କହିଥିଲେ ଯେ, ବାରବାଟୀ ଫୁଡ୍ କୋର୍ଟ କଟକବାସୀଙ୍କ ପାଇଁ ଏକ ଆକର୍ଷଣୀୟ ଓ ସୁବିଧାଜନକ ସ୍ଥାନ ଭାବେ ବିକଶିତ ହେବ। ଏଥିସହିତ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଏକ ସୁସଂଗଠିତ ବ୍ୟବସାୟିକ ମଞ୍ଚ ଯୋଗାଇବ। ଏଠାରେ ଉତ୍ତମ ମାନର ଖାଦ୍ୟ, ସ୍ୱଚ୍ଛତା ଓ ଗ୍ରାହକ ସେବା ସୁନିଶ୍ଚିତ କରିବା ସମସ୍ତଙ୍କର ଦାୟିତ୍ୱ। ଏହି ପରିଦର୍ଶନ ସମୟରେ ସମସ୍ତ କର୍ପୋରେଟର, ମହାନଗର ନିଗମର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଶିଷ୍ଟ ବ୍ୟବସାୟୀ ମୋହନଲାଲ୍‌ଜୀଙ୍କ ପରଲୋକ

ଭୁବନେଶ୍ୱର, ୨୦।୮ (ସଂଚାର ବ୍ୟୁରୋ): ବିଶିଷ୍ଟ ବ୍ୟବସାୟୀ ତଥା ଏଆରଏସ୍ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟ ଲିଃ.ର ପ୍ରତିଷ୍ଠାତା ମୋହନଲାଲ୍‌ଜୀ ଅଗ୍ରୱାଲଙ୍କର ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ତାଙ୍କର ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବଡ଼ ପୁଅ ସୁବାସ ଅଗ୍ରୱାଲ ମୁଖାଗ୍ନି ଦେଇଛନ୍ତି।



ସ୍ୱର୍ଗତ ଅଗ୍ରୱାଲ ଜଣେ ପରୋପକାରୀ, ସ୍ନେହବତ୍ସଳ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଅନେକ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ସୁବାସଙ୍କ ସହ ଅନୀଲ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ ଉପସ୍ଥିତ ଥିଲେ। ପୁତ୍ରବଧୂ, ନାତି ନାତୁଣୀ, ଝିଅ ଜ୍ୱାଇଁ ପ୍ରମୁଖ ମଧ୍ୟ ଉପସ୍ଥିତ ରହିଥିଲେ। ଏଆରଏସ୍ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଛି।

### ଓଡ଼ିଶାରେ ଏସ୍ଆଇଆରର ସଫଳ କାର୍ଯ୍ୟାନ୍ୱୟନ

## ମହାରାଷ୍ଟ୍ର ନିର୍ବାଚନ ଅଧିକାରୀଙ୍କୁ ଗୁରୁମନ୍ତ୍ର ଦେଲେ ଓଡ଼ିଶା ସିଇଓ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାର ସଫଳ କାର୍ଯ୍ୟାନ୍ୱୟନ ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍ ଗୋପାଳନ ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଅଭିଜ୍ଞତା ବାଣ୍ଟିଛନ୍ତି। ମହାରାଷ୍ଟ୍ର ସିଇଓ ଏସ୍. ଚୋକାଲିଙ୍ଗମ୍‌ଙ୍କ ନିମନ୍ତ୍ରଣ କ୍ରମେ ମୁମ୍ବାଇ ଗସ୍ତ କରି ଶ୍ରୀ ଗୋପାଳନ ବୃହନ୍ମୁମ୍ବାଇ ମହାନଗର ନିଗମର ୪ ଜଣ ଅତିରିକ୍ତ ପୌର ଆୟୁକ୍ତ, ୫ଟି ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଶାରେ ସଫଳତାପୂର୍ବକ ସମ୍ପାଦିତ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଯୋଜନା, ସମୀକ୍ଷା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ନିର୍ବାଚକମାନଙ୍କର ସଠିକ୍ ମ୍ୟାପିଂ, କ୍ଷେତ୍ର ସ୍ତରୀୟ ସମନ୍ୱୟ, ପ୍ରଯୁକ୍ତିବିଦ୍ୟା ଆଧାରିତ ମନିଟରିଂ, ନୋଟିସ୍ ଜାରି, ଶୁଣାଣି ଓ ମାମଲାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ଉପରେ ଓଡ଼ିଶା ସିଇଓ ଶ୍ରୀ ଗୋପାଳନ ଆଲୋକପାତ କରିଥିଲେ। ଶ୍ରୀ ଗୋପାଳନ ଜଣାଇଥିଲେ ଯେ ଓଡ଼ିଶା ମଡେଲ୍‌ରେ ତଥ୍ୟ ଆଧାରିତ ମନିଟରିଂ ଓ ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣକୁ ପ୍ରାଥମିକତା ଦିଆଯାଇଥିଲା। ବୁଥ୍ ଓ ବିଏଲ୍ଓ ସ୍ତରରେ ମ୍ୟାପିଂ ଅଗ୍ରଗତିର ନିରନ୍ତର ସମୀକ୍ଷା କରିବା ସହ କମ୍ ପ୍ରଦର୍ଶନ କରୁଥିବା ଅଞ୍ଚଳଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା।



### ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି

## ଆନ୍ଦୋଳନକୁ ତୃଣମୂଳ ସ୍ତର ଯାଏ ନେବ କଂଗ୍ରେସ: ଭକ୍ତ




ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): କଂଗ୍ରେସ ଭବନଠାରେ ଆଜି ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଓପିସିସି ସଭାପତି ଭକ୍ତ ଚରଣ ଦାସ, ସହ ପ୍ରଭାରୀ ଜେଁଟୀ କୁସୁମ କୁମାରଙ୍କ ସମେତ କମିଟିର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ବିଶେଷତଃ ଏମଏମଡିଆର ବିଲ୍‌କୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ଦଳର ଆଗାମୀ କାର୍ଯ୍ୟପନ୍ଥା ବିଷୟ ସ୍ଥିର ହୋଇଥିଲା। ମୁଖ୍ୟମନ୍ତ୍ରୀ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ସହ ଏକ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକିବାକୁ ଦାବି ଦୋହରାଯାଇଥିଲା। ଆହୁରି ପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ଡାକି କେନ୍ଦ୍ର ସରକାର ଆଲୋଚନା କରିବା ପାଇଁ ମଧ୍ୟ ଦାବି କରାଯାଇଛି। ଅସାଧୁ ଅଣଓଡ଼ିଆ ଖଣି ମାଲିକ ଲୁଟ୍ କରୁଥିବାରୁ ଓଡ଼ିଶାର ସମସ୍ତ ଖଣିଖାଦାନର ପରିଚାଳନା ଓଏମ୍‌ସିକୁ ରାଜ୍ୟ ସରକାର ଦେବାକୁ ପୂର୍ବତନ ସଭାପତି ଜୟଦେବ ଜେନା ପ୍ରସ୍ତାବ ଦେଇଥିଲେ। ସେହିପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟରେ ଏକ ବଡ଼ ଆନ୍ଦୋଳନ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଏକ ସୁଯୋଗ ଦେଇଥିବା ବେଳେ କଂଗ୍ରେସ ସୁଯୋଗକୁ ଏକ ବଡ଼ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ପେସା ଆଇନ କାର୍ଯ୍ୟକାରୀ ନ କରିବା ପରେ ଏବେ ଏମଏମଡିଆର୍ ଆଦିବାସୀଙ୍କ ବେଢ଼ି ଉପରେ କୋରଡ଼ା ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା ଓ ଅରବିନ୍ଦ ଦାସ ଉପସ୍ଥିତ ଥିଲେ। ଆସନ୍ତାକାଲି କଂଗ୍ରେସ ବିଧାୟକମାନେ ଶ୍ରୀ କାଡ଼ାମଙ୍କ ନେତୃତ୍ୱରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ସାକ୍ଷାତ କରି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି ଜଣାଇବେ।

### ବୈଦ୍ୟୁତିକ ଯାନ, ମେଥାନଲ୍ ଓ ଇଥାନଲ୍‌ଚାଳିତ ଗାଡ଼ିକୁ ପରମିଟ୍ ଫି' ଛାଡ଼

## ପରମିଟ୍ ବାଧ୍ୟତାମୂଳକ, କିନ୍ତୁ ଦେବାକୁ ପଡ଼ିବନି ଦେୟ



**୩ ହଜାର କେଜିରୁ କମ୍ ଜିଭିଡବ୍ଲ୍ୟୁ ଥିବା ମାଲ୍ ପରିବହନ ଗାଡ଼ି ପାଇଁ ଲାଗୁ ହେବନି**

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ରାଜ୍ୟରେ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବାଣିଜ୍ୟ ପରିବହନ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟରେ ଚାଲୁଥିବା ସମସ୍ତ ବ୍ୟାଟେରୀଚାଳିତ (ଇଲେକ୍ଟ୍ରିକ୍), ମେଥାନଲ୍ ଓ ଇଥାନଲ୍ ଇନ୍ଧନ ଚାଳିତ ପରିବହନ ଯାନଗୁଡ଼ିକୁ ପରମିଟ୍ ଫି' ଛାଡ଼ କରାଯିବ। ଏହି ନିୟମ ଅଧୀନରେ ଯୋଗ୍ୟ ଗାଡ଼ିଗୁଡ଼ିକୁ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିନା କୌଣସି ପରମିଟ୍ ଦେୟରେ ଉପଯୁକ୍ତ ପରମିଟ୍ ପ୍ରଦାନ କରାଯିବ। ତେବେ ୩ ହଜାର କିଗ୍ରା କମ୍ ଗ୍ରସ ଭେଇକିଲ ୱେଟ (ଜିଭିଡବ୍ଲ୍ୟୁ) ଥିବା ମାଲ୍ ପରିବହନ ଗାଡ଼ିଗୁଡ଼ିକ ଏହି ଫି' ଛାଡ଼ ବ୍ୟବସ୍ଥାରୁ ବାଦ୍ ପଡ଼ିବେ।

ମୋଟର ଯାନ ଅଧିନିୟମ, ୧୯୮୮ର ନିୟମାବଳୀ ଅନୁଯାୟୀ ଏହି ସମସ୍ତ ଯାନ ପାଇଁ ପରମିଟ୍ ନେବା ବାଧ୍ୟତାମୂଳକ ରହିବ, କିନ୍ତୁ ଏଥିପାଇଁ କୌଣସି ପରମିଟ୍ ଫି' ଦେବାକୁ ପଡ଼ିବ ନାହିଁ। ଏହା ସହ ଗାଡ଼ିଗୁଡ଼ିକର ବୈଧ ପଞ୍ଜୀକରଣ, ବୀମା, ଫିଟନେସ୍ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଓ ଅନ୍ୟାନ୍ୟ ସରକାରୀ ଟିକସ ପୈଠ ଭଳି ସମସ୍ତ ପ୍ରଚଳିତ ନିୟମ ପାଳନ କରିବା ଆବଶ୍ୟକ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ବୈଦ୍ୟୁତିକ ଗାଡ଼ିର ବ୍ୟବହାର ବୃଦ୍ଧି ପାଇବ ଓ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏହା ବେଶ୍ ସହାୟକ ହେବା ନେଇ ଆଶା କରାଯାଉଛି।

## ୫ ଲକ୍ଷ ଟଙ୍କା ଜବତ, ତହସିଲଦାର ଗିରଫ

ରାଉରକେଲା, ୨୦।୮ (ସଂଚାର ବ୍ୟୁରୋ): ଆଜି ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଲାଠିକଟା ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର୍‌ଙ୍କଠାରୁ ୫ ଲକ୍ଷ ଟଙ୍କା ଜବତ କରିଛି। ଏହି ଟଙ୍କା ତହସିଲଦାର ମୁରଲୀଧର ଉରମଲଙ୍କ ସରକାରୀ ଗାଡ଼ିରୁ ଉଦ୍ଧାର କରାଯାଇଥିବା ବେଳେ ସେ ଏହି ଟଙ୍କା ନେଇ ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନାନୁସାରେ, ଆଜି ଶ୍ରୀ ଉରମଲ୍ ତାଙ୍କ ଲାଠିକଟାସ୍ଥିତ କାର୍ଯ୍ୟାଳୟରୁ ବାସଭବନକୁ ସରକାରୀ ଗାଡ଼ିରେ ଯାଉଥିବା ସମୟରେ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ରାଜବସା ଛକ ନିକଟରେ ଅଟକାଇଥିଲେ। ଉକ୍ତ ଗାଡ଼ିରୁ ଭିଜିଲାନ୍ସ ଅଧିକାରୀଙ୍କୁ ନଗଦ ୫ ଲକ୍ଷ ଟଙ୍କା ମିଳିଥିଲା। ତେବେ ଏହା ସେ କେଉଁ ସୂତ୍ରରୁ ଆଣିଛନ୍ତି, ସେନେଇ ଶ୍ରୀ ଉରମଲଙ୍କୁ ପଚରାଯାଇଥିଲେ ହେଁ ସେ କିଛି କହିପାରି ନ ଥିଲେ। ଉକ୍ତ ଟଙ୍କାକୁ ଭିଜିଲାନ୍ସ ଜବତ କରିବା ସହ ଶ୍ରୀ ଉରମଲ୍‌ଙ୍କୁ ଗିରଫ କରିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଶ୍ରୀ ଉରମଲଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି।

### ପାଠ୍ୟ ପୁସ୍ତକରେ ତ୍ରୁଟି ପ୍ରସଙ୍ଗ

## ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ ବିଜେଡିର ରଣହୁଙ୍କାର



**ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି**

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ପାଠ୍ୟପୁସ୍ତକରେ ସାଙ୍ଘାତିକ ତ୍ରୁଟିକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ କନ୍ଧମାଳ ଜିଲ୍ଲା ଫୁଲବାଣୀଠାରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ମାଦିକୁନ୍ଦା ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ଆନ୍ଦୋଳନକାରୀ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟିକୁ ବିଜେପି ସରକାର ସ୍ୱୀକାର ନ କରିବା ଓ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରୁ ନ ଥିବାରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ବିରୋଧ କରାଯାଉଛି। ପାଠ୍ୟପୁସ୍ତକ ପ୍ରିଣ୍ଟିଂରେ ୩୮୦ କୋଟିର ଦୁର୍ନୀତି ହୋଇଛି। ବିଜେପି ସରକାର ଏଥିପ୍ରତି ଯତ୍ନଶୀଳ ନ ହୋଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ପାଠ୍ୟପୁସ୍ତକରେ ତ୍ରୁଟି କେବଳ ପ୍ରଶାସନିକ ଅବହେଳା ନୁହେଁ ବରଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ଆକ୍ରମଣ। ଏହା ପ୍ରତିବାଦରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରି ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ବିକ୍ଷୋଭ ପ୍ରଦର୍ଶନ କରିଥିଲା।

### ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀସ୍ତରୀୟ ସମୀକ୍ଷା ବୈଠକ

## ଫଳାଫଳମୁଖୀ ହେଉ ବିଭାଗୀୟ ବ୍ୟୟ ଲକ୍ଷ୍ୟ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଜଳ ସମ୍ପଦ କ୍ଷେତ୍ରରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବଜେଟ୍‌ର ଫଳପ୍ରଦ ବିନିଯୋଗ ଓ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇ ଜଳ ସମ୍ପଦ ବିଭାଗର ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟାନ୍ୱୟନରେ ଥିବା, ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ଓ ପ୍ରସ୍ତାବିତ କାର୍ଯ୍ୟ ସମେତ ପୁଞ୍ଜି ବ୍ୟୟ, ପ୍ରମୁଖ ଜଳସେଚନ, ନିଷ୍କାସନ, ଡ୍ୟାମ୍, ବ୍ୟାରେଜ୍ ଓ କେନାଲ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ସହ ବ୍ୟୟର ନିୟମିତ ନିରୀକ୍ଷଣ କରିବାକୁ ନିୟନ୍ତ୍ରଣକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଟେଣ୍ଡର ଚୂଡ଼ାନ୍ତକରଣ ଓ କାର୍ଯ୍ୟାଦେଶ ପ୍ରଦାନ, ବିଚାରାଧୀନ ଅନୁମୋଦନ ଓ ଇଏଫସି ପ୍ରସ୍ତାବର ଶୀଘ୍ର ନିଷ୍ପତ୍ତି, ବାସ୍ତବସମ୍ମତ ବ୍ୟୟ ଆକଳନ ଏବଂ ଆର୍ଥିକ ବର୍ଷ ମଧ୍ୟରେ ବଜେଟର ପ୍ରଭାବଶାଳୀ ବିନିଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭାଗୀୟ ବ୍ୟୟ କେବଳ ଆର୍ଥିକ ଲକ୍ଷ୍ୟ ପୂରଣରେ ସୀମିତ ନ ରହି ଫଳାଫଳମୁଖୀ ହେବା ଆବଶ୍ୟକ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଲୁ ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ଜଳସେଚନ ସମ୍ଭାବନା ସୃଷ୍ଟି, ଜଳ ସମ୍ପଦ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପ୍ରକଳ୍ପର ଉଦ୍ଦିଷ୍ଟ ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା। ଉପଲବ୍ଧ ଆର୍ଥିକ ସମ୍ବଳର ସର୍ବୋତ୍ତମ ଓ ଉତ୍ପାଦନଶୀଳ ବିନିଯୋଗ ପାଇଁ ସମନ୍ୱିତ ପ୍ରୟାସ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା।

## ପୁଲିସ୍, ପରିବହନ ବିଭାଗ ନରମ, ଅଟୋ ଚାଳକ ଲଗାମଛଡ଼ା

ଭୁବନେଶ୍ୱର,୨୦।୮: ରାଜଧାନୀରେ ଅଟୋଚାଳକଙ୍କ ଆନ୍ଦୋଳନ ଓ ଗଣ୍ଡଗୋଳ ପୁଲିସ୍ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବାବେଳେ ଅଟୋଚାଳକଙ୍କ ପ୍ରତି ପୁଲିସ୍ ଓ ପରିବହନ ବିଭାଗ ଦୀର୍ଘଦିନ ଧରି କୋହଳ ମନୋଭାବ ପୋଷଣ କରିଆସୁଛି। ରାଜଧାନୀରେ ଚଳାଚଳ କରୁଥିବା ପ୍ରାୟତଃ କୌଣସି ଅଟୋରେ ମିଟର ଲାଗିନାହିଁ। ଯଦିଓ ଅଟୋ ପଞ୍ଜିକରଣ ପାଇଁ ମିଟର ବାଧ୍ୟତାମୂଳକ ଏବଂ ଏହା ଅଟୋରେ ଲଗାଯାଇଛି ବୋଲି ପରିବହନ ବିଭାଗ କାଗଜପତ୍ରରେ ଦର୍ଶାଯାଉଛି, କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ଅଟୋଗୁଡ଼ିକର ପଞ୍ଜିକରଣ ପରେ ତାହାର ମିଟର ଖୋଲି ଦିଆଯାଉଛି। ମିଟର ନଥିବାରୁ ଅଟୋଚାଳକମାନେ ମନଇଚ୍ଛା ଭଡା ଆଦାୟ କରୁଛନ୍ତି। ଏମାନଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବାକୁ ଯାଇ ଲୋକେ ଓଲା, ଉବେର ଭଳି ସଂସ୍ଥା ଖୋଜୁଛନ୍ତି।



ପରିବହନ ବିଭାଗ ପକ୍ଷରୁ ମିଟର ଅନୁଯାୟୀ ଭଡା ଧାର୍ଯ୍ୟ କରାଯାଉନାହିଁ କିମ୍ବା ରାସ୍ତାରେ ଚଳାଚଳ କରୁଥିବା ଅଟୋରେ ମିଟର ଲାଗିଛି କି ନାହିଁ ଥରୁଟିଏ ତାହାର ଯାଞ୍ଚ ହେଉନାହିଁ। ଏପରିକି ପୁରୁଣା ଅଟୋରେ ପଞ୍ଜିକରଣ, ପ୍ରଦୂଷଣ ଆଦିର କଡ଼ାକଡ଼ି ଯାଞ୍ଚ ହେଉନାହିଁ। ଏହାକୁ ଚଳାଉଥିବା ବ୍ୟକ୍ତିଙ୍କର ଲାଇସେନ୍ସ ରହିଛି କି ନାହିଁ ତାହାର ମଧ୍ୟ ନିୟମିତ ଯାଞ୍ଚ ପରିହବନ ବିଭାଗ କରେ ନାହିଁ। ସେହିଭଳି କମିଶନରେଟ ପୁଲିସ୍‌କୁ ପରିବହନ କ୍ଷମତା ଦିଆଯାଇଥିଲେ ମଧ୍ୟ ହେଲମେଟ୍ ଯାଞ୍ଚ କିମ୍ବା ରାସ୍ତା ଉପରେ ଗାଡିମୋଟର ରଖିଲେ ପୁଲିସ୍ ଯେଭଳି ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ଅଟୋ ଚଳାଚଳ କ୍ଷେତ୍ରରେ ସେଭଳି ହେଉନାହିଁ। ସହରରେ ପୁଲିସ୍ ପକ୍ଷରୁ ଅଟୋ ଷ୍ଟାଣ୍ଡ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଉନାହିଁ। ଅଟୋଚାଳକମାନେ ଯେଉଁଠି ଏକାଠି ହେଉଛନ୍ତି ସେଠାରେ ଷ୍ଟାଣ୍ଡ ତିଆରି କରୁଛନ୍ତି।

ଉଭୟ ପରିବହନ ଓ କମିଶନରେଟ ପୁଲିସ୍ ସହରରେ ଅଟୋ ଚଳାଚଳ ଉପରେ ନଜର ନରଖିବା ଓ ସେମାନଙ୍କୁ ବେପରୁଆ ଭାବେ ଛାଡିଦେବା ଯୋଗୁଁ ରାଜଧାନୀରେ ଅଟୋଚାଳକମାନେ ଓଲା ଉବେର ଆଢୁଆଳରେ ପୁଲିସ୍ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଅଟୋ ଚାଳକଙ୍କ ଆକ୍ରମଣରେ ସରକାରୀ ସମ୍ପତ୍ତି ନଷ୍ଟ ହେଲାପରେ ଏବେ ପ୍ରଶାସନର ଏକ ପ୍ରକାର ଚେତା ପଶିଛି। ଏହା ପୂର୍ବରୁ ଅନେକବାର ଯାତ୍ରୀ ପରିବହନକୁ ନେଇ ଅଟୋ ଚାଳକ ଓ ଆମ ବସ୍ କର୍ମଚାରୀ ରାସ୍ତା ଉପରେ ହାତାହାତି ହେଉଥିଲେ ମଧ୍ୟ କ୍ରୁଟ୍ କର୍ତ୍ତୃପକ୍ଷ କିମ୍ବା ପୁଲିସ୍ ପକ୍ଷରୁ ସେମାନଙ୍କ ବିରୁଦ୍ଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ସେହିଭଳି ଓଲା, ଉବେର ଚାଳକମାନେ ଯାତ୍ରୀମାନଙ୍କୁ ଆର୍ଥିକ ଶୋଷଣ କରିବା ସହିତ ବିଳମ୍ବିତ ରାତିରେ ବୁକିଂ ବାତିଲକରି ହଇରାଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ଏକ ପ୍ରକାର ନିରବ ରହୁଥିଲା। ବର୍ତ୍ତମାନ ଏହାର ଫଳ ଭୋଗିବାକୁ ପଡିଲା ବୋଲି ମତପ୍ରକାଶ ପାଉଛି। (ତଥ୍ୟ)

### ଚୌଧୁରୀ ବଜାର ପୂଜା କମିଟି ବିବାଦ

## ସଭାପତି ଓ ସମ୍ପାଦକଙ୍କ ପକ୍ଷରୁ ସ୍ପଷ୍ଟୀକରଣ

କଟକ, ୨୦।୮(ସଂଚାର ବ୍ୟୁରୋ): କଟକ ଚୌଧୁରୀ ବଜାର କମିଟିକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଗୁରୁବାର କମିଟିର କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକଙ୍କ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ଚୌଧୁରୀ ବଜାରର କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକଙ୍କ ସମ୍ପର୍କରେ କିଛି ବ୍ୟକ୍ତିଙ୍କ ପକ୍ଷରୁ ମନ୍ତବ୍ୟ ଓ ଅଭିଯୋଗ ନେଇ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବକ୍ତବ୍ୟ ରଖାଯାଇଥିବା ଘଟଣାକୁ ନେଇ କମିଟି ପକ୍ଷରୁ ଆପତ୍ତି ଉଠାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, ନିଜକୁ ଚୌଧୁରୀ ବଜାର କିମ୍ବା ଶ୍ରୀଶ୍ରୀ ଦୁର୍ଗାପୂଜା କମିଟିର ମୁଖପାତ୍ର ଭାବେ ପରିଚୟ ଦେଇ ବକ୍ତବ୍ୟ ରଖିଥିବା ବ୍ୟକ୍ତି ଚୌଧୁରୀ ବଜାରର ସ୍ଥାୟୀ ବାସିନ୍ଦା ନୁହନ୍ତି କିମ୍ବା କମିଟିର କୌଣସି ସଦସ୍ୟ ମଧ୍ୟ ନୁହନ୍ତି। ତେଣୁ କମିଟିର ଆଭ୍ୟନ୍ତରୀଣ କାର୍ଯ୍ୟକଳାପ ଓ ନିୟମ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିଙ୍କର ପୂର୍ଣ୍ଣ ଅବଗତି ନାହିଁ ବୋଲି କମିଟି ପକ୍ଷରୁ ଦାବି କରାଯାଇଛି।



ଏହାସହ ଚୌଧୁରୀ ବଜାର ପୂଜା କମିଟିର ନିୟମ ସମ୍ପର୍କରେ ସ୍ପଷ୍ଟ କରି କୁହାଯାଇଛି ଯେ, ନୂତନ କମିଟି ଗଠନ ନହେବା ପର୍ଯ୍ୟନ୍ତ ପୂର୍ବତନ ସଭାପତି ଓ ସମ୍ପାଦକ କାର୍ଯ୍ୟକାରୀ ଭାବେ ଦାୟିତ୍ୱ ତୁଲାଇଥାନ୍ତି ଓ କମିଟିର ସବୁକାର୍ଯ୍ୟ ପରିଚାଳନା କରିଥାନ୍ତି। ସୋମବାର ଅନୁଷ୍ଠିତ 'କଟକ ମହାନଗର ଶାନ୍ତି କମିଟି'ର ଜେନେରାଲ ବଡି ବୈଠକରେ କଟକ ସହରର ବିଭିନ୍ନ ଅଞ୍ଚଳ ଓ ବିଭିନ୍ନ ବର୍ଗର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ମାର୍କେଟର କର୍ମକର୍ତ୍ତାମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ଚୌଧୁରୀ ବଜାରର ପୂର୍ବତନ ସଭାପତି ଓ ସମ୍ପାଦକ କେବଳ ଗୋଟିଏ ପଦବୀ ସହିତ ସୀମିତ ନୁହନ୍ତି, ସେମାନେ ବିଭିନ୍ନ ସାମାଜିକ ଓ ଅନୁଷ୍ଠାନ ସହ ମଧ୍ୟ ଜଡିତ ଥିବାରୁ ଶାନ୍ତି କମିଟିର ବୈଠକରେ ସେମାନଙ୍କ ଯୋଗଦାନକୁ ନେଇ ଭିନ୍ନ ଅର୍ଥ କରିବା ଠିକ୍ ନୁହେଁ ବୋଲି କମିଟି ସ୍ପଷ୍ଟ କରିଛି। କମିଟିର ନିୟମ ଅନୁଯାୟୀ ନୂତନ କମିଟି ଗଠନ ନହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ସଭାପତି ଓ କାର୍ଯ୍ୟକାରୀ ସମ୍ପାଦକ ବିଭିନ୍ନ ସଭା ଓ ସମିତିରେ ଯୋଗଦାନ କରିପାରିବେ ଏବଂ ଏଥିରେ କୌଣସି ପ୍ରଶ୍ନବାଚୀ ନାହିଁ ବୋଲି କୁହାଯାଇଛି। ଏହାସହ ଶାନ୍ତି କମିଟିର ନିମନ୍ତ୍ରଣ ଏବଂ ଚୌଧୁରୀ ବଜାର କମିଟିର ଆଭ୍ୟନ୍ତରୀଣ କାର୍ଯ୍ୟ ସମ୍ପର୍କରେ ମାନ୍ୟବର ଡିଜିଙ୍କ କାର୍ଯ୍ୟାଳୟକୁ ଯାଇ ଅନଧିକୃତ ଭାବେ ବକ୍ତବ୍ୟ ରଖିବାର ଅଧିକାର ସମ୍ପୃକ୍ତ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ଦିଆଯାଇନଥିବା ଦାବି କରାଯାଇଛି। ଚୌଧୁରୀ ବଜାରର ଐତିହ୍ୟ, ପରମ୍ପରା ଓ କମିଟିର ଆଭ୍ୟନ୍ତରୀଣ ବ୍ୟବସ୍ଥା ସମ୍ପର୍କରେ ଅବଗତ ନଥିବା ବ୍ୟକ୍ତିମାନେ ଅଯଥା ହସ୍ତକ୍ଷେପ କରି ବଜାରର ମାନସମ୍ମାନକୁ କ୍ଷୁଣ୍ଣ ନକରିବା ସହ ରାଜନୈତିକ ଉଦ୍ଦେଶ୍ୟରେ ବିବାଦ ସୃଷ୍ଟି ନକରିବାକୁ ବଜାର ସଦସ୍ୟମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ କମିଟିର କାର୍ଯ୍ୟକାରୀ ସଭାପତି ଦେବାଶିଷ ରାୟ, କାର୍ଯ୍ୟକାରୀ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ସପନ କୁମାର ଗୁଇଁଙ୍କ ସମେତ ଉପଦେଷ୍ଟା ଦୀପକ କୁମାର ନନ୍ଦୀ, କାଳନ୍ଦୀ ନାରାୟଣ ମଲ୍ଲିକ, ଅଶୋକ ସେନ ଓ ଜଗନ୍ନାଥ ବେହେରା ଉପସ୍ଥିତ ରହି ନିଜ ପକ୍ଷ ରଖିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ଶୁକ୍ରବାର ୨୧ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Friday 21 August 2026, Bhubaneswar


# ହିଂସାର ନିଆଁରେ ମଣିପୁର

୨୦୨୩ରେ ମଣିପୁରରେ ଜାତିଗତ ହିଂସା ଆରମ୍ଭ ହେବାର ତିନି ବର୍ଷ ପରେ ମଧ୍ୟ ଏହି ରାଜ୍ୟ ବଫର ଜୋନ୍, ରିଲିଫ୍ କ୍ୟାମ୍ପ ଏବଂ ଗଭୀର ଘୃଣାର ଏକ ଭଗ୍ନ ଭୂଦୃଶ୍ୟ ଭାବରେ ରହିଛି। ଇମ୍ଫାଲ ଉପତ୍ୟକାର ମେଇତେଇ ସମ୍ପ୍ରଦାୟ ଏବଂ ପାହାଡ଼ ଅଞ୍ଚଳର କୁକି-ଜୋ ଜନଜାତି ମଧ୍ୟରେ ଆରମ୍ଭ ହୋଇଥିବା ଏହି ସଂଘର୍ଷ ସରକାରୀ ହିସାବରେ ୨୦୦ରୁ ଅଧିକ ଜୀବନ ନେଇଛି, ପ୍ରାୟ ୬୦,୦୦୦ ଲୋକଙ୍କୁ ବାସହୀନ କରିଛି, ହଜାର ହଜାର ଘର ଧ୍ୱଂସ କରିଛି ଏବଂ ବର୍ତ୍ତମାନ ନାଗା ସମ୍ପ୍ରଦାୟକୁ ମଧ୍ୟ ଏହାର କ୍ଷେତ୍ରରେ ଟାଣି ଆଣିଛି। ମଣିପୁରର ଲୋକ, ଯେଉଁମାନେ ଏକ ସାମାନ୍ୟ ଭୌଗୋଳିକ ଏକତାରେ ବାନ୍ଧି ହୋଇଥିଲେ, ଏବେ ଏକ ଅସମାଧାନୀୟ ଟ୍ରାଜେଡିର ଭାର ତଳେ ରହିଛନ୍ତି, ଯାହା ରାଜ୍ୟର ଏକ ଅର୍ଧ-ସ୍ଥାୟୀ ବିଭାଜନରେ ପରିଣତ ହୋଇଛି।

ତତ୍କାଳୀନ ସ୍ପାର୍କ ଥିଲା ମେଇତେଇଙ୍କ ସିଡ୍ୟୁଲ୍ଡ ଟ୍ରାଇବ୍ ମାନ୍ୟତା ଦାବି ଉପରେ ହାଇକୋର୍ଟର ନିର୍ଦ୍ଦେଶ। ଜନଜାତି ସମ୍ପ୍ରଦାୟଗୁଡ଼ିକ ଏହାକୁ ପାହାଡ଼ ଅଞ୍ଚଳରେ ସେମାନଙ୍କ ସମ୍ବିଧାନିକ ଭୂମି ଅଧିକାର ପାଇଁ ବିପଦ ଭାବରେ ଦେଖିଥିଲେ। ଜନସଂଖ୍ୟା ପରିବର୍ତ୍ତନ, ଜଙ୍ଗଲ ନୀତି, ଅଫିମ ଚାଷର ଅଭିଯୋଗ ଏବଂ ରାଜନୈତିକ ପ୍ରତିନିଧିତ୍ୱ ସମ୍ବନ୍ଧିତ ପୁରୁଣା ଅସନ୍ତୋଷ ଏହି ଆଗକୁ ଇନ୍ଧନ ଯୋଗାଇଥିଲା। କିଛି ଦିନ ମଧ୍ୟରେ ଘର ପୋଡ଼ିଗଲା, ଗିର୍ଜା ଓ ମନ୍ଦିର ଭାଙ୍ଗିଗଲା ଏବଂ ଲୋକେ ଜାତିଗତ ରେଖା ପାର ହୋଇ ପଳାଇଲେ। ସୁରକ୍ଷା ବାହିନୀ ବଫର ଜୋନ୍ ଲାଗୁ କଲେ, ଯାହା ବଡ଼ ଆକାରର ସଂଘର୍ଷ ରୋକିଲା କିନ୍ତୁ ବିଭାଜନକୁ ସ୍ଥାୟୀ କରିଦେଲା। ମେଇତେଇମାନେ ଅନେକ ପାହାଡ଼ ଅଞ୍ଚଳରେ ମୁକ୍ତ ଭାବରେ ଯାଇପାରନ୍ତି ନାହିଁ; କୁକି-ଜୋ ପରିବାର ଉପତ୍ୟକାର ଅଧିକାଂଶ ଅଂଶରୁ ବାଧ୍ୟତାମୂଳକ ଭାବରେ ଦୂରେଇ ରହିଛନ୍ତି। ୨୦୨୬ରେ ଏହି ସଂଘର୍ଷ ଆହୁରି ଜଟିଳ ହୋଇଛି— କୁକି ଓ ନାଗା ମଧ୍ୟରେ ନୂତନ ହତ୍ୟା, ଅପହରଣ ଏବଂ ଅର୍ଥନୈତିକ ଅବରୋଧ ନୂଆ ସ୍ତରର ତିକ୍ତତା ଯୋଗ କରିଛି।

ମାନବିକ ମୂଲ୍ୟ କେବଳ ମୃତକଙ୍କ ସଂଖ୍ୟାରେ ନୁହେଁ, ବରଂ ସବୁ ହରାଇଥିବା ଜୀବିତମାନଙ୍କ ଦୁଃଖରେ ମାପ ହୁଏ। ୨୦୨୬ ପ୍ରାରମ୍ଭରେ ସରକାରୀ ତଥ୍ୟ ଅନୁସାରେ ପ୍ରାୟ ୫୮,୦୦୦ରୁ ୬୦,୦୦୦ ଲୋକ ଏବେ ବି ରିଲିଫ୍ କ୍ୟାମ୍ପ କିମ୍ବା ପ୍ରି-ଫାବ୍ରିକେଟେଡ୍ ଘରରେ ରହୁଛନ୍ତି। ହଜାର ହଜାର ସ୍ଥାୟୀ ଘର ଧ୍ୱଂସ ହୋଇଛି। କ୍ୟାମ୍ପରେ ଜନ୍ମିତ ଶିଶୁମାନେ ଏକ ସାଧାରଣ ଘରର ସ୍ମୃତି ବିନା ବଢ଼ୁଛନ୍ତି। ଶିକ୍ଷା ବର୍ଷ ବର୍ଷ ଧରି ବାଧାପ୍ରାପ୍ତ ହୋଇଛି; ଜୀବିକା ଭାଙ୍ଗିଯାଇଛି। ତଥ୍ୟରୁ ଜଣାପଡ଼ିଛି ଯେ ବାସହୀନମାନଙ୍କ ମଧ୍ୟରେ କ୍ୟାମ୍ପ ଭିତରେ ହିଁ ଶହ ଶହ ମୃତ୍ୟୁ ଘଟିଛି— ରୋଗ, ନିରାଶା ଏବଂ ଦୀର୍ଘକାଳୀନ ନିର୍ବାସନର କଠୋର ପରିସ୍ଥିତିରୁ। ଆଘାତ, ଉଦ୍‌ବେଗ ଏବଂ ଆତ୍ମହତ୍ୟାର ରିପୋର୍ଟ ଏକ ଦୀର୍ଘକାଳୀନ ମାନସିକ ଘେରାଉ ଭିତରେ ଥିବା ଜନସଂଖ୍ୟାର ଛବି ଦେଖାଏ। ୨୦୨୩ର ପ୍ରାରମ୍ଭିକ ଦିନର ଜଣେ ବଳାତ୍କାର ପୀଡ଼ିତା ତାଙ୍କ ଆଘାତରୁ ବର୍ଷ ପରେ ମୃତ୍ୟୁବରଣ କରିଥିଲେ; ତାଙ୍କ ମାମଲା ସମେତ ଅନେକ ମାମଲାରେ ଏପର୍ଯ୍ୟନ୍ତ ପ୍ରକୃତ ନ୍ୟାୟ ମିଳିନାହିଁ।

ଦାୟିତ୍ୱବୋଧ ଏବେ ବି ଦୂରରେ ରହିଛି। ହଜାର ହଜାର ଏଫଆଇଆରରେ "ଅଜ୍ଞାତ" ଆକ୍ରମଣକାରୀଙ୍କ ନାମ ଲେଖାଯାଇଛି। କେନ୍ଦ୍ରୀୟ ଏଜେନ୍ସି ଓ ବିଶେଷ ଆଦାଲତର ତଦନ୍ତ ଧୀରେ ଚାଲୁଛି। ରାଜନୈତିକ ନେତୃତ୍ୱ ବଦଳିଛି, ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା, ରାଷ୍ଟ୍ରପତି ଶାସନ ଏବଂ ୨୦୨୬ ପ୍ରାରମ୍ଭରେ ନୂଆ ସରକାର। ତଥାପି ସମ୍ପ୍ରଦାୟ ମଧ୍ୟରେ ମୌଳିକ ଅବିଶ୍ୱାସ ରହିଛି। ରିଲିଫ୍ ଓ ପୁନର୍ବାସ ପାଇଁ ୯୦୦ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଛି, ପ୍ରି-ଫାବ୍ରିକେଟେଡ୍ ଘର ନିର୍ମାଣ ହୋଇଛି, କିନ୍ତୁ ଏଗୁଡ଼ିକ ରୋଗ ନୁହେଁ ଲକ୍ଷଣକୁ ଚିକିତ୍ସା କରୁଛି। ନିରାପଦ ଫେରିବାର ପରିସ୍ଥିତି ନଥିବା ଯାଏଁ କ୍ୟାମ୍ପଗୁଡ଼ିକ ସ୍ଥାୟୀ ବସ୍ତିରେ ପରିଣତ ହେବାର ଆଶଙ୍କା ରହିଛି।

ମଣିପୁରର ଲୋକଙ୍କ ଭାଗ୍ୟ ଏହି ଚକ୍ର ଭାଙ୍ଗିବା ଉପରେ ନିର୍ଭର କରେ। କେବଳ ସୈନ୍ୟବାହିନୀ ବଢ଼ାଇବାରେ ବିଶ୍ୱାସ ଫେରିଆସିବ ନାହିଁ। ସମସ୍ତ ସମ୍ପ୍ରଦାୟ, ମେଇତେଇ, କୁକି-ଜୋ, ନାଗା ଓ ଅନ୍ୟମାନଙ୍କୁ ସାମିଲ କରି ଭୂମି ଅଧିକାର, ପ୍ରତିନିଧିତ୍ୱ ଓ ସୁରକ୍ଷା ଉପରେ ପ୍ରକୃତ ରାଜନୈତିକ ସଂଳାପ ଆବଶ୍ୟକ। ୨୦୨୩ ଓ ତା'ପରର ହତ୍ୟା, ଯୌନ ହିଂସା ଓ ଅଗ୍ନିକାଣ୍ଡ ପାଇଁ ଶୀଘ୍ର ଓ ନିରପେକ୍ଷ ନ୍ୟାୟ ଅତ୍ୟାବଶ୍ୟକ; ବିଳମ୍ବ କେବଳ ଦଣ୍ଡମୁକ୍ତିର ଭାବନାକୁ ଗଭୀର କରେ। ପୁନର୍ବାସ କେବଳ ଅସ୍ଥାୟୀ ଆଶ୍ରୟ ନୁହେଁ, ବରଂ ନିରାପଦ ଘରକୁ ଫେରିବାର ବାସ୍ତବ ପଥ ହେବା ଉଚିତ।

ମଣିପୁରର ଏହି ଟ୍ରାଜେଡି କେବଳ ଏକ ସ୍ଥାନୀୟ ଜାତିଗତ କଳହ ନୁହେଁ। ଏହା ଭାରତୀୟ ରାଜ୍ୟର ନାଗରିକଙ୍କୁ ସୁରକ୍ଷା ଦେବା, ଆଇନର ଶାସନ ବଜାୟ ରଖିବା ଏବଂ ସୀମାନ୍ତ ଅଞ୍ଚଳକୁ ସ୍ଥାୟୀ ବିଭାଜନରୁ ରକ୍ଷା କରିବାର କ୍ଷମତାର ପରୀକ୍ଷା। ମଣିପୁରର ଲୋକ କୃଷକ, ଶିକ୍ଷକ, ବ୍ୟବସାୟୀ, ଶିଶୁ— ଅନନ୍ତ ପ୍ରତିହିଂସା ଓ ସରକାରୀ ପ୍ରତିଶ୍ରୁତିରୁ ଅଧିକ ପାଇବାର ଅଧିକାର ରଖନ୍ତି। ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ ହେବ ଯେ ଦେଶ ଏହାକୁ ଏକ ନିୟନ୍ତ୍ରଣୀୟ ସୁରକ୍ଷା ସମସ୍ୟା ଭାବରେ ଦେଖିବ ନା ଏକ ଗଭୀର ମାନବିକ ଓ ସାମ୍ବିଧାନିକ ସଙ୍କଟ ଭାବରେ, ଯାହା ସତ୍ୟ, ନ୍ୟାୟ ଏବଂ କଠିନ ସମନ୍ୱୟର କାମ ଦାବି କରେ। ସେତେବେଳ ପର୍ଯ୍ୟନ୍ତ ପାହାଡ଼ ଓ ଉପତ୍ୟକା ବିଭକ୍ତ ରହିବ, ଏବଂ ଏକ ସମ୍ପୂର୍ଣ୍ଣ ପିଢ଼ି ହିଂସାର ଛାୟାରେ ବଢ଼ିବ, ଯାହା କେବେହେଲେ ନିୟମିତ ହେବା ଉଚିତ ନଥିଲା।

# ଆମ କ୍ଷୁଦ୍ର ବାଡ଼ି ଜମିରେ ପରିବା, ଶାଗ ଆଦି ଚାଷ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଆଜିକାଲି ଆମ ଜଗତସିଂହପୁର ଉପକଣ୍ଠ ଗ୍ରାମ ମାନଙ୍କରେ ଲୋକଙ୍କୁ ଫସଲ ନଷ୍ଟକାରୀ ମାଙ୍କଡ଼ ଷଣ୍ଢଙ୍କ ଉତ୍ପାତ ବହୁ ବାଧିବାରୁ ବାଡ଼ିଘର ମାନଙ୍କରେ ଆଉ ପନିପରିବାର ଚାଷ ପ୍ରତି ମନ ଦେଉନାହାନ୍ତି। ଅନେଶତ ବାତ୍ୟା ମହାବାତ୍ୟା ନଡ଼ିଆ, ଆମ୍ବ, ପଣସ, ଓଉ, ଆତ, ନେହୁଆ ପରି ବହୁ ଫଳ ଗଛ ନଷ୍ଟ ହୋଇଗଲା, ବହୁତ ଚାଳ ଘର ନଷ୍ଟ ହୋଇଯିବାରୁ ଚାଳଘର ଉପରେ ମାଡ଼ି ଫଳଶୀଳ, ଲାଉ, କଖାରୁ, ପାଣିକଖାରୁ, ଲଟାପୋଇ, ଶିମ୍ବ ଆଦି ଫସଲ ଦୁର୍ଲଭ ହୋଇଗଲା। ବାଡ଼ି ବଗିଚାରେ ଯେଉଁ ସବୁ ପରିବା ଚାଷ ଅନେକ କଷ୍ଟ ଯତ୍ନରେ ହେଉଥିବା ବାଇଗଣ, ଲଙ୍କା, ଭେଣ୍ଡି, ଆଳୁ, ସାରୁ, ମାଟିଆଳୁ, ବୁଦୀ, ପୋଇ ମାଟିରେ ମାଡ଼ିବା କଖାରୁ, ଫୁଟି ତରଭୁଜ, ଭାଡ଼ିରେ ମାଡ଼ିବା ପୋଇ, କାକୁଡ଼ି, କୁନ୍ଦୁରି, କାଙ୍କଣ, ଝୁଡ଼ଙ୍ଗ, ଶିମ୍ବ, ଛଚିନ୍ଦ୍ରା, ଲାଉ କଖାରୁ ଆଉ ବିଭିନ୍ନ ପ୍ରକାର ଶାଗରେ ଖଡ଼ା, କୋଶଳା, ଲେଉଟିଆ, ବଥୁଆ, କଳମ୍ବ, ପୋଦିନା ଏତେ ରକମର ପରିବା ଶାଗ ଆମ ଗ୍ରାମରେ ହେଉଥିଲା। ବିଶେଷ କରି ଆମ ଜଗତସିଂହପୁରରେ ଥିବା ସୋମନାଥ ହାଟରେ ପ୍ରତି ମଙ୍ଗଳବାର ଓ ଶନିବାର ଉକ୍ତ ପରିବା ମାନ ବିଶେଷ ଉପଲବ୍ଧ ହେଉଥିଲା। କାଗେଜୀ, ଟଭା ଲେମ୍ବୁ, ଓଉ, ଆମ୍ବେଡ଼ା, ଆମ୍ବ ପ୍ରାୟ ଅନେକଙ୍କ ବାଡ଼ିରେ ହେଉଥିଲା ଏଥିରେ ଉତ୍ତମ ଖଟା ଆଚାର ଅନେକଙ୍କ ଘରେ ବ୍ୟବହୃତ ଏବେ ବି ହେଉଛି।

ଏପରି ସମୟ ଆସିଛି ଲେକେ କର୍ମବିମୁଖ ପୁଣି ମାଙ୍କଡ଼ ଷଣ୍ଢଙ୍କ ଉତ୍ପାତ ସବୁ ତଛ ନଛ କରିଦେଉଥିବାରୁ ଲୋକେ ଏସବୁ ପ୍ରତିବିମୁଖ। ସରଳରେ ଲୋକେ କିଣିଖିଆ ହୋଇଗଲେଣି। ଗ୍ରାମରେ ଗୋରୁ ଗାଈ ଦୁର୍ଲଭ। ଗୋରୁ ଚରାଇବା ଏବେ ପୁଣି ଜଟିଳ ପରିସ୍ଥିତି, ଗୋଚର ଭୂମି ନାହିଁ, ପଡ଼ିଆ ନାହିଁ, ଧାନର ବୁଣା କିଆରୀ ଆଉ ନାହିଁ ସର୍ବତ୍ର ରୁଆ ଧାନ, ବୁଣାଧାନରେ ବୁଆଓ ନାଳୀ ଘାସ ଯାହା ଗୋରୁମାନେ କ୍ଷେତ୍ରରେ ପଶି ଚର୍ବର କଲେ ଧାନ ପିଲ ଭଲ ହେଉଥିଲା ଓ ଘାସ କମିଯାଉଥିଲା। ପରେ ବେହୁଷଣ ବେଳେ ଘାସ ମୂଳ ନଷ୍ଟ ହୋଇ କାଦୁଅରେ ଶଢ଼ି ସବୁଜ ସାର ଧାନ ଗଛ ପାଇଁ ହେଉଥିଲା। ଗୋରୁଗାଈଙ୍କ ଗୋବର ମୂତ୍ର ପ୍ରତ୍ୟକ୍ଷକୁ ଗୋବରରୁ ଜାଳେଣି ଘଷିରୁ ପାଉଁଶର ଖତ ଧାନବିଲକୁ ଉର୍ବର କରୁଥିଲା। ବଳଦ ଦ୍ୱାରା ଚାଷର ସବୁ କାମ ହେଉଥିଲା। ଧାନର ନଡ଼ା, ମୁଗ, ବିରିର ବୋଡି, ଚୋପା ଗୋଖାଦ୍ୟରେ ଲାଗୁଥିଲା। କିନ୍ତୁ ଏପରି ସମୟ ଏସବୁ ନିଶ୍ଚିନ୍ନ ଅଭାବକୁ ଚାଷର ଢ଼ଙ୍ଗ ବଦଳିଯିବାକୁ ଏପରି ପଶୁ ପାଳନରେ ବହୁ ସମସ୍ୟା ଯୋଗୁଁ ଲୋକେ ଚିନ୍ତା ବଦଳାଇ ଦେଉଛନ୍ତି। ନୂଆ ନୂଆ ଚାଷ ପ୍ରଣାଳୀର ମଞ୍ଜି ବିହନ ଉପଲବ୍ଧ ହେଲାଣି।

ପାରମ୍ପରିକ ବିହନ ବୁଡ଼ା ପରିସ୍ଥିତି କୃଷକଙ୍କ ଉପରେ ଲଦାଗଲାଣି। ଲଳିତା ଚାଷ ଧାନ କ୍ଷେତ୍ରରେ ଧାନ ରୁଆ ପର୍ବରୁ ଉଠି ସାରିଥାଏ। ଲଳିତା ପତ୍ର ଧାନ କ୍ଷେତ୍ର ଉତ୍କୃଷ୍ଟ ସବୁଜ ସାର ରୂପେ କାମ କରୁଥିଲା। ଲଳିତାରୁ ଝୋଟ ଯାହା ଚାଷୀଙ୍କ ଏକ ଅର୍ଥଦ ଫସଲ ବସ୍ତୁ ଥିଲା। ଧାନ ବିଲ ଗୁଡ଼ିକର ହିଡ଼ରେ ଧନିଚା ଗଛ ହେଉଥିଲା ଯାହାର ପତ୍ର ସବୁଜ ସାର ତାହା ବି ନାହିଁ। ଧାନ ବିଲରେ ଚୁନା ମାଛ ବର୍ଷା ଦିନରେ ବହୁତ ହେଉଥିଲେ ଲୋକେ ହିଡ଼ରେ ଅନ୍ଧୁଲି ବସାଇ ଧରୁଥିଲେ। ବହୁ ଚୁନା ମାଛ ଶୁଖୁଆ ଲୋକେ କାର୍ତ୍ତିକ ମାସରେ କରୁଥିଲେ। ତାହା ବି ଏବେ ବି ବିରଳ। ଧନକୁଟା ଢ଼ିଙ୍କି ଘରେ ଘରେ ଥିଲା ଏହା ଏବେ ବିରଳ। ଗ୍ରାମରେ ହଳର ବସି ଧାନକୁଟା ଢ଼ିଙ୍କି ବିକଳ୍ପରେ କରାଯାଉଥିଲା, ଧାନ ଉଷୁଆଁ ପାଇଁ ଜାଳଅଭାବ କାହାରି ଅମାର ନାହିଁ, ଛାଣ ଗଦା ନାହିଁ, ଲୋକେ ଧାନ ବିକ୍ରି କରିସେଲର କୁଟା ଚାଉଳକିଣି ଖାଇଲେଣି। ସବୁଆଡ଼େ ନାହିଁର ଉପସ୍ଥିତି।


**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,**
**ମୋବାଇଲ୍:୯୪୩୭୧୦୩୧୨୫୩**


# ଫକୀର ମୁଣ୍ଡା ପଚାରୁଛି-ସେ ବି କ'ଣ ସ୍ୱାଧୀନ ?



**ଡମ୍ବରୁଧର ଘଣା**

ଆମ ଗାଁ ପାଖରେ ଏକ ବଡ ଆଦିବାସୀ ବସତି କୁଣ୍ଢେଇ ଗାଁ। ସେଇଠି ସାନ୍ତାଳ ସାହିରେ ରୁହେ ଫକୀର ମୁଣ୍ଡା। ଦୁଇ ପୁଅ, ଗୋଟିଏ ଝିଅକୁ ମିଶାଇ ପାଞ୍ଚ ପ୍ରାଣୀର କୁଟୁମ୍ବ। ବାପ, ଅଜା ରହୁଥିଲେ, ସେ ବି ରହୁଛି।

ଏଇ ନିକଟ ଅତୀତରେ ଯାଇଥିବା ସ୍ୱାଧୀନତା ଦିବସର କଥା। ଫକୀରର ଗାଁ ମୁଣ୍ଡରେ ଉଚ୍ଚ ବିଦ୍ୟାଳୟଟିଏ ଅଛି। ସେ ସକାଳେ ଯାଇଥିଲା ସେହି ଆଡ଼କୁ। ଦେଖିଲା - ବିଦ୍ୟାଳୟ ପଡ଼ିଆରେ ଶହ ଶହ ଛାତ୍ରଛାତ୍ରୀ ଛିଡ଼ା ହୋଇଛନ୍ତି। ସଙ୍ଗରେ ଅଛନ୍ତି ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ। ମଝିରେ ଏକ ଲମ୍ବା ବାଉଁଶ ଉପରେ ଉଡୁଛି ଏକ ରଙ୍ଗ ବେରଙ୍ଗର ପତାକା। ଭାଷଣରେ ଜଣେ ଶିକ୍ଷକ କହୁଥାନ୍ତି - ପୂର୍ବରୁ ଇଂରେଜ ମାନେ ଆମ ଦେଶକୁ ଶାସନ କରୁଥିଲେ। ଏଇଦିନ ଆମ ଦେଶ ସ୍ୱାଧୀନ ହେଲା। ଆମ ନିଜ ହାତକୁ ଶାସନ ଭାର ଆସିଲା। ଆମେ ଭାଗ୍ୟବାନ ଯେ ଆମେ ସମସ୍ତେ ଏକ ସ୍ୱାଧୀନ ଦେଶରେ ଜନ୍ମଗ୍ରହଣ କରିଛନ୍ତି। ଦେଶର ସମ୍ବିଧାନ ଆମକୁ କହିବାର ଅଧିକାର ଦେଇଛି। ଆମ ଖାଦ୍ୟ, ବସ୍ତ୍ର, ବାସଗୃହ ଆମର ମୌଳିକ ଅଧିକାରଭୁକ୍ତ ହୋଇଛି।ଏମିତି ଆହୁରି କେତେ କ'ଣ କହୁଥାନ୍ତି।

ଫକୀର ଛିଡା ହୋଇଥାଏ ସେହି ପଡ଼ିଆରେ। ସବୁ ଦେଖୁଥାଏ, ଶୁଣୁଥାଏ। ହେଲେ କିଛି ବୁଝି ପାରୁନଥାଏ। ନିଜକୁ ପଚାରିଲା - ଏ ସ୍ୱାଧୀନତାଟା କ'ଣ ? ମୁଁ ଓ ମୋ ପିଲାମାନେ କ'ଣ ଏମାନଙ୍କ ପରି ସ୍ୱାଧୀନ? ନା, ସ୍ୱାଧୀନତାଟା ସମସ୍ତଙ୍କ ପାଇଁ ନୁହେଁ ? ସେୟା ହିଁ ହୋଇଥିବ - ନିଜକୁ ଉତ୍ତର ଦେଲା। ନହେଲେ, ଏମାନେ ଯେତେବେଳେ ଭଲ ଖାଉଛନ୍ତି, ଭଲ ପିନ୍ଧୁଛନ୍ତି, ଭଲ ଘରେ ରହୁଛନ୍ତି, ସେତେବେଳେ, ମୋ ପିଲା କାହିଁକି ଓଳିଏ ଖାଇଲେ, ଓଳିଏ ଓପାସ ରହୁଛନ୍ତି, ଭଲ ଜାମାଟିଏ ପିନ୍ଧିବାକୁ ପାଉ ନାହାନ୍ତି, ମୁଣ୍ଡ ଉପରକୁ ପକ୍କା ଘର ଖଣ୍ଡେ ମଧ୍ୟ ମିଳୁ ନାହିଁ ? ଝାଟିମାଟି କଚା ଘରେ ବିତୁଛି ଜୀବନ।

ସ୍ୱାଧୀନତା କଥାଟା ତ ବୁଝି ପାରିଲା ନାହିଁ ଏ ' ଭାଗ୍ୟବାନ' ଟା ତାକୁ ପୁଣି ଅଡୁଆରେ ପକାଇଲା। ତା' ନିଜକୁ ଦେଖିଲେ, ତା' ବେଉସା, ତା' ରୋଜଗାର, ତା' ଘର କୁ ଦେଖିଲେ, କେହି କ'ଣ କହିବ, ଏମାନେ ବି ଭାଗ୍ୟବାନ- ଏ ଦ୍ୱନ୍ଦରେ ପଡ଼ିଲା ଫକୀର। ଚାଷ ବୋଲି କିଛି ନାହିଁ। କହିବାକୁ ଗଲେ ଭୂମି ହୀନ। ନୀଚା ଓ କଚା ଘର ଖଣ୍ଡିକ ଯେତିକି ଜମି ଉପରେ ଛିଡା ହୋଇଛି, ସେତିକି ହିଁ ତା'ର ସ୍ଥାବର ସମ୍ପତ୍ତି। ପର ଘରେ ମୂଲ ଲାଗି, ଗାଈ, ଛେଳି ଚରାଇ ପରିବାର ପାଳେ ଫକୀର। ସ୍ତ୍ରୀ ତାକୁ ସାହାଯ୍ୟ କରେ। ମୁଣ୍ଡ ପିଛା କିଛି ସରକାରୀ ଚାଉଳ ପାଏ ଫକୀର। ଝିଅକୁ ସରକାର ଚାଉଳ ଦିଅନ୍ତି ନାହିଁ। ସରକାରଙ୍କ ଏ ହିସାବଟା ଫକୀର ମୁଣ୍ଡରେ ପଶେ ନାହିଁ। ସମସ୍ତେ ଦିନକୁ ତିନି ଓଳି ଭାତ ଖାଆନ୍ତି। ଯାହା ଚାଉଳ ପାଏ, ମାସର ଚାରିରୁ ପାଞ୍ଚ ଦିନ ଯାଏ। ମାସର ବାକି ପଚିଶି ଦିନ ପାଇଁ ଫକୀର ପାଖରେ ଚାଉଳ ନାହିଁ। ପର ଘରେ ମଜୁରୀ କରି ଆଣିଲେ, ତା' ପିଲା ଭାତ ମୁଠାଏ ଖାଇବାକୁ ପାଇବେ। ତାହା ପୁଣି ବଜାର ଦରରେ କିଣିବାକୁ ହୁଏ। ଏତେ ଚାଉଳ ପାଇଁ ଅର୍ଥ ଆଣିବ କେଉଁଠୁ?

ଫକୀର ର ବୟସ ଆଜି ତଉସ୍ତରୀ। ଚଉଦ ବର୍ଷ ତଳୁ ତାକୁ ଷାଠିଏ ପୁରିଲାଣି। ତଥାପି ସରକାର ତାକୁ ଭତ୍ତା ଦେବାକୁ ଉଚିତ ମଣିଲେ ନାହିଁ। ତା'ଠୁ କେତେ ସାନ ଲୋକ ଭତ୍ତା ପାଉଛନ୍ତି। ଫକୀର ବୁଝି ପାରୁନି - ସ୍ୱାଧୀନ ଦେଶରେ ଏ ଭତ୍ତା ଟା ତା'ର ଅଧିକାର, ନା ସରକାରଙ୍କ ଦୟା। ତା' ସାହିରେ କେତେ ସ୍ୱଚ୍ଛଳ ଲୋକଙ୍କୁ ସରକାରୀ ଘର ମିଳିଛି। ତା'ରି ବେଳକୁ ମନା। ସେ ପଚାରୁଛି - ଏ ସ୍ୱାଧୀନତା ଟା କ'ଣ ତାକୁ ଖଣ୍ଡେ ଘର, ଗଣ୍ଡାଏ ଭତ୍ତା ଦେଇ ପାରିବ ନାହିଁ ? ତା' ପିଲା କ'ଣ ଏ ସ୍ୱାଧୀନ ଦେଶର ପିଲା ନୁହନ୍ତି?

କେବେ ଥରେ ସେ ତା' ସାହୁକାର ଘରେ ଟି. ଭି. ରେ ମନ୍ତ୍ରୀ କହୁଥିବାର ଶୁଣିଥିଲା -, ' ଜନଜାତିଙ୍କ ବିକାଶ ଆମର ପ୍ରାଥମିକତା।' ପୁଣି ଆଉଥରେ ଶୁଣିଥିଲା - ' ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ରକ୍ଷା କରିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ।' ଶିକ୍ଷକ କହୁଛନ୍ତି - ଭତ୍ତା, ଘର ସବୁ ମୌଳିକ ଅଧିକାର। ସେତ ଭତ୍ତା ପାଉନାହିଁ। ଘର ତାକୁ ସରକାର ଦେଲେ ନାହିଁ। ତେବେ, ମୌଳିକ କହିଲେ, କ'ଣ ବୁଝାଏ - ଫକୀର ପଚାରୁଛି ନିଜକୁ।ମୌଳିକ ରେ ବି କ'ଣ ପାତର ଅନ୍ତର ଅଛି ? ଏ ଟି. ଭି କଥାକୁ ବିଶ୍ୱାସ କରି ପାରୁ ନାହିଁ ଫକୀର ମୁଣ୍ଡା।

ସର୍ବାଙ୍ଗୀନ ଉନ୍ନତିର ନାରା ଦେଇ, ନିର୍ବାଚନ ଜିତିଥିବା ସରପଞ୍ଚଟିକୁ ସେ ସରକାରଙ୍କ ଚଳନ୍ତି ପ୍ରତିମା ବୋଲି ଧରି ନେଇଛି। ହେଲେ, ଏ ସରକାରଟି କେବେ ତା' କଥା ପଚାରି ବୁଝି ନାହିଁ। ଭତ୍ତା କଥା ପଚାରି ନାହିଁ, କି ଘର ବିଷୟରେ ଆଲୋଚନା କରି ନାହିଁ। ଫକୀର ଶୁଣେ - ଏ ସରପଞ୍ଚଟି ଦୟା କଲେ ଭତ୍ତା ମିଳେ, ସେ ଚାହିଁଲେ ଘର ମିଳେ। ହେଲେ, ବୁଝି ପାରେନି - ଜନଜାତିଙ୍କ ବିକାଶର ପ୍ରାଥମିକତା ଟା ଏ' ସରପଞ୍ଚ ର ହାତ ମୁଠାରେ ଆବଦ୍ଧ ହୋଇ ଗଲା କିପରି ? ପୁଣି ଭାବେ - ସାମ୍ବିଧାନିକ ଅଧିକାର ରକ୍ଷା କରିବାର ପ୍ରତିଶ୍ରୁତିବଦ୍ଧତା ଟା ଦୟାରେ କେବେ ପରିଣତ ହୋଇଗଲା?

ଫକୀର ତା' ବିଧାୟକ ବାଛିଛି ସତ, କିନ୍ତୁ କେବେ ଦେଖି ନାହିଁ। ଲୋକେ କଥା ହୁଅନ୍ତି - ତା' ବିଧାୟକଟା ଏବେ ରାଜ୍ୟ ମୁଖିଆ ହୋଇଗଲାଣି। ତାଙ୍କ ଇସାରାରେ ସବୁ କିଛି ଚାଲେ। ହେଲେ, ଫକୀର ଆଗରୁ ଯେପରି ଥିଲା, ଏବେବି ସେପରି ଅଛି। ତା' ପରିସ୍ଥିତି, ଆର୍ଥିକ ସ୍ଥିତିରେ କିଛି ଫରକ ନାହିଁ। ସେ ଆଜିବି ବୁଝି ପାରେ ନାହିଁ - ସେ ବିଧାୟକ ବାଛେ କାହିଁକି ଏବଂ ଏ ବିଧାୟକର କାମ କ'ଣ।



ଏମିତି କେତେ କଥା ଭାବି ଚାଲିଥାଏ। ନିଜକୁ ନିଜେ ପଚାରୁଥାଏ ପ୍ରଶ୍ନ ପରେ ପ୍ରଶ୍ନ। ଏହାରି ଭିତରେ ସଭା ସରିଗଲା। ପିଲାମାନେ ଚାଲିଗଲେ। ଫକୀର ମୁଣ୍ଡରେ ପ୍ରଶ୍ନସବୁ ପ୍ରଶ୍ନ ହୋଇ ରହିଗଲା। କିଏ ଦେବ ଏହାର ଉତ୍ତର ଓ କେବେ ଦେବ ?


ଭୁବନେଶ୍ୱର, ମୋବାଇଲ୍:୭୯୭୮୨୧୦୮୨୧


# ବିଜ୍ଞାନକୁ ଦରକାର ରାଜନୈତିକ ସଂରକ୍ଷଣ, ନିୟନ୍ତ୍ରଣ ନୁହେଁ



**ଡା. ରାଜ କିଶୋର ପଣ୍ଡା**

"ବିଜ୍ଞାନ ସଂଗଠିତ ଜ୍ଞାନ ଥିବାବେଳେ, ବୁଦ୍ଧି ହେଉଛି ସଙ୍ଗଠିତ ଜୀବନ।" ଏହା ହେଉଛି ପ୍ରସିଦ୍ଧ ଜର୍ମାନ ଦାର୍ଶନିକ ଇମାନୁଏଲ୍ କାଣ୍ଟଙ୍କର ଉକ୍ତି। ଏହା ସ୍ପଷ୍ଟ କରେ କି ବିଜ୍ଞାନ କେବଳ ପ୍ରୟୋଗଶାଳାରେ ସୀମିତ ଗତିବିଧି ନୁହେଁ, ବରଂ ଏହା ହେଉଛି ସଭ୍ୟତାର ବିକାଶର ଆଧାର। ଅନ୍ୟ ପକ୍ଷରେ "ରାଜନୀତି" ସମାଜର ସାମୂହିକ ଆକାଂକ୍ଷାକୁ ନୀତି ନିୟମରେ ବଦଳାଇବାର କଳା ଅଟେ। ତେଣୁ ବିଜ୍ଞାନ ଓ ରାଜନୀତିର ସମ୍ବନ୍ଧ ସ୍ୱାଭାବିକ ଓ ଅପରିହାର୍ଯ୍ୟ। ଯେତେବେଳେ ରାଜନୀତି ବିଜ୍ଞାନର ସଂରକ୍ଷକ ହେବା ପରିବର୍ତ୍ତେ ଏହାର ନିୟନ୍ତ୍ରକ ହେବା ପାଇଁ ଚେଷ୍ଟା କରେ ସମସ୍ୟା ସେତେବେଳେ ଉପୁଜିଥାଏ। ଏହି ପରିସ୍ଥିତିରେ ବିଜ୍ଞାନଭିତ୍ତିକ ସତ୍ୟକୁ ରାଜନୈତିକ ଶକ୍ତି, ନିଜ ସୁବିଧା ଅନୁସାରେ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରିଥାଏ ଓ ଚିରନ୍ତନ ଜ୍ଞାନର ସ୍ୱତନ୍ତ୍ରତା କ୍ଷମତାର ଅଧୀନକୁ ଚାଲିଆସେ। ଭାରତ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି କି, ବିଜ୍ଞାନରେ ରାଜନୈତିକ ଦଖଲ କେଉଁ ପର୍ଯ୍ୟନ୍ତ ଆବଶ୍ୟକ ଓ କେଉଁଠାରୁ ଏହା ଜାତୀୟ ଲାଭ ପରିବର୍ତ୍ତେ ଜାତୀୟ କ୍ଷତି କରିଥାଏ।

ବିଜ୍ଞାନର ଇତିହାସ କହୁଛି, କୌଣସିଟି ବୈଜ୍ଞାନିକ କ୍ରାନ୍ତି, ରାଜନୈତିକ ଓ ସାମାଜିକ ସମର୍ଥନ ବିନା ସମ୍ଭବ ହୋଇନାହିଁ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ବୈଜ୍ଞାନିକ ଦୃଷ୍ଟିକୋଣକୁ ଦେଶର ଭିତ୍ତି ବୋଲି ମାନୁଥିଲେ। ଏହି ବିଷୟରେ ତାଙ୍କର ପ୍ରସିଦ୍ଧ ମନ୍ତବ୍ୟ ଥିଲା, ବୈଜ୍ଞାନିକ ଚିନ୍ତାଧାରା କେବଳ ଗବେଷଣାଗାରର ବସ୍ତୁ ନୁହେଁ, ବରଂ ଜୀବନଯାପନ କରିବାର ପଦ୍ଧତି ଅଟେ। ଏହାର ପରିଣାମ ସ୍ୱରୂପ ଦେଶରେ ଆଇ.ଆଇ.ଟି, ସି.ଏସ୍.ଆଇ.ଆର୍, ଇସ୍ରୋ ଭଳି ଗବେଷଣା ସଂସ୍ଥାନ ମାନ ସ୍ଥାପନ କରାଗଲା। ଆଜି ଭାରତର ଅନ୍ତରୀକ୍ଷ ପ୍ରଦର୍ଶନ ଯେପରିକି ଚନ୍ଦ୍ରଯାନ, ମଙ୍ଗଳଯାନର ସଫଳତା ପ୍ରମାଣ କରୁଛନ୍ତି କି, ଯେତେବେଳେ ରାଜନୀତି ଦୂରଦୃଷ୍ଟିକୁ ଆପଣାଇଥାଏ ଓ ବିଜ୍ଞାନକୁ ଗବେଷଣା ନିମନ୍ତେ ସଂସାଧନ ଯୋଗାଇଥାଏ, ସେତେବେଳେ ଦେଶରେ ବୈଜ୍ଞାନିକ ଉପଲବ୍ଧି ସାଙ୍ଗକୁ ରାଷ୍ଟ୍ରୀୟ ଆତ୍ମବିଶ୍ୱାସ ତଥା ମର୍ଯ୍ୟାଦାରେ ବୃଦ୍ଧି ଘଟେ।

ଏହିପରି ଅନ୍ୟ ଏକ ଉଦାହରଣ ହେଉଛି କୋଭିଡ୍ ମହାମାରୀ, ଯାହାକି ଦର୍ଶାଇଥିଲା ବିଜ୍ଞାନ ଓ ରାଜନୀତି ମଧ୍ୟରେ ସହଯୋଗ ସମାଜ ପାଇଁ କେତେ ଆବଶ୍ୟକ। ଭାରତୀୟ ବୈଜ୍ଞାନିକ ମାନେ ଅଳ୍ପ ସମୟ ମଧ୍ୟରେ ସ୍ୱଦେଶୀ କୋଭିଡ୍ ଟୀକା ବିକଶିତ କରିଥିଲେ ଓ ସରକାର ଏହାକୁ ବ୍ୟାପକ ଟୀକାକରଣ ମାଧ୍ୟମରେ ଘରେଘରେ ପହଞ୍ଚାଇ ଥିଲେ। ଯଦି ବୈଜ୍ଞାନିକ ଅନୁସନ୍ଧାନ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଏହି ସମନ୍ୱୟ ହୋଇ ନଥାନ୍ତା ତେବେ କୋଭିଡ୍ ଯୋଗୁଁ ମାନବୀୟ ଓ ଆର୍ଥିକ କ୍ଷତିର ପରିମାଣ ଆହୁରୀ ଅଧିକ ହୋଇଥାନ୍ତା। ଏଣୁ ଏହା ସ୍ପଷ୍ଟ ଯେ, ରାଜନୀତିର କର୍ତ୍ତବ୍ୟ, ବିଜ୍ଞାନର ଦିଗ ନିର୍ଣ୍ଣୟ ନୁହେଁ ବରଂ ବିଜ୍ଞାନକୁ ସମାଜ ନିକଟରେ ପହଞ୍ଚାଇବା।

ପ୍ରଖ୍ୟାତ ଆମେରିକୀୟ ମହାକାଶ ବିଜ୍ଞାନୀ କାର୍ଲ ସାଗାନ କହିଥିଲେ, "ଯେତେବେଳେ ସମାଜ ବିଜ୍ଞାନକୁ ବୁଝିବା ବନ୍ଦ କରିଦିଏ, ସେତେବେଳେ ସେ ଅନ୍ଧବିଶ୍ୱାସ ଓ କ୍ଷମତା ଜନିତ ଛଳନାର ଶିକାର ହୁଏ। "ଏହି ଚେତାବନୀ ଆଗ ଅପେକ୍ଷା ବର୍ତ୍ତମାନ ସମୟରେ ବେଶୀ ପ୍ରାସଙ୍ଗିକ ମନେ ହେଉଛି। ଯଦି ବୈଜ୍ଞାନିକ ନିଷ୍କର୍ଷର ମୂଲ୍ୟାଙ୍କନ କୌଣସି ଜନହିତକାରୀ ପ୍ରୟୋଗ ପରିବର୍ତ୍ତେ ରାଜନୈତିକ ଅଭିସନ୍ଧି ବା ଲାଭ ରଖି କରାଯାଏ, ତେବେ ବିଜ୍ଞାନର ଉଦ୍ଦେଶ୍ୟ ହିଁ ସମାପ୍ତ ହୋଇଯାଏ। ଲୋକତନ୍ତ୍ରରେ ସରକାର ବଦଳିଥାଏ, ବିଚାର ଧାରା ମଧ୍ୟ ବଦଳେ କିନ୍ତୁ ବୈଜ୍ଞାନିକ ସତ୍ୟ କେବେବି କୌଣସି ରାଜନୈତିକ ଦଳର ସମର୍ଥକ ହୋଇନଥାଏ। ଏହା କେବଳ ପ୍ରମାଣର ସମର୍ଥକ ହୋଇଥାଏ। ଭାରତରେ ସମୟ ସମୟରେ ବୈଜ୍ଞାନିକ ସଂସ୍ଥାନ ମାନଙ୍କର ସ୍ୱତନ୍ତ୍ରତା, ନିଯୁକ୍ତି ଓ ଗବେଷଣାର ପ୍ରାଥମିକତାକୁ ନେଇ ବିତର୍କ ହୋଇଥାଏ। ଏହି ବିତର୍କ କେବଳ ପ୍ରଶାସନିକ ନୁହେଁ, ଲୋକତାନ୍ତ୍ରିକ ମଧ୍ୟ। ଯଦି କୌଣସି ବୈଜ୍ଞାନିକ ସଂସ୍ଥାନର ନିଯୁକ୍ତି ତଥା ନେତୃତ୍ୱ ନିର୍ବାଚନ ଯୋଗ୍ୟତା ପରିବର୍ତ୍ତେ, ରାଜନୈତିକ ନିକଟତା ହେତୁ ହେବାର ଜଣାପଡ଼େ ତେବେ ସର୍ବପ୍ରଥମେ ଜନସାଧାରଣଙ୍କର ବିଶ୍ୱାସ ଦୁର୍ବଳ ହୋଇପଡ଼େ। ବିଜ୍ଞାନର ଆଧାର ବିଶ୍ୱସନୀୟତା ଓ ବିଶ୍ୱସନୀୟତାର ଆଧାର "ସ୍ୱତନ୍ତ୍ରତା"। ରାଜନୀତି ଓ ବିଜ୍ଞାନ ମଧ୍ୟରେ ସଂଘର୍ଷର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ହେଉଛି "ପରିବେଶ ନୀତି"। ବୈଜ୍ଞାନିକମାନେ ଦୀର୍ଘ ବର୍ଷରୁ ଚେତାବନୀ ଦେଇ ଆସୁଛନ୍ତି କି, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଓ ଜୈବ ବିବିଧତାର ଧ୍ୱଂସ ମାନବ ସଭ୍ୟତା ପାଇଁ ଗମ୍ଭୀର ବିପଦ ଡାକି ଆଣିବ। ଏହା ସତ୍ତ୍ୱେ କିନ୍ତୁ ବିଭିନ୍ନ ଉନ୍ନତିମୂଳକ ପରିଯୋଜନାରେ ବୈଜ୍ଞାନିକ, ପରିବେଶବିତ୍‌ମାନଙ୍କର ମତ ଓ ରିପୋର୍ଟ ପରିବର୍ତ୍ତେ ରାଜନୈତିକ ତଥା ଆର୍ଥିକ ହିତକୁ ପ୍ରାଥମିକତା ଦିଆଯାଉଛି।

ଏହିପରି ଏକ ରିପୋର୍ଟ ହେଉଛି "ଗାଡ୍‌ଗିଲ୍ କମିଶନ୍ ରିପୋର୍ଟ।" ବିଶିଷ୍ଟ ପରିବେଶବିତ୍ ମାଧବ ଗାଡ୍‌ଗିଲ ପଶ୍ଚିମଘାଟ ପର୍ବତମାଳାର ସଂରକ୍ଷଣକୁ ଗୁରୁତ୍ୱ ଦେଇ ଉପରୋକ୍ତ ରିପୋର୍ଟଟିକୁ ପ୍ରସ୍ତୁତ କରିଥିଲେ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ସମ୍ପୃକ୍ତ ରିପୋର୍ଟଟି କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ବିଜ୍ଞାନ ଓ ରାଜନୀତି ମଧ୍ୟରେ ସମ୍ପର୍କକୁ ବିଚାର କଲାବେଳେ ପ୍ରସିଦ୍ଧ ଜୀବ ବିଜ୍ଞାନୀ "ରିଚାର୍ଡ ଡକିନ୍ସଙ୍କ ଏହି ଉକ୍ତି ମଧ୍ୟ ଉଲ୍ଲେଖନୀୟ ଯେ, " ବିଜ୍ଞାନର ସବୁଠାରୁ ବଡ଼ ଶକ୍ତି ହେଉଛି ପ୍ରମାଣ ବଦଳିବା ସହ ଏହାର ନିଷ୍କର୍ଷ ମଧ୍ୟ ବଦଳିଥାଏ। ଏହି ନମନୀୟତା କିନ୍ତୁ ରାଜନୀତିରେ ନଥାଏ। ଫଳସ୍ୱରୂପ ବୈଜ୍ଞାନିକ ତଥ୍ୟ ଓ ରାଜନୈତିକ ଆଗ୍ରହ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥାଏ। ଏହି କାରଣରୁ ହିଁ ବୈଜ୍ଞାନିକ ସଂସ୍ଥାନମାନଙ୍କୁ ସରକାରଙ୍କ ପ୍ରତି ଉତ୍ତରଦାୟୀ ହେବା ତ ଉଚିତ୍ ମାତ୍ର ରାଜନୈତିକ ଭାବରେ ଆଶ୍ରିତ ନୁହେଁ।

ଭାରତୀୟ ସମ୍ବିଧାନ ମଧ୍ୟ ଏହି ଦିଗରେ ସ୍ପଷ୍ଟ ସଂକେତ ଦେଉଅଛି। ଅନୁଛେଦ ୫୧(କ) ପ୍ରତ୍ୟେକ ନାଗରିକକୁ ବୈଜ୍ଞାନିକ ଦୃଷ୍ଟିକୋଣ, ମାନବତାବାଦ ଓ ଜ୍ଞାନାର୍ଜନର ଭାବନା ବିକଶିତ କରିବା ପାଇଁ ଆଗ୍ରହ କରିଥାଏ। ବୈଜ୍ଞାନିକ ଚେତନାର ବିକାଶ ଓ ଏହାକୁ ପ୍ରୋତ୍ସାହିତ କରିବା ରାଜ୍ୟର ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ। ଯଦି ଶାସନବ୍ୟବସ୍ଥା ବା ତନ୍ତ୍ର ନିଜେ ହିଁ ଅପ୍ରମାଣିତ ଦାବି, ଛଦ୍ମବିଜ୍ଞାନ ଓ ଭାବନାତ୍ମକ ପ୍ରସଙ୍ଗକୁ ବୈଜ୍ଞାନିକ ତଥ୍ୟର ସମକକ୍ଷ ଭାବେ ପ୍ରସ୍ତୁତ କରିବାରେ ଲାଗେ, ତାହାହେଲେ ସମ୍ବିଧାନର ମୂଳ ଲକ୍ଷ୍ୟ ଦୁର୍ବଳ ହୋଇପଡ଼େ। ଏଥିପାଇଁ ବିଜ୍ଞାନରେ ରାଜନୀତିର ଭୂମିକା ସ୍ପଷ୍ଟ ଓ ସୀମିତ ରହିବା ନିତାନ୍ତ ଭାବରେ ଆବଶ୍ୟକ।

ସରକାର ଗବେଷଣା ପାଇଁ ପାଣ୍ଠିର ବ୍ୟବସ୍ଥା କରିବା ସହିତ ବୈଜ୍ଞାନିକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତୁ। ଗବେଷଣା ସଂସ୍ଥାମାନଙ୍କୁ ବିଶ୍ୱସ୍ତରର ସୁବିଧା ପ୍ରଧାନ କରନ୍ତୁ। ଏହାର ବିପରୀତରେ ବୈଜ୍ଞାନିକ ଫଳାଫଳର ମୂଲ୍ୟ ନିରୂପଣ, ଏହାର ବ୍ୟାଖ୍ୟା, ବୈଜ୍ଞାନିକ ସଂସ୍ଥାନମାନଙ୍କରେ ନିଯୁକ୍ତି ଓ ସଂସ୍ଥାନର ସ୍ୱତନ୍ତ୍ରତାରେ ସରକାରଙ୍କର ହସ୍ତକ୍ଷେପ କମ୍ ରହିବା ଉଚିତ୍। ଅତୀତରେ ଶାସନତନ୍ତ୍ରର ଅଯଥା ହସ୍ତକ୍ଷେପ ହେତୁ ବୈଜ୍ଞାନିକ ମାନେ ଅକଥନୀୟ ନିର୍ଯ୍ୟାତନା ସହିବା ସହିତ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଉଦାହରଣ ସ୍ୱରୂପ ଗାଲିଲିଓ ଓ ବ୍ରୁନୋ।





**ମେଡିକାଲ ଅଫିସର,**
**ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ୍:୮୧୪୪୦୪୨୯୯୭**

'ବନ୍ଦେ ମାତରମ୍'କୁ ନେଇ ରାଜନୈତିକ ବିବାଦ

# ପ୍ରଥମ ଦୁଇପଦ ଗାଇବାକୁ କଂଗ୍ରେସ କାର୍ଯ୍ୟକାରିଣୀର ନିଷ୍ପତ୍ତି

### ୧୯୩୭ ମସିହାର ପ୍ରସ୍ତାବକୁ ଦୋହରାଇ କଂଗ୍ରେସ ରାଜନୀତି କରୁଛି: ଶାହ

### ଭୋଟ୍ ପାଇଁ କଂଗ୍ରେସ ନୂଆ ମୁସଲିମ ଲିଗ୍ ସାଜୁଛି: ନୀତିନ ନବୀନ



ନୂଆଦିଲ୍ଲୀ, ୨୦।୮: ବନ୍ଦେ ମାତରମ୍‌କୁ ନେଇ ରାଜନୈତିକ ବିବାଦ ଜାରି ରହିଛି। କଂଗ୍ରେସ ଦଳ ସ୍ପଷ୍ଟ କରିଛି ଯେ ଏହା ଭବିଷ୍ୟତରେ ସମସ୍ତ ଦଳୀୟ କାର୍ଯ୍ୟକ୍ରମରେ କେବଳ ପ୍ରଥମ ଦୁଇଟି ପଦ ଗାଇବ। ନୂଆଦିଲ୍ଲୀରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରିଣୀର ଚାରି ଘଣ୍ଟାର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶାସକ ଭାରତୀୟ ଜନତା ପାର୍ଟି କଂଗ୍ରେସର ଏହି ପଦକ୍ଷେପକୁ କଡ଼ା ସମାଲୋଚନା କରି ଦଳ ତୁଷ୍ଟୀକରଣ ରାଜନୀତି କରୁଥିବା ଅଭିଯୋଗ କରିଛି।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଭୋଟ ପାଇଁ କଂଗ୍ରେସକୁ ନୂଆ ମୁସଲିମ ଲିଗ୍ ବୋଲି ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ହିନ୍ଦୀ ପୋଷ୍ଟରେ ନବୀନ କଂଗ୍ରେସକୁ ଭାରତ ମାତାଙ୍କୁ ଅପମାନିତ କରୁଥିବା ଅଭିଯୋଗ କରିଛନ୍ତି ଓ କହିଛନ୍ତି ଯେ ଏହା ସେମାନଙ୍କର ନୀତିର ଏକ ଅଂଶ ବିଶେଷ। ଭାରତ ମାତାଙ୍କର ପବିତ୍ର ଆବାହନ ପ୍ରତି ଏହି ଅପମାନ ହଜାର ହଜାର ସହିଦଙ୍କ ପ୍ରତି ମଧ୍ୟ ଅପମାନ, ଯେଉଁମାନେ ଏହି ଗୀତକୁ ହୃଦୟରେ ରଖି ଦେଶ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ଏହା କେବଳ ଏକ ରାଜନୈତିକ ପ୍ରତିରକ୍ଷା ନୁହେଁ, ବରଂ ଭୋଟ ବ୍ୟାଙ୍କ ଭୋକର ପ୍ରମାଣ। ଏଭଳି କରି କଂଗ୍ରେସ ବାରମ୍ବାର ଦେଶର ସ୍ୱାଭିମାନକୁ କ୍ଷୁଣ୍ଣ କରୁଛି।

ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍‌ର ପୂର୍ଣ୍ଣ ସଂସ୍କରଣ ଗାଇବାକୁ ବାଧ୍ୟତାମୂଳକ କରିଛି, ଯାହାକୁ କଂଗ୍ରେସ ଦଳ ସମାଲୋଚନା କରିଛି। କଂଗ୍ରେସ ଦଳ ଅଭିଯୋଗ କରିଛି ଯେ ବିଜେପି ବନ୍ଦେ ମାତରମ୍ ଗାଇବାକୁ ଏକ ରାଜନୈତିକ ପ୍ରସଙ୍ଗ କରିଛି। ଅଗଷ୍ଟ ୧୫ ତାରିଖରେ କଂଗ୍ରେସ ମୁଖ୍ୟାଳୟରେ ବନ୍ଦେ ମାତରମ୍‌ର ପୂର୍ଣ୍ଣ ସଂସ୍କରଣ ଗାଇବାର ଏକ ଭିଡିଓ ଭାଇରାଲ ହେବା ପରେ ଏହି ବିତର୍କ ପୁଣି ଥରେ ଆରମ୍ଭ ହୋଇଥିଲା। ବିଜେପି ଅଭିଯୋଗ କରିଥିଲା ଯେ ରାଜ୍ୟସଭା ସଦସ୍ୟା ସୋନିଆ ଗାନ୍ଧୀ କାର୍ଯ୍ୟକ୍ରମ ସମୟରେ ପୂର୍ଣ୍ଣ ସଂସ୍କରଣ ବଜାଇବାରୁ ରୋକିବାକୁ ଚେଷ୍ଟା କରିଥିଲେ, ଯେତେବେଳେ କଂଗ୍ରେସ ସ୍ପଷ୍ଟ କରିଥିଲା ଯେ ସିପିପି ଅଧ୍ୟକ୍ଷା କେବଳ ଦଳର ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ପାଇଁ ଏକ ଚୌକି ଅନୁରୋଧ କରୁଥିଲେ।

ଅପରପକ୍ଷରେ 'ବନ୍ଦେ ମାତରମ୍' ଗାନ କରିବାକୁ ନେଇ କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି) ଗ୍ରହଣ କରିଥିବା ନିଷ୍ପତ୍ତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନିଜର ୧୯୩୭ ମସିହାର ପ୍ରସ୍ତାବକୁ ଦୋହରାଇ ପୁନର୍ବାର ରାଜନୀତି କରୁଛି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନିତ କରୁଛି ବୋଲି ଶାହ ଅଭିଯୋଗ କରିଛନ୍ତି। ୧୯୩୭ରେ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରିବା ହିଁ ପରବର୍ତ୍ତୀ ସମୟରେ ଦେଶ ବିଭାଜନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା ବୋଲି ସେ ଦାବି କରିଛନ୍ତି।

ତ୍ରୁଟିପୂର୍ଣ୍ଣ ଏଚ୍‌ଆଇଭି ସଂକ୍ରମିତ ମାମଲା

## ୬୦ ହଜାର କ୍ଷତିପୂରଣ ପାଇଁ ନିର୍ଦ୍ଦେଶ




ଡେରାଡୁନ୍, ୨୦।୮: ଉତ୍ତରାଖଣ୍ଡ ରାଜ୍ୟ ଖାଉଟି କମିସନ ଅଗଷ୍ଟ ୧୭ ତାରିଖରେ ଏମ୍ସ ଋଷିକେଶକୁ ଚିକିତ୍ସାରେ ଅବହେଳା ପାଇଁ ଦୋଷୀ ସାବ୍ୟସ୍ତ କରିବା ଏକ ଆଦେଶକୁ କାଏମ୍ ରଖିଛି। ଏମ୍ସ ରେକର୍ଡରେ ବାରମ୍ବାର ଜଣେ ରୋଗୀଙ୍କୁ ଏଚ୍‌ଆଇଭି ସଂକ୍ରମିତ ଭାବରେ ରେକର୍ଡ କରାଯାଇଥିଲା ଓ ପରବର୍ତ୍ତୀ ପରୀକ୍ଷାରେ ତାଙ୍କୁ ଏଚ୍‌ଆଇଭି ନଥିବା ଜଣାପଡ଼ିଥିଲା। କମିସନ କହିଛନ୍ତି ଯେ, ହସ୍ପିଟାଲ ଏହାର ରେକର୍ଡରେ ରୋଗୀଙ୍କ ଲାଗି ଏଚ୍‌ଆଇଭି ସଂକ୍ରମିତ ଦର୍ଶାଇଛି ତାହା ବ୍ୟାଖ୍ୟା କରିବାରେ ବିଫଳ ହୋଇଛି ଓ ୫୦,୦୦୦ ଟଙ୍କା କ୍ଷତିପୂରଣ ଓ ୧୦,୦୦୦ ଟଙ୍କା ମାମଲା ଖର୍ଚ୍ଚ ବାବଦରେ ଦେବାକୁ ଜିଲ୍ଲା ଖାଉଟି କମିସନଙ୍କ ନିର୍ଦ୍ଦେଶକୁ ସମର୍ଥନ କରିଛି।

କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅଭିଯୋଗକାରୀ ୧୨ ଜୁଲାଇ ୨୦୧୪ରେ ଅସୁସ୍ଥ ହୋଇଥିଲେ ଓ ୧୫ ଜୁଲାଇରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ସେହି ଦିନ ତାଙ୍କୁ ଏମ୍ସ ଋଷିକେଶରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗକାରୀଙ୍କୁ ଏଚଆଇଭି ପଜିଟିଭ୍ ଭାବରେ ରେକର୍ଡ କରାଯିବା ପରେ ୧୬ ଜୁଲାଇରେ ଡିସଚାର୍ଜ କରାଯାଇଥିଲା।

## ଶିଖ୍‌ଦଙ୍ଗା ଅଭିଯୁକ୍ତ ସଜ୍ଜନ କୁମାରଙ୍କ ପରଲୋକ



ନୂଆଦିଲ୍ଲୀ, ୨୦।୮: ୧୯୮୪ ଶିଖ ଦଙ୍ଗାରେ ଲୋକଙ୍କୁ ହତ୍ୟା କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କର ଗୁରୁବାର ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ମୃତ୍ୟୁ ଘଟିଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୮୪ ମସିହା ଅକ୍ଟୋବର ୩୧ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଶିଖ୍ ଅଙ୍ଗରକ୍ଷୀ ସତୱନ୍ତ ସିଂହ ଓ ବିୟନ୍ତ ସିଂହ ହତ୍ୟା କରିବା ପରେ ଦଙ୍ଗା ଆରମ୍ଭ ହୋଇଥିଲା। ସାରା ଭାରତରେ ୩,୦୦୦ ରୁ ଅଧିକ ଶିଖଙ୍କୁ ହତ୍ୟା କରାଯାଇଥିଲା।

## ଯୁବ ଆଡଭୋକେଟ୍‌ଙ୍କ ପ୍ରତିବାଦକୁ ସିଜେପିର ସମର୍ଥନ



ନୂଆଦିଲ୍ଲୀ, ୨୦।୮: ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ) ଅଧ୍ୟକ୍ଷ ମନନ ମିଶ୍ରଙ୍କ ଇସ୍ତଫା ଦାବିରେ ଅଲ୍ ଇଣ୍ଡିଆ ୟଙ୍ଗ୍ ଆଡଭୋକେଟ୍ସ ଆସୋସିଏସନ୍ ଗୁରୁବାର ପ୍ରତିବାଦ କରିବାକୁ ଘୋଷଣା କରିଛି। ସିଜେପି ନେତା ଅଭିଜିତ୍ ଦୀପ୍‌କେ, ସୌରଭ ଦାସ ଓ ଆଶୁତୋଷ ରାଙ୍କା ପ୍ରମୁଖ ଯୁବ ଆଡଭୋକେଟଙ୍କ ପ୍ରତିବାଦ ଡାକରାକୁ ସିଜେପି ସମର୍ଥନ କରୁଥିବା ଘୋଷଣା କରିଛନ୍ତି। ହାଇଦ୍ରାବାଦର ନାଲସାର୍ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ବିରୋଧରେ ବିସିଆଇ ଅଧ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଇଥିବା ନିର୍ଦ୍ଦେଶ ପ୍ରତିବାଦରେ ଏହି ଡାକରା ଦିଆଯାଇଛି। ନାଲସାର୍ ୟୁନିଭର୍‌ସିଟିର ଛାତ୍ରମାନଙ୍କୁ ଟାର୍ଗେଟ କରି ବିଭିନ୍ନ ରାଜ୍ୟ ବାର୍‌ରେ ସେମାନଙ୍କୁ ପଞ୍ଜୀକୃତ ନ କରିବାକୁ ମନନ ମିଶ୍ର ନିର୍ଦ୍ଦେଶ ଦେଇଥିଲେ।

## ଭିଡିଓ ପିଛା କଣ୍ଟେଣ୍ଟ କ୍ରିଏଟର୍ସଙ୍କୁ ମିଳିବ ଲକ୍ଷେ ଟଙ୍କା




ପାଟନା, ୨୦।୮: ରାଜ୍ୟ କ୍ୟାବିନେଟରେ ବିହାର ସୋସିଆଲ ମିଡିଆ ନୀତିରେ ଏକ ନୂତନ ସଂଶୋଧନ ପାରିତ ହୋଇଛି। ଏହି ସଂଶୋଧନ ଅନୁଯାୟୀ, ନିର୍ମାତାମାନେ ଏବେ ପ୍ରତି ଭିଡିଓ ପାଇଁ ୧ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରିବେ। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତିକୁ ଅନୁମୋଦନ କରାଯାଇଛି। ଯଦି ରିଲ୍ସ ନିର୍ମାତା ବିହାର ସରକାରଙ୍କ ଯୋଜନା ଓ ସଫଳତା ଉପରେ ଭିଡିଓ ତିଆରି କରନ୍ତି, ସେମାନେ ଏହାର ଲାଭ ପାଇବେ। ଭିଡିଓକୁ ୩୦ ଦିନ ମଧ୍ୟରେ କେତେ ଥର ଦେଖାଯାଇଛି ତାହା ଉପରେ ଆଧାର କରି ଦେୟ ଦିଆଯିବ। ପ୍ରତି ଲକ୍ଷେ ଭ୍ୟୁ ପାଇଁ ସରକାର ଅତିରିକ୍ତ ୧୦ ହଜାର ଟଙ୍କା ଦେବେ। ଗୋଟିଏ ଭିଡିଓ ପାଇଁ ସର୍ବାଧିକ ଦେୟ ସୀମା ଲକ୍ଷେ ଟଙ୍କା ରହିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଖୁବଶୀଘ୍ର ଏ ସମ୍ପର୍କରେ ଏକ ବିସ୍ତୃତ ବିଜ୍ଞପ୍ତି ଜାରି କରିବ। ଏହି ବ୍ୟବସ୍ଥା ଅନୁଯାୟୀ, ସରକାର ସମୟ ସମୟରେ କଣ୍ଟେଣ୍ଟ କ୍ରିଏଟରଙ୍କ ପୃଷ୍ଠା, ହ୍ୟାଣ୍ଡେଲ ଓ ଚ୍ୟାନେଲଗୁଡ଼ିକର ଫଲୋଅର୍ସଙ୍କ ସମୀକ୍ଷା କରିବେ। ଏହି ବ୍ୟବସ୍ଥା କେବଳ ସରକାରଙ୍କ ତାଲିକାଭୁକ୍ତ ଓ ଯୋଗ୍ୟ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ପ୍ରଯୁଜ୍ୟ ହେବ।

## କେନିଆରେ ହେଲିକପ୍ଟର ଦୁର୍ଘଟଣା, ୭ ମୃତ



ନାଇରୋବି, ୨୦।୮: କେନିଆର କେନ୍ଦ୍ରୀୟ ଅଞ୍ଚଳ ସାମ୍ବୁରୁ କାଉଣ୍ଟିରେ ଏକ ପର୍ଯ୍ୟଟକ ହେଲିକପ୍ଟର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ଇକ୍ୱାଡୋରର ଗୁଇନ୍ଦା ମୁଖ୍ୟ ମିକେଲ ସେନ୍ସି-କୋଣ୍ଟୁଗି, ତାଙ୍କ ପତ୍ନୀଙ୍କ ସମେତ ମୋଟ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ଆମେରିକୀୟ ନାଗରିକ ଥିବା ଆମେରିକାର ବିଦେଶ ବିଭାଗ ସ୍ପଷ୍ଟ କରିଛି। କେନିଆ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (କେସିଏଏ) ଅନୁଯାୟୀ, ସ୍ଥାନୀୟ ସମୟ ପୂର୍ବାହ୍ନ ପ୍ରାୟ ୯ଟା ୧୩ ସମୟରେ ଏହି ଭୟଙ୍କର ବିମାନ ଦୁର୍ଘଟଣା ଘଟିଥିଲା। ଚାର୍ଟର୍ଡ ହେଲିକପ୍ଟରଟି ସକାଳେ ଲୋଇସାବା ବନ୍ୟପ୍ରାଣୀ ସଂରକ୍ଷଣରୁ ଉଡ଼ାଣ ଆରମ୍ଭ କରିଥିଲା।

## ଏଫ୍‌ବିଆଇ ୱାଣ୍ଟେଡ୍ ତାଲିକାରେ ଭାରତୀୟ ବଂଶୋଦ୍ଭବ



ଚଣ୍ଡୀଗଡ଼, ୨୦।୮: ଭାରତୀୟ ବଂଶୋଦ୍ଭବ ୨୯ ବର୍ଷୀୟ ମେଜର ସିଂହଙ୍କୁ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ଏଫ୍‌ବିଆଇ) ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ସାମିଲ କରିଛି। ସେ ଜଗ୍ଗୁ ଭଗବାନପୁରିଆ ଗ୍ୟାଙ୍ଗର ଜଣେ ପ୍ରମୁଖ ସଦସ୍ୟ ବୋଲି ଏଫ୍‌ବିଆଇ କହିଛି। ଆମେରିକାରେ ଏକ ଆନ୍ତର୍ଜାତିକ ଅପରାଧୀ ସଂଗଠନ ସହ ଜଡ଼ିତ ଥିବା ଅଭିଯୋଗରେ ତାକୁ ଖୋଜାଯାଉଛି। ଏଫ୍‌ବିଆଇର ବିବୃତି ଅନୁସାରେ, ମଙ୍ଗଳବାର ଏହି ତାଲିକା ସମ୍ପର୍କରେ ସୂଚନା ସାମ୍ନାକୁ ଆସିଥିଲା।

## ସିଏମ୍ ବିଜୟଙ୍କୁ ଭେଟିଲେ ଗୃହମନ୍ତ୍ରୀ



ଚେନ୍ନାଇ, ୨୦।୮: ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କୁ ଭେଟିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା। ଦକ୍ଷିଣାଞ୍ଚଳ ଆଞ୍ଚଳିକ ପରିଷଦର ବୈଠକରେ ଯୋଗଦେବା ପାଇଁ ଚେନ୍ନାଇରେ ପହଞ୍ଚିଥିବା ଗୃହମନ୍ତ୍ରୀ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ବିଜୟ ସ୍ୱାଗତ କରିଥିଲେ। ଗୃହମନ୍ତ୍ରୀ ଅମିତ ଶାହା ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସହ ସାକ୍ଷାତର ଫଟୋ ସେୟାର କରି ଏହି ସୂଚନା ଦେଇଛନ୍ତି। କୋଭଲମ୍, ଚେଙ୍ଗଲପଟ୍ଟୁଠାରେ ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣାଞ୍ଚଳ ଆଞ୍ଚଳିକ ପରିଷଦର ୩୧ତମ ବୈଠକ ପୂର୍ବରୁ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ସେ ଲେଖିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ବିଭିନ୍ନ ବିବାଦ ଏବଂ ଜଳ ବଣ୍ଟନ ସମସ୍ୟା ଉପରେ ଆଲୋଚନା ହେବ। କର୍ଣ୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ କେରଳ ମଧ୍ୟରେ ନଦୀ ଜଳ ବଣ୍ଟନକୁ ନେଇ ରହିଥିବା ବିବାଦ ବୈଠକରେ ଉଠିବାର ସମ୍ଭାବନା ରହିଛି। ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଏବଂ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ବିଚାରବିମର୍ଶ କରାଯିବ।

ଋଣ ବୋଝରେ ଛଟପଟ ଆମେରିକା

## ୧୦ ମାସରେ ସାର୍ବଜନୀନ ଋଣ ୨ ଟ୍ରିଲିୟନ ବୃଦ୍ଧି




ୱାଶିଂଟନ, ୨୦।୮: ପ୍ରଥମଥର ପାଇଁ ଆମେରିକାର ଜାତୀୟ ଋଣ ୪୦ ଟ୍ରିଲିୟନ ଡଲାର ଅତିକ୍ରମ କରିଛି, ଯାହା ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଆମେରିକାର ଅର୍ଥ ବିଭାଗରୁ ମିଳିଥିବା ନୂତନ ତଥ୍ୟ ଅନୁଯାୟୀ, ଏହି ଋଣ ପୂର୍ବ ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଏହା ବିଶ୍ୱ ଆର୍ଥିକ ବଜାର ଉପରେ ଚାପ ସୃଷ୍ଟି କରିଛି। ଚିନ୍ତାଜନକ ସାର୍ବଜନୀନ ଋଣ ମାତ୍ର ଦଶମାସ ମଧ୍ୟରେ ପ୍ରାୟ ୨ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି, ଯାହାର ଭୟଙ୍କର ପରିଣାମ ବିଷୟରେ ଅର୍ଥନୈତିକ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

ସରକାରୀ କଲ୍ୟାଣ କାର୍ଯ୍ୟକ୍ରମ ଓ ସୁଧ ଦେୟର ବୃଦ୍ଧି ପାଉଣା ବର୍ତ୍ତମାନ କଠିନ ଟିକସ ରାଜସ୍ୱଠାରୁ ବହୁ ଅଧିକ। ରଏଟର୍ସର ରିପୋର୍ଟ ଅନୁଯାୟୀ, ଆମେରିକାର ଋଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗତ ଅକ୍ଟୋବରରେ ଏହା ୩୮ ଟ୍ରିଲିୟନ ଡଲାର ଅତିକ୍ରମ କରିଥିଲା ମାର୍ଚ୍ଚରେ ଏହା ୩୯ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ବର୍ତ୍ତମାନ ଅଗଷ୍ଟରେ ଏହା ୪୦ ଟ୍ରିଲିୟନ ଡଲାର ଅତିକ୍ରମ କରିଛି।

ଆମେରିକାର ଟ୍ରେଜେରୀ ବିଭାଗର ନୂତନ ତଥ୍ୟ ଅନୁଯାୟୀ, ମଙ୍ଗଳବାର ମୋଟ ସାର୍ବଜନୀନ ଋଣ ୪୦.୦୪୭ ଟ୍ରିଲିୟନ ଡଲାର ରେକର୍ଡ କରାଯାଇଥିଲା। ଏଥିରେ ଜନସାଧାରଣଙ୍କ ଦ୍ୱାରା ରଖାଯାଇଥିବା ୩୨.୨୬୬ ଟ୍ରିଲିୟନ ଡଲାରର ସରକାରୀ ସିକ୍ୟୁରିଟି ଅନ୍ତର୍ଭୁକ୍ତ। ଏହା ସହିତ ଏଥିରେ ପ୍ରାୟ ୭.୭୮୨ ଟ୍ରିଲିୟନ ଡଲାରର ଆନ୍ତଃସରକାରୀ ଋଣ ଅନ୍ତର୍ଭୁକ୍ତ ରହିଛି। ଯାହା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି।

## ଚିନି ଦର ବୃଦ୍ଧିକୁ ନେଇ ସରକାରଙ୍କୁ ଟାର୍ଗେଟ୍



ନୂଆଦିଲ୍ଲୀ, ୨୦।୮: ଦେଶରେ ଚିନି ଦର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ମାତ୍ର ୧୭ ଦିନ ମଧ୍ୟରେ ଚିନି କିଲୋପ୍ରତି ପ୍ରାୟ ୧୯ ଟଙ୍କା ମହଙ୍ଗା ହୋଇଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି। ଆମ୍ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଚିନି ଦର ବୃଦ୍ଧିକୁ ନେଇ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

କେଜ୍ରିୱାଲ କହିଛନ୍ତି ଯେ, ତେଲ ଆମଦାନିରେ ଖର୍ଚ୍ଚ ହେଉଥିବା ବିଦେଶୀ ମୁଦ୍ରା ବଞ୍ଚାଇବା ପାଇଁ ଆଖୁରୁ ଇଥାନଲ ଉତ୍ପାଦନ ଆରମ୍ଭ କରାଯାଇଥିଲା। ଏହାର ପରିଣାମରେ ଚିନିର ଅଭାବ ଦେଖାଦେଇଛି। ଏବେ ସେହି ବିଦେଶୀ ମୁଦ୍ରା ଖର୍ଚ୍ଚ କରି ଚିନି ଆମଦାନି କରିବାକୁ ପଡ଼ିବ। ରିପୋର୍ଟ ଅନୁସାରେ, ଜୁଲାଇ ୩୧ରେ ଚିନିର ଦର ପ୍ରାୟ ୪୪ ଟଙ୍କା ପ୍ରତି କିଲୋ ଥିଲା। ଅଗଷ୍ଟ ୧ରେ ଏହା ୪୬ ଟଙ୍କା, ଅଗଷ୍ଟ ୨ରେ ୪୯ ଟଙ୍କା ଏବଂ ଅଗଷ୍ଟ ୬ରେ ୫୪ ଟଙ୍କାରେ ପହଞ୍ଚିଥିଲା। ଅଗଷ୍ଟ ୨୦ ସୁଦ୍ଧା ଦର ୬୦ ଟଙ୍କା ଏବଂ ଖୁଚୁରା ଦର ପ୍ରାୟ ୬୫ ଟଙ୍କା ପ୍ରତି କିଲୋରେ ପହଞ୍ଚିଥିବା କୁହାଯାଉଛି।

ଦେଶରେ ପ୍ରତିବର୍ଷ ପ୍ରାୟ ୨୮୦ ଲକ୍ଷ ଟନ୍ ଚିନି ଉତ୍ପାଦନ କରିଥାଏ। ଏହି ସମୟରେ ଦେଶର ହାରାହାରି ମିଲ୍ ଦର ପ୍ରତି କ୍ୱିଣ୍ଟାଲ ୫,୪୦୦-୫,୫୦୦ ଟଙ୍କାରେ ପହଞ୍ଚିଛି, ଯାହା ଏକ ରେକର୍ଡ ସ୍ତର ବୋଲି କୁହାଯାଉଛି। ଏକ ବର୍ଷ ପୂର୍ବେ ଚିନିର ମିଲ୍ ଦର ପ୍ରାୟ ୩,୯୦୦ ଟଙ୍କା ପ୍ରତି କ୍ୱିଣ୍ଟାଲ ଥିଲା। ଅର୍ଥାତ୍ ଏକ ବର୍ଷ ମଧ୍ୟରେ ଦରରେ ବଡ଼ ବୃଦ୍ଧି ଘଟିଛି। ତଥ୍ୟ ଅନୁସାରେ, ଅଗଷ୍ଟ ୧୮ରେ ଚିନିର ହାରାହାରି ଖୁଚୁରା ଦର ୫୨.୩ ଟଙ୍କା ପ୍ରତି କିଲୋ ହୋଇଥିଲା।

## ଜେନସୋଲ୍ ଓ ବ୍ଲୁ-ସ୍ମାର୍ଟ ପ୍ରବର୍ତ୍ତକଙ୍କ ବିରୋଧରେ ସିବିଆଇ ମାମଲା




ନୂଆଦିଲ୍ଲୀ, ୨୦।୮: ଇଣ୍ଡିଆନ୍ ରିନ୍ୟୁଏବଲ୍ ଏନର୍ଜି ଡେଭେଲପମେଣ୍ଟ ଏଜେନ୍ସି (ଆଇଆରଇଡିଏ)ରୁ ୬୭୨ କୋଟି ଟଙ୍କାରୁ ଅଧିକ ହେରଫେର୍ ଓ ଆର୍ଥିକ କ୍ଷତି ପହଞ୍ଚାଇବା ଅଭିଯୋଗରେ ସିବିଆଇ ଜେନସୋଲ୍ ଇଞ୍ଜିନିୟରିଂ, ଏହାର ସହାୟକ ସଂସ୍ଥା ଜେନସୋଲ୍ ଇଭି ଲିଜ୍ ଓ 'ବ୍ଲୁ-ସ୍ମାର୍ଟ' ଇଭି ଟ୍ୟାକ୍ସି ସେବାର ପ୍ରତିଷ୍ଠାତା ଅନମୋଲ ସିଂହ ଜଗୀ ଓ ପୁନୀତ ସିଂହ ଜଗୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଆଇଆରଇଡିଏର ଅଭିଯୋଗ ଅନୁସାରେ, ବ୍ଲୁ-ସ୍ମାର୍ଟ ରାଇଡ୍-ହେଲିଂ ସେବା ପାଇଁ ଇଲେକ୍ଟ୍ରିକ୍ ଗାଡ଼ି କିଣିବାକୁ ଜେନସୋଲକୁ ଋଣ ପ୍ରଦାନ କରାଯାଇଥିଲା। ତେବେ କମ୍ପାନି ସମ୍ପୃକ୍ତ ଅର୍ଥକୁ ଅନ୍ୟ କାର୍ଯ୍ୟରେ ବିନିଯୋଗ କରି ହେରଫେର୍ କରିଛି। ଫଳରେ ଜେନସୋଲ୍ ଇଞ୍ଜିନିୟରିଂ ବାବଦରେ ୪୫୩.୭୭ କୋଟି ଓ ଜେନସୋଲ୍ ଇଭି ଲିଜ୍ ବାବଦରେ ୨୧୮.୯୭ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏହା ସହିତ ଋଣ ସ୍ଥିତି ଏବଂ କ୍ରେଡିଟ୍ ରେଟିଂ ସମ୍ପର୍କରେ କ୍ରେଡିଟ୍ ରେଟିଂ ଏଜେନ୍ସିଗୁଡ଼ିକୁ ଜାଲ୍ ଚିଠି ଦାଖଲ କରାଯାଇଥିବା ଆଇଆରଇଡିଏ ଦର୍ଶାଇଛି। ଏକ ଫୋରେନ୍ସିକ୍ ଅଡିଟରୁ ଏହି ଅର୍ଥ ଅନ୍ୟ ସଂସ୍ଥାଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ସମ୍ପୂର୍ଣ୍ଣ ଘଟଣାକୁ ଆଧାର କରି ସିବିଆଇ ଭାରତୀୟ ନ୍ୟାୟ ସଂହିତାର ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି ଏବଂ ଜାଲ୍ କାଗଜପତ୍ର ବ୍ୟବହାର ଧାରାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପାକିସ୍ତାନ ହାଇକମିଶନରୁ ବ୍ୟାରିକେଡ୍ ହଟିଲା



ନୂଆଦିଲ୍ଲୀ, ୨୦।୮: ଭାରତ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିସନ ନିକଟରୁ ସୁରକ୍ଷା ଘେରା ପ୍ରତ୍ୟାହାର କରିଛି। ଗୁରୁବାର ପାକିସ୍ତାନ ହାଇକମିସନ ବାହାରେ ଲଗାଯାଇଥିବା ଅନଧିକୃତ ଢାଞ୍ଚା ଓ ଧାଡ଼ି-ପରିଚାଳନା ପାଇଁ ହୋଇଥିବା ବ୍ୟବସ୍ଥା ଓ ପାକିସ୍ତାନୀ ମିଶନର ଭିସା ବିଭାଗ ନିକଟରେ ସ୍ଥାପିତ କ୍ୟୁ ଲାଇନରକୁ କର୍ତ୍ତୃପକ୍ଷ ହଟାଇ ଦେଇଛନ୍ତି। ଭାରତୀୟ କର୍ତ୍ତୃପକ୍ଷ ପୂର୍ବରୁ କୂଟନୈତିକ ପରିସରରେ ଲଗାଯାଇଥିବା ଖମ୍ବ ଓ ବ୍ୟାରିକେଡ୍ ହଟାଇ ଦେଇଥିଲେ। ଏସବୁ ଭଙ୍ଗାଯିବା ପରେ ମିଶନ ବାହାରେ ଭଙ୍ଗା ଧାତୁ ରେଲିଂ ଓ ଗେଟ୍, ମୋଡ଼ା ଧାତୁ ଫ୍ରେମ୍, ଛାତ ଚାଦର, ଇଟା, କଂକ୍ରିଟ୍ ଓ ପ୍ଲାଷ୍ଟରର ଖଣ୍ଡଗୁଡ଼ିକ ବିସ୍ତାରିତ ହୋଇ ପଡ଼ିଥିଲା। କାଉଣ୍ଟରଗୁଡ଼ିକ ପାଖରେ ଭଙ୍ଗା ବାଡ଼ ଓ ନିର୍ମାଣ ସାମଗ୍ରୀ ପଡ଼ିଥିବା ମଧ୍ୟ ଦେଖାଯାଇଥିଲା। ଇସଲାମାବାଦରେ ଭାରତୀୟ ହାଇକମିଶନ ବାହାରେ ପାକିସ୍ତାନ ସୁରକ୍ଷା ବ୍ୟାରିକେଡ୍ ଓ ପାର୍କିଂ ପୋଲଗୁଡ଼ିକୁ ହଟାଇ ଦେବାର କିଛି ଦିନ ପରେ ଭାରତ ମଧ୍ୟ ସମାନ ପଦକ୍ଷେପ ନେଇଛି।

## ସୁପ୍ରିମକୋର୍ଟରେ ପହଞ୍ଚିଲା 'କାଲା ହିରନ୍'



ନୂଆଦିଲ୍ଲୀ, ୨୦।୮: ୧୯୯୮ର ଚର୍ଚ୍ଚିତ କୃଷ୍ଣସାର ମୃଗ ଶିକାର ମାମଲା ଉପରେ ଆଧାରିତ ଫିଲ୍ମ 'କାଲା ହିରନ୍: ଦ ବ୍ୟାଟଲ ଫର୍ ଲିଗାସି'କୁ ନେଇ ଆରମ୍ଭ ହୋଇଥିବା ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଫିଲ୍ମର ଟିଜର୍ ଓ ସୋସିଆଲ ମିଡିଆ ପୋଷ୍ଟ ତୁରନ୍ତ ହଟାଇବାକୁ ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶ ବିରୋଧରେ ନିର୍ମାତା ଅମିତ ଜାନୀ ଓ ନିର୍ଦ୍ଦେଶକ ଭରତ ଏସ୍. ଶ୍ରୀନେତ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ନିର୍ମାତା ଆବେଦନରେ ଉଲ୍ଲେଖ କରିଛନ୍ତି, ହାଇକୋର୍ଟଙ୍କର ଏହି ନିଷ୍ପତ୍ତି ଏକ ପ୍ରକାର 'ଅବାଞ୍ଛିତ ସେନ୍ସରସିପ୍', ଯାହା ଭାରତୀୟ ସମ୍ବିଧାନ ପ୍ରଦତ୍ତ ଅଭିବ୍ୟକ୍ତିର ସ୍ୱାଧୀନତାରେ ମୌଳିକ ଅଧିକାରର ସିଧାସଳଖ ଉଲ୍ଲଂଘନ। ଗତ ଜୁଲାଇ ୨୭ରେ ଦିଲ୍ଲୀ ହାଇକୋର୍ଟ ସଲମାନଙ୍କ ଦ୍ୱାରା ଦାୟର ମାମଲାର ଶୁଣାଣି କରିବା ପରେ ଏହି ମାମଲା ଆରମ୍ଭ ହେଲା। ମାମଲାର ଶୁଣାଣି କରି ବିଚାରପତି ଜ୍ୟୋତି ସିଂହ ଫିଲ୍ମ ନିର୍ମାତାଙ୍କୁ ଭର୍ତ୍ସନା କରିଥିଲେ।

## ସ୍ୱାଇନ୍ ଫ୍ଲୁରେ ବୃଦ୍ଧାଙ୍କ ମୃତ୍ୟୁ




ଭୋପାଳ, ୨୦।୮: ମଧ୍ୟପ୍ରଦେଶର ଇନ୍ଦୋରରେ ସ୍ୱାଇନ୍ ଫ୍ଲୁରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। କୋକିଳାବେନ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅନୁସାରେ, ମୃତକ ହେଲେ ସରୋଜ ନାଗର (୬୦)। ସେ ଉଜ୍ଜୟିନୀ ଋଷି ନଗର ବାସିନ୍ଦା ଥିଲେ। ଜୁଲାଇ ୩୧ରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୩ ତାରିଖରେ ଯାଞ୍ଚ ରିପୋର୍ଟରୁ ତାଙ୍କ ନିକଟରେ ସ୍ୱାଇନ୍ ଫ୍ଲୁ ସଂକ୍ରମଣ ସଂପର୍କରେ ସ୍ପଷ୍ଟ ହୋଇଥିଲା। ଦୀର୍ଘ ୧୮ ଦିନ ଧରି ଚିକିତ୍ସା ଚାଲିବା ପରେ ତାଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କୁ ଅନ୍ୟ କୌଣସି ରୋଗ ନଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

## ମେଦବହୁଳତା ବୃଦ୍ଧିରେ ସହରକୁ ପଛରେ ପକାଇଲା ଗାଁ

### ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ




ନୂଆଦିଲ୍ଲୀ, ୨୦।୮: ୨୦୧୯-୨୧ ଓ ୨୦୨୩-୨୪ ମଧ୍ୟରେ ଭାରତରେ ମେଦବହୁଳତାର ଶିକାର ଲୋକଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଦେଖାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାରି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ମେଦବୃଦ୍ଧି ହାର ବଢ଼ିଛି।

ଡାକ୍ତର ଓ ଅଧ୍ୟୟନକର୍ତ୍ତା କହନ୍ତି, ଏହି ପରିବର୍ତ୍ତନ କେବଳ ଆୟ ବୃଦ୍ଧିର ପରିଣାମ ନୁହେଁ। ଏହା ଖାଦ୍ୟପେୟର ଏକ ପରିବେଶକୁ ଦର୍ଶାଇଛି। ଗତ ମେ' ୨୯ରେ ଜାରି ଏନ୍‌ଏଫ୍‌ଏଚ୍‌ଏସ୍-୬ ଦର୍ଶାଇଛି, ୧୫-୪୯ ବର୍ଷ ବୟସର ୩୦.୭% ଭାରତୀୟ ମହିଳା ଓ ୨୭.୩% ପୁରୁଷ ଏବେ ମେଦବହୁଳତାର ଶିକାର। ୫ ବର୍ଷରୁ କମ୍ ଅବଧିରେ ମେଦବୃଦ୍ଧି ହାର ମହିଳାଙ୍କ ମଧ୍ୟରେ ପ୍ରାୟ ୭ ପ୍ରତିଶତ ଓ ପୁରୁଷଙ୍କ ମଧ୍ୟରେ ୪ ପ୍ରତିଶତ ବଢ଼ିଛି।

ସହରାଞ୍ଚଳ-ଗ୍ରାମାଞ୍ଚଳ ମଧ୍ୟରେ ଏବେ ବି ବଡ଼ ତାରତମ୍ୟ ରହିଛି, କିନ୍ତୁ ଗ୍ରାମାଞ୍ଚଳରେ ମେଦବହୁଳତା ହାର ଦ୍ରୁତ ବଢ଼ିଛି। ସହରରେ ୪୨.୮% ଓ ଗ୍ରାମାଞ୍ଚଳରେ ୨୫.୫% ମହିଳା ପୃଥୁଳ। ଅନ୍ୟପକ୍ଷେ, ସହରରେ ୩୬.୩% ଓ ଗାଁରେ ୨୩% ପୁରୁଷ ମେଦବହୁଳତାର ଶିକାର। କିନ୍ତୁ ଗ୍ରାମାଞ୍ଚଳରେ ଏ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଅତ୍ୟନ୍ତ ଚିନ୍ତାର ବିଷୟ। ଏନ୍‌ଏଫ୍‌ଏଚ୍‌ଏସ୍-୩ (୨୦୦୫-୬) ସର୍ଭେରେ ଗ୍ରାମାଞ୍ଚଳରେ ପୃଥୁଳ ମହିଳାଙ୍କ ହାର ମାତ୍ର ୭.୨% ଥିଲା ଏବଂ ସହରାଞ୍ଚଳରେ ୨୩.୫% ଥିଲା। ସେବେଠୁ ଗ୍ରାମାଞ୍ଚଳରେ ପୃଥୁଳ ମହିଳାଙ୍କ ହାର ୩ ଗୁଣରୁ ଅଧିକ ବଢ଼ିଛି।

ଭାରତରେ ମେଦବହୁଳଙ୍କ ହାର ବୃଦ୍ଧି ଖାଦ୍ୟ ପରିବେଶ ଓ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନକୁ ଦର୍ଶାଉଛି ବୋଲି ଭେଷଜ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ମ୍ୟାକ୍ସ ହେଲ୍ଥକେୟାର୍‌ର ଏଣ୍ଡୋକ୍ରିନୋଲୋଜି ଓ ମଧୁମେହ ବିଭାଗର ମୁଖ୍ୟ ଡା. ଅମ୍ବରୀଶ ମିଥଲ କହିଛନ୍ତି, ମହାମାରୀ ଭାରତୀୟଙ୍କ ଖାଦ୍ୟପେୟରେ ପରିବର୍ତ୍ତନକୁ ଦର୍ଶାଉଛି। ଅଧିକ ଏନର୍ଜିଯୁକ୍ତ, ଅତି-ପ୍ରକ୍ରିୟାକୃତ ଖାଦ୍ୟ ଶସ୍ତା ଓ ସହଜରେ ଗାଁରେ ବି ମିଳୁଛି। ଅନ୍ୟପକ୍ଷେ, ମୁଖ୍ୟତଃ ସହରାଞ୍ଚଳରେ ଲୋକଙ୍କ ଶାରୀରିକ ଗତିବିଧି ଖୁବ୍ ହ୍ରାସ ପାଇଛି। ନିଦ୍ରାହୀନତା, ମାନସିକ ଚାପ ଓ ଡିଜିଟାଲ ଉପକରଣରେ ମାତ୍ରାଧିକ ସମୟ ବିତାଇବା ବଡ଼ ସମସ୍ୟା ହୋଇଛି, ଯାହା ଏକ ପୃଥୁଳ ପରିବେଶର କାରଣ ପାଲଟିଛି।

# କଂଗ୍ରେସ ପାଇଁ ଭୋଟବ୍ୟାଙ୍କ ବଡ଼, ଭାରତୀୟଙ୍କ ପାଇଁ 'ବନ୍ଦେ ମାତରମ୍'

- କଂଗ୍ରେସର ତୁଷ୍ଟୀକରଣ ରାଜନୀତିକୁ ନେଇ ବର୍ଷିଲେ ଧର୍ମେନ୍ଦ୍ର
- ସ୍ୱାଧୀନତା ଆନ୍ଦୋଳନରେ 'ବନ୍ଦେ ମାତରମ୍' ରାଷ୍ଟ୍ରଭକ୍ତିର ଶିଖା ପ୍ରଜ୍ୱଳିତ କରିଥିଲା
- ଐତିହାସିକ ଭୁଲକୁ ଦୋହରାଇବା କଂଗ୍ରେସର ଅଭ୍ୟାସ



ଭୁବନେଶ୍ୱର, ୨୦।୮ (ସଂଚାର ବ୍ୟୁରୋ): କଂଗ୍ରେସ ପାଇଁ ଭୋଟବ୍ୟାଙ୍କ ବଡ଼ ହୋଇପାରେ, କିନ୍ତୁ ଭାରତୀୟଙ୍କ ପାଇଁ 'ବନ୍ଦେ ମାତରମ୍' ସର୍ବୋପରି ବୋଲି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, ଯେଉଁ 'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମ, ତ୍ୟାଗ ଓ ସ୍ୱାଭିମାନର ଅଲିଭା ଶିଖା ପ୍ରଜ୍ୱଳିତ କରିଥିଲା, ସେଥିରୁ ଦୂରେଇ ଯିବା ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି କେବଳ ଗୋଟିଏ ସାଧାରଣ ରାଜନୈତିକ ପ୍ରସ୍ତାବ ନୁହେଁ; ବରଂ ଏହା ସେମାନଙ୍କ ସଂକୀର୍ଣ୍ଣ ଓ ପୁରୁଣା ତୁଷ୍ଟୀକରଣ ମାନସିକତାର ଏକ ଜ୍ୱଳନ୍ତ ଉଦାହରଣ। ୧୯୩୭ ମସିହାରେ ମଧ୍ୟ କଂଗ୍ରେସ ନିଜ ଭୋଟବ୍ୟାଙ୍କ ଓ ସାମ୍ପ୍ରଦାୟିକ ଚାପ ଆଗରେ ମୁଣ୍ଡ ନୁଆଁଇ 'ବନ୍ଦେ ମାତରମ୍'କୁ ସୀମିତ କରିବାର ଅପଚେଷ୍ଟା କରିଥିଲା। ସେହି ସମୟର ଏହି ତୁଷ୍ଟୀକରଣ ନୀତି ଦେଶର ଏକତାକୁ ଦୁର୍ବଳ କରୁଥିବା ବିଚ୍ଛିନ୍ନତାବାଦୀ ଶକ୍ତିଗୁଡ଼ିକୁ ବଳ ଯୋଗାଇଥିଲା, ଯାହାର ଭୟଙ୍କର ପରିଣାମ ସ୍ୱରୂପ ଦେଶକୁ ପରବର୍ତ୍ତୀ ସମୟରେ ବିଭାଜନର ଯନ୍ତ୍ରଣା ଭୋଗିବାକୁ ପଡ଼ିଥିଲା।

ଆଜି ଯେତେବେଳେ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷପୂର୍ତ୍ତିର ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସେହି ଐତିହାସିକ ଭୁଲକୁ ସୁଧାରି ଏହାର ସମ୍ପୂର୍ଣ୍ଣ ଗାନକୁ ଆଇନଗତ ସଂରକ୍ଷଣ ଓ ଯଥୋଚିତ ସମ୍ମାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି, ସେତିକିବେଳେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ପୁଣି ଥରେ ନିଜର ଦେଶବିରୋଧୀ ଓ ସଂକୀର୍ଣ୍ଣ ଚରିତ୍ର ଦେଖାଉଛି। ଇତିହାସର ସମ୍ବେଦନଶୀଳ ଭୁଲଗୁଡ଼ିକରୁ ଶିକ୍ଷା ନେବା ପରିବର୍ତ୍ତେ ସେଗୁଡ଼ିକୁ ଦୋହରାଇବାର ଜିଦ୍ କଂଗ୍ରେସ ଦଳର ବୈଚାରିକ ଶୂନ୍ୟତା ଓ ନୈତିକ ଅବକ୍ଷୟକୁ ସ୍ପଷ୍ଟ କରୁଛି। କଂଗ୍ରେସ ପାଇଁ ଦେଶର ରାଷ୍ଟ୍ରଗୌରବ ଓ ଜାତୀୟ ପ୍ରତୀକ ବଡ଼ ନା ନିଜର ସଂକୀର୍ଣ୍ଣ ଭୋଟବ୍ୟାଙ୍କ ବଡ଼ ଏକଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସ୍ପଷ୍ଟ କରନ୍ତୁ ବୋଲି ସାଂସଦ ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି।

## ରାଜୀବ ଗାନ୍ଧୀଙ୍କ ଜନ୍ମଦିବସ ପାଳିତ




କଟକ, ୨୦।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟ ଭୟରପୁର ଜଗତପୁରଠାରେ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଜାତୀୟ ସଂହତି, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ସାମାଜିକ ବନ୍ଧନକୁ ପ୍ରୋତ୍ସାହିତ କରିବା ରାଜୀବ ଗାନ୍ଧୀଙ୍କ ଜନ୍ମଦିନ 'ସଦଭାବନା' ଦିବସର ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଉତ୍କଳ କେଶରୀ ରାଉତରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ କମିଟିର ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୋମବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

କଟକ, ୨୦।୮ (ସଂଚାର ବ୍ୟୁରୋ): ଅଗଷ୍ଟ ୨୪ ତାରିଖ ସୋମବାର ଆଠଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ଗୋଟାଏ ଯାଏ ଚାଲିବ। ଅଭିଯୋଗକାରୀମାନେ ନିଜ ଅଭିଯୋଗ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ।

## ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ




କଟକ, ୨୦।୮ (ସଂଚାର ବ୍ୟୁରୋ): ନିଶାମୁକ୍ତ ଭାରତ ଅଭିଯାନରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା କକ୍ଷଠାରେ ଏକ ସଚେତନତା ତଥା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥପାଠ କରାଯାଇଥିଲା। ନିଶା ନିବାରଣ ପାଇଁ ସମସ୍ତଙ୍କ ସକ୍ରିୟ ଭାଗୀଦାରି ଆବଶ୍ୟକ ବୋଲି ସଭାରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ ଓ ଅତିରିକ୍ତ ଜିଲ୍ଲାପାଳ ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବକାରୀ ଅଧୀକ୍ଷକ କରୁଣାଶଙ୍କର ତିୱାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଦେବସ୍ମିତା ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ।

### ଜେପିଏସସି ପରୀକ୍ଷା ବାତିଲ ପ୍ରସଙ୍ଗ

## ହେମନ୍ତ ସରକାରଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟ ରୋକ୍



ରାଞ୍ଚି, ୨୦।୮: ଝାଡ଼ଖଣ୍ଡରେ ଜେପିଏସସିର ଏକାଦଶରୁ ତ୍ରୟୋଦଶ ପରୀକ୍ଷା ଏବଂ ଫୁଡ୍ ସେଫ୍ଟି ଅଫିସର ପରୀକ୍ଷାକୁ ନେଇ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି। ହାଇକୋର୍ଟ ଏହ ଦୁଇଟି ପରୀକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇ ଥିବା ନିର୍ଦ୍ଦେଶନାମା ଉପରେ ତତ୍କାଳ ରୋକ୍ ଲଗେଇଛନ୍ତି। କୋର୍ଟଙ୍କ ଏହି ରାୟ ପରୀକ୍ଷା ସହ ଜଡ଼ିତ ପରୀକ୍ଷାର୍ଥୀଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି।

ଉକ୍ତ ମାମଲାର ଶୁଣାଣି ଝାଡ଼ଖଣ୍ଡ ହାଇକୋର୍ଟରେ ହୋଇଥିଲା। ଶୁଣାଣି ସମୟରେ କୋର୍ଟ ରାଜ୍ୟ ସରକାରଙ୍କ ସେହି ଆଦେଶ ଉପରେ ସ୍ଥଗିତାଦେଶ ଲଗାଇଛନ୍ତି, ଯାହା ଅନୁସାରେ ଏହି ଦୁଇଟି ପରୀକ୍ଷାକୁ ନେଇ କାର୍ଯ୍ୟାନୁଷ୍ଠାନ କରାଯାଇ ଥିଲା। ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୧୫ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କାଉଣ୍ଟର ଆଫିଡେଭିଟ୍ ସହ ନିଜର ପକ୍ଷ ରଖିବାକୁ ସରକାରଙ୍କୁ କହିଛନ୍ତି। ବର୍ତ୍ତମାନ ସରକାରଙ୍କ ଜବାବ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ହାଇକୋର୍ଟଙ୍କ ଏହି ରାୟ ପରେ ଉଭୟ ମାମଲାର ଆବେଦନକାରୀଙ୍କ ପାଇଁ ମଧ୍ୟ ଆଶ୍ୱସ୍ତିର ଖବର । କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସଂପୃକ୍ତ ଆବେଦନକାରୀମାନେ ତତ୍କାଳ ପ୍ରଭାବରେ ନିଜ ନିଜର କାର୍ଯ୍ୟକୁ ଫେରିବେ। ଏହି ରାୟ ପରେ ପରୀକ୍ଷା ପ୍ରକ୍ରିୟା ଏବଂ ଏହାସହ ଜଡ଼ିତ ସରକାରୀ ଆଦେଶକୁ ନେଇ ଚାଲିଥିବା ବିବାଦ ବର୍ତ୍ତମାନ କୋର୍ଟଙ୍କ ବିଚାରାଧୀନ ରହିବ। ରାଜ୍ୟ ସରକାରଙ୍କୁ ଏବେ ୧୫ ଦିନ ମଧ୍ୟରେ କୋର୍ଟଙ୍କ ସାମ୍ନାରେ ନିଜର ପକ୍ଷ ରଖିବାକୁ ହେବ।

## ସଡ଼କ ଦୁର୍ଘଟଣା, ମା' ସମେତ ୨ ଶିଶୁ ମୃତ




ସୁନ୍ଦରଗଡ଼, ୨୦।୮ (ସଂଚାର ବ୍ୟୁରୋ): ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭସ୍ମା ପେଟ୍ରୋଲ ପମ୍ପ ନିକଟରେ ଘଟିଛି ଏହି ଅଭାବନୀୟ ଘଟଣା। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ମା' ସମେତ ୨ ଶିଶୁ ରହିଛନ୍ତି। ସୂଚନାନୁସାରେ, ଗୁରୁବାର ସନ୍ଧ୍ୟାରେ ଭସ୍ମା ଥାନା ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଘଟିଥିଲା। ଏକ କୋଇଲା ବୋଝେଇ ଟ୍ରେଲର ମା' ସମେତ ୨ ଶିଶୁଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇବା ପରେ ଟ୍ରେଲର ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସ୍ଥାନୀୟ ଲୋକେ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରିଛି। ଘଟଣା କିଭଳି ଭାବେ ଘଟିଲା ତାକୁ ନେଇ ପୁଲିସ ତଦନ୍ତ ଜରି ରଖିଛି।

## କାରଖାନାରେ ଚୁଲି ଫାଟି ୩ ଆହତ

କୋଲକାତା, ୨୦।୮ (ସଂଚାର ବ୍ୟୁରୋ): ଏକ ଘରୋଇ କାରଖାନାରେ ଚୁଲି ଫାଟି ତିନିଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ସକାଳେ ବାଙ୍କୁଡାର ବଡଜୋଡା ବ୍ଲକର ଘୁଟଗରିଆ ଅଞ୍ଚଳର ଏକ କାରଖାନାରେ ଏହି ଘଟଣା ଘଟିଛି। ଆହତ ତିନିଜଣ ଶ୍ରମିକଙ୍କୁ ପ୍ରଥମେ ବଡଜୋଡା ସୁପର ସ୍ପେଶାଲିଟି ହସ୍ପିଟାଲକୁ ନିଆଯାଇଥିଲା

ଏବଂ ପରେ ଦୁର୍ଗାପୁରର ଏକ ଘରୋଇ ନର୍ସିଂ ହୋମକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି।

## ପୁଣି ଆରଜି କର ହସ୍ପିଟାଲରେ ସିବିଆଇ

କୋଲକାତା, ୨୦।୮ (ସଂଚାର ବ୍ୟୁରୋ): ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ପାଇଁ ସିବିଆଇର ଏସ୍‌ଆଇଟି ଟିମ୍ ପୁଣି ଆର୍‌ଜି କର ହସ୍ପିଟାଲ ପରିଦର୍ଶନ କରିଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ସିବିଆଇ ଘଟଣା ରାତିରେ ଉପସ୍ଥିତ ୧୨ ଜଣଙ୍କୁ ଚିହ୍ନଟ କରି ପଚରାଉଚରା କରିଥିଲା। ସିବିଆଇ ସୂତ୍ର ଅନୁଯାୟୀ, ଗୁରୁବାର ପ୍ରାୟ ୧୨ଟା ସମୟରେ ଏକ ତିନିଜଣିଆ ଟିମ୍ ହସ୍ପିଟାଲ ପରିଦର୍ଶନ କରିଥିଲା। ପୀଡିତାଙ୍କ ପରିବାର ଯାହାକୁ 'ଅଭୟା' ବୋଲି କୁହାଯାଉଛି ୨୦୨୪ ମସିହା ୯ ଅଗଷ୍ଟ ପ୍ରାତଃକାଳରୁ ସିସିଟିଭି ଫୁଟେଜରେ ଅନେକ ବ୍ୟକ୍ତି ଦେଖାଯାଉଥିବା ବାରମ୍ବାର ଅଭିଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କୋଲକାତା, ୨୦।୮ (ସଂଚାର ବ୍ୟୁରୋ): ବୁଧବାର ସନ୍ଧ୍ୟାରେ ସାବାଙ୍ଗର ଦୁବରାଜପୁର ଅଞ୍ଚଳରେ ଜଣେ ଯୁବକ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି କାର୍ତ୍ତିକ ହାଜରା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ସ୍ଥାନୀୟ ମାଛ ଫାର୍ମରେ ଟ୍ରାନ୍ସଫର୍ମରରେ କାମ କରୁଥିବା ସମୟରେ କାର୍ତ୍ତିକଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ସାବାଙ୍ଗ ଗ୍ରାମୀଣ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ପିସିସି ପକ୍ଷରୁ ରାଜୀବ ଗାନ୍ଧିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, ୨୦।୮ (ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ରାଜୀବ ଗାନ୍ଧିଙ୍କର ଜୟନ୍ତୀ ଉତ୍ସବ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରସ୍ଥିତ ରାଜୀବ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନରେ ରାଜୀବ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ମିନାକ୍ଷୀ ବାହିନୀପତି, ଚିନ୍ମୟ ପ୍ରସାଦ ବେହୁରା, ଅରବିନ୍ଦ ଦାସ, ଅମିୟ ପଟ୍ଟନାୟକ, ଅଭୟ ସାହୁ, ମନୋରଞ୍ଜନ ଦାଶ, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ପୃଥିବୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ବଜେଟ ବ୍ୟବସ୍ଥା ନ ଥାଇ ପ୍ରତି ପଞ୍ଚାୟତକୁ ୩ କୋଟି ଘୋଷଣା

## ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ଘୋଷଣା



ଭୁବନେଶ୍ୱର, ୨୦।୮ (ସଂଚାର ବ୍ୟୁରୋ): ପ୍ରତି ପଞ୍ଚାୟତକୁ ୩ କୋଟି ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିଥିବା ବେଳେ ବିଜେଡି ଏହାକୁ ରାଜ୍ୟ ସରକାରଙ୍କର ଆଉ ଏକ ଭେଳିକି ବୋଲି କହିଛି। ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଦେବାରେ ବିଫଳ ହୋଇଥିବାରୁ ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ଏହି ଭେଳିକି କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଆଜି ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ବଜେଟରେ କୌଣସି ବ୍ୟବସ୍ଥା ନ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା କେବଳ ଏକ ଭେଳିକି ଛଡ଼ା କିଛି ନୁହେଁ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨ ବର୍ଷରେ ବିଜେପିର ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ହୋଇଛି। ବିଜେପି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ଋଣର ସିଂହଭାଗ ଖୋଲା ବଜାରରୁ ଅଧିକ ସୁଧରେ ନିଆଯାଇଛି, ଯାହା ରାଜ୍ୟର ଆର୍ଥିକ ବୋଝ ବୃଦ୍ଧି କରିଛି। ପ୍ରତି ପଞ୍ଚାୟତକୁ ୩ କୋଟି ପ୍ରଦାନ କଲେ ରାଜ୍ୟକୁ ସମୁଦାୟ ପ୍ରାୟ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ୨୧ ହଜାର କୋଟି ଟଙ୍କା କେଉଁଠାରୁ ଆସିବ ତା'ର କୌଣସି ସ୍ପଷ୍ଟତା ନାହିଁ। ଏହି ପରିପ୍ରେକ୍ଷୀରେ ଆଜିର ୩ କୋଟି ଘୋଷଣା କେବଳ ଭେଳିକି ଛଡ଼ା ଆଉ କିଛି ନୁହେଁ ବୋଲି ଡ. ମହାନ୍ତି କହିଛନ୍ତି।

# ବିଚାର ପ୍ରତୀକ୍ଷାରେ ୨୨ ଲକ୍ଷ ମାମଲା: ଦଣ୍ଡବିଧାନ ହାର ନଗଣ୍ୟ

ଭୁବନେଶ୍ୱର, ୨୦।୮: ବିଭିନ୍ନ ନ୍ୟାୟିକ ସଂସ୍ଥାରେ ଓଡ଼ିଶାରେ ଓ ଓଡ଼ିଶା ସରକାରଙ୍କର ଏବେ ପ୍ରାୟ ୨୨ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଏଥିମଧ୍ୟରୁ ପାଖାପାଖି ୧୯ଲକ୍ଷ ମାମଲା ବିଭିନ୍ନ ଜିଲ୍ଲାରେ ଥିବା ଦେୱାନୀ ଓ ଫୌଜଦାରୀ ଅଦାଲତଗୁଡ଼ିକରେ ପଡିଥିବାବେଳେ ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ପ୍ରାୟ ୧ଲକ୍ଷ ୭୦ ହଜାର।

ଓଡ଼ିଶା ହାଇକୋର୍ଟରେ ପ୍ରାୟ ଅଧା ବିଚାର ପଦବୀ ଖାଲି ପଡିଛି। ଏଠି ଏବେ ମାତ୍ର ୧୭ଜଣ ବିଚାରପତି କାର୍ଯ୍ୟରତ ଥିବାବେଳେ ସେମାନଙ୍କ ନିକଟରେ ବିଚାର ପାଇଁ ଅଛି ୧ଲକ୍ଷ ୭୦ ହଜାର ମାମଲା। ଅର୍ଥାତ୍ ଜଣେ ବିଚାରପତିଙ୍କ ପିଛା ହାରାହାରି ୧୦ ହଜାର କରି ମାମଲା ରହିଛି। ଏ ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟରେ ଖାଲି ପଡିଥିବା ସମସ୍ତ ବିଚାରପତି ପଦବୀ ପୂରଣ ସହିତ ମାମଲାର ଚାପ ହ୍ରାସ ପାଇଁ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣର ପୁନଃ ସଂସ୍ଥାପନ ଉପରେ ବିଭିନ୍ନ ମହଲ ଗୁରୁତ୍ୱ ଦେଉଛନ୍ତି।

ସରକାରୀ ତଥ୍ୟ ମୁତାବକ ଓଡ଼ିଶା ହାଇକୋର୍ଟରେ ଯେତେ ମାମଲା ବିଚାର ପ୍ରତୀକ୍ଷାରେ ରହିଛି ସେଥିରୁ ୩୭୬ଟି ୩୦ବର୍ଷରୁ ଅଧିକ ସମୟ ଧରି ବିଚାର ପ୍ରତୀକ୍ଷାରେ ଥିବାବେଳେ ୭,୦୩୫ଟି ମାମଲା ୨୦ ବର୍ଷରୁ ଅଧିକ ସମୟ ଧରି ଗଡୁଛି। ଏହାଦ୍ୱାରା ୩୮,୮୬୬ଟି ମାମଲା ୧୦ ବର୍ଷରୁ ଅଧିକ ପୁରୁଣା।

ସେହିପରି ରାଜ୍ୟର ଜିଲ୍ଲା ଓ ନିମ୍ନ ଅଦାଲତଗୁଡ଼ିକରେ ଗତ ଜୁଲାଇ ୧୬ ତାରିଖ ସୁଦ୍ଧା ମୋଟ ୧୮,୬୮,୩୨୩ଟି ମାମଲା ବିଚାର ପ୍ରତୀକ୍ଷାରେ ଥିଲା। ସେଥିମଧ୍ୟରୁ ୪୪୪୧ଟି ମାମଲା ୩ ଦଶନ୍ଧିରୁ ଅଧିକ ସମୟ ଧରି ଗଡୁଛି। ତାରିଖ ପରେ ତାରିଖ ଚାଲିଥିଲେ ମଧ୍ୟ ମାମଲା କିନ୍ତୁ ଛିଣ୍ଡୁନାହିଁ। ଏହି ସରକାରୀ ତଥ୍ୟ ମୁତାବକ ଓଡ଼ିଶାରେ ୪୫,୩୩୩ଟି ମାମଲା ଜିଲ୍ଲା ଓ ନିମ୍ନ ଅଦାଲତଗୁଡ଼ିକରେ ୨୦ବର୍ଷରୁ ଅଧିକ ସମୟ ଧରି ଗଡୁଥିବାବେଳେ ୩,୦୭,୨୧୬ଟି ମାମଲା ୧୦ବର୍ଷରୁ ଅଧିକ ପୁରୁଣା।

ସେହିପରି ୭,୬୬,୧୭୭ଟି ମାମଲା ଓଡ଼ିଶାର ଜିଲ୍ଲା ଓ ନିମ୍ନ ଅଦାଲତଗୁଡ଼ିକରେ ୫ବର୍ଷରୁ ଅଧିକ ସମୟ ଧରି ପଡିରହିଛି। ହାଇକୋର୍ଟ ଭଳି ଜିଲ୍ଲା ଓ ନିମ୍ନ ଅଦାଲତଗୁଡ଼ିକରେ ମଧ୍ୟ ବହୁ ସଂଖ୍ୟକ ବିଚାରପତି ପଦବୀ ଖାଲି ପଡିଛି। ଗୋଟିଏ ପଟେ ମାମଲା ଫଇସଲା ହେବାରେ ବିଳମ୍ବ ଘଟୁଥିବାବେଳେ ଅନ୍ୟ ପଟରେ ବିଳମ୍ବିତ ନ୍ୟାୟ ଓ ଅନ୍ୟାନ୍ୟ କାରଣରୁ ସଂଖ୍ୟାଧିକ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଫସିଯାଉଛନ୍ତି।

କେନ୍ଦ୍ର ସରକାରଙ୍କ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ ମୁତାବକ କେବଳ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରୁ ଓଡ଼ିଶାରେ ବର୍ଷକୁ ୬ ପ୍ରତିଶତ ବି ଫଇସଲା ହୋଇପାରୁନଥିବାବେଳେ ଦଣ୍ଡବିଧାନ ହାର ୧୦ ବର୍ଷରେ ସୀମିତ ରହୁଛି। ଶିଶୁମାନଙ୍କ ପ୍ରତି ଘଟୁଥିବା ଅପରାଧ ଏବଂ ଏସ୍‌ସି ଓ ଏସ୍‌ଟି ନିର୍ଯାତନା, ବରିଷ୍ଠ ନାଗରିକମାନଙ୍କ ପ୍ରତି ଘଟୁଥିବା ଅପରାଧଗୁଡ଼ିକରେ ଉଭୟ ମାମଲା ଫଇସଲା ହାର ଓ ଦଣ୍ଡବିଧାନ ହାର ମଧ୍ୟ ଅତ୍ୟନ୍ତ କମ୍ ରହୁଛି।

୨୦୧୧ରେ ଓଡ଼ିଶା ସରକାର ଯେଉଁ ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିଲେ ତା'ର ପ୍ରମୁଖ ଲକ୍ଷ୍ୟ ଥିଲା ମାମଲାଗୁଡ଼ିକୁ ୫ବର୍ଷ ମଧ୍ୟରେ ଫଇସଲା କରିବା ପାଇଁ। ତେବେ ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ରାଜ୍ୟ ମାମଲା ନୀତି ଏକ ପ୍ରକାର ବିଫଳ ହୋଇଛି। କେବଳ ଓଡ଼ିଶା ହାଇକୋର୍ଟରେ ଏବେ ପ୍ରାୟ ୧୨ ହଜାର ଅଦାଲତ ଅବମାନନା ମାମଲା ବିଚାର ପ୍ରତୀକ୍ଷାରେ ଅଛି। ଏଥିରୁ ସଂଖ୍ୟାଧିକରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶ ଠିକଣା ସମୟ ମଧ୍ୟରେ ପ୍ରତିପାଳନ କରିବାରେ ବିଫଳ ହୋଇଥିବା ଘେନି ଅଭିଯୋଗ ହେଉଛି। ହାଇକୋର୍ଟ ମଧ୍ୟ ବହୁ ଅଦାଲତ ଅବମାନନା ମାମଲାରେ ବରିଷ୍ଠ ସରକାରୀ ଅଧିକାରୀମାନଙ୍କୁ ଅଦାଲତରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଉଥିବା ଜଣାପଡିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୮ ମୃତ...

ଏହି ମାମଲାରେ ଭର୍ତେଜ୍ ଥାନାର ଜଣେ ପୁଲିସ ଇନ୍ସପେକ୍ଟରଙ୍କ ସମେତ ୪ ଜଣ ଥାନା କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ନକଲି ଲିକର ପ୍ରସ୍ତୁତି ଘଟଣାରେ ସେମାନଙ୍କ ସମ୍ପୃକ୍ତି ତଥା କର୍ତ୍ତବ୍ୟରେ ଖିଲାପକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଅଗଷ୍ଟ ୧୯ ତାରିଖ ରାତିରେ ସୋନଗଡ଼ର ହିତେଶ ପରମାର ନାମକ ଜଣେ ସରକାରୀ ସ୍କୁଲ ଶିକ୍ଷକଙ୍କ ମୃତଦେହ ସନ୍ଦେହଜନକ ଭାବରେ ମିଳିବା ପରେ ତଦନ୍ତ ନୂଆମୋଡ଼ ନେଇଛି। ହିତେଶ ପରମାର ଭାବନଗରର ଏକ ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରୁ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ତଦନ୍ତ ସମୟରେ ପୁଲିସ୍ ତାଙ୍କ ଘରୁ ଏକ ଅଧାଭର୍ତ୍ତି ଇଣ୍ଡିଆ ମେଡ୍ ଫରେନ୍ ଲିକର (ଆଇଏମଏଫଏଲ) ଜବତ କରିଛି। ଲିକର ପ୍ରସ୍ତୁତିରେ ମିଥାନଲ ବ୍ୟବହୃତ ହୋଇଥିବା ତଦନ୍ତରେ ପୁଷ୍ଟି ହୋଇଛି ବୋଲି ଭାବନଗର ଏସଏମସି ଏସପି ମୟୂର ଚାୱଡ଼ା କହିଛନ୍ତି। ସେ କହିଛନ୍ତି ଯେ, ପ୍ରଥମ ମୃତକଙ୍କ ରକ୍ତ ନମୁନାରୁ ମିଥାନଲ ଚିହ୍ନଟ ହୋଇଛି। ନକଲି ମଦ ପ୍ରସ୍ତୁତି ପାଇଁ ମଧ୍ୟପ୍ରଦେଶରୁ କଞ୍ଚାମାଲ ଆସୁଥିଲା ଓ ଭାବନଗରେ ମଦ ତିଆରି ହେଉଥିଲା। ମଦ ପ୍ରସ୍ତୁତ କରୁଥିବା ନରେନ୍ଦ୍ର ଯାଦବ ନାମକ ଜଣେ ବ୍ୟକ୍ତି ମଧ୍ୟ ବିଷାକ୍ତ ଲିକର ପିଇ ମୃତ୍ୟୁବରଣ କରିଥିବା ପୁଲିସ୍ ପ୍ରକାଶ କରିଛି। ନିଲମବାଗ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୬ ବୋତଲ ଲିକର ଜବତ କରିଛି।

### ବୈତରଣୀରେ...

ହେଲାଣି। ଆଜି ଠାରୁ ପରିସ୍ଥିତି ସୁଧୁରିବ। କେବଳ ବାଲେଶ୍ୱର ପାଇଁ ଜଳ ନିଷ୍କାସନ ହେବାକୁ ଆଉ ୩ ଦିନ ଲାଗିବ। ଆଣ୍ଟି ସ୍ନେକ ଭେନମ ସବୁ ସ୍ଥାନରେ ମହଜୁଦ ଅଛି। ଗତ ୧୪ ତାରିଖରୁ ୨୬ଟି ସାପ କାମୁଡା ମାମଲା ହୋଇଛି। ହେଲେ କାହାର ମୃତ୍ୟୁ ହୋଇନି। ପ୍ରଶାସନ ସଜାଗ ଅଛନ୍ତି। ବନ୍ୟା କମିବା ପରେ ଜଳବାହକ ରୋଗର ସମ୍ଭାବନା ରହିଛି। ୧୨୪ ମେଡିକାଲ ଟିମ୍ ମହଜୁଦ ଅଛନ୍ତି। ୩୦ଟି ଡାଇରିଆ ମାମଲା ଆସିଥିଲା। ସେମାନଙ୍କୁ ଚିକିତ୍ସା କରାଯାଇଛି। ଏବେ ଯାଏ ଆଉ ଗୋଟେ ଲଘୁଚାପର ସ୍ପଷ୍ଟ ସୂଚନା ନାହିଁ। କେନ୍ଦ୍ରାପଡ଼ାର ୬୮ ପଞ୍ଚାୟତ ପ୍ରଭାବିତ ହୋଇଛି।

### ଏଣିକି ମାସକୁ ୨ ଥର...

ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ବିଭାଗଗୁଡ଼ିକୁ ନିଜ ନିଜ ପ୍ରସ୍ତାବ ଆଗୁଆ ପ୍ରସ୍ତୁତ କରିବା ସହ ସମୟ ପୂର୍ବରୁ କ୍ୟାବିନେଟ ନୋଟ ଦାଖଲ କରିବାକୁ କୁହାଯାଇଛି। ଏହା ଦ୍ୱାରା କ୍ୟାବିନେଟରେ ପ୍ରସ୍ତାବ ଉପରେ ଠିକ୍ ସମୟରେ ନିଷ୍ପତ୍ତି ନିଆଯାଇପାରିବ। କ୍ୟାବିନେଟରେ ଅନୁମୋଦିତ ନିଷ୍ପତ୍ତିଗୁଡ଼ିକର ନିୟମିତ ଅନୁଧ୍ୟାନ କରି ସେଗୁଡ଼ିକୁ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ୪ରେ ଖାରବେଳ ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ସଚିବ ସ୍ତରୀୟ ବୈଠକ। ସମସ୍ତ ସଚିବଙ୍କ ବୈଠକରେ 'ଆକ୍ସନ୍ ପଏଣ୍ଟ'ରେ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ବିଭାଗଗୁଡ଼ିକୁ ନିଜ ନିଜ ପ୍ରସ୍ତାବ ଆଗୁଆ ପ୍ରସ୍ତୁତ କରିବା ସହ ସମୟ ପୂର୍ବରୁ କ୍ୟାବିନେଟ ନୋଟ ଦାଖଲ କରିବାକୁ କୁହାଯାଇଛି। ଏହା ଦ୍ୱାରା କ୍ୟାବିନେଟରେ ପ୍ରସ୍ତାବ ଉପରେ ସମୟୋଚିତ ନିଷ୍ପତ୍ତି ନେବାର ପ୍ରକ୍ରିୟା ଅଧିକ ସୁସଂଗଠିତ ହେବ ବୋଲି ଆଶା କରାଯାଉଛି। ତେବେ କେବଳ ନିଷ୍ପତ୍ତି ନେବାରେ ସରକାରଙ୍କ ଫୋକସ୍ ସୀମିତ ରହିବ ନାହିଁ। କ୍ୟାବିନେଟରେ ଅନୁମୋଦିତ ନିଷ୍ପତ୍ତିଗୁଡ଼ିକର ନିୟମିତ ଅନୁଧ୍ୟାନ କରି ସେଗୁଡ଼ିକୁ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ରହିଛି। ଏଥିପାଇଁ ନିଷ୍ପତ୍ତିର ଅଗ୍ରଗତି ଉପରେ ନିୟମିତ ନଜର ରଖିବା ଏବଂ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗଗୁଡ଼ିକୁ କୁହାଯାଇଛି।

### ୨୦୦ କୋଟି କ୍ରିପ୍ଟୋ-ସ୍କାମ୍‌ରେ...

ରୁଜୁ କରିବା ପରେ ଏହି ବଡ଼ ଧରଣର ସ୍କାମ୍ ପଦାକୁ ଆସିଥିଲା। ଇଓଡବ୍ଲ୍ୟୁ ଏହି ଅଭିଯୋଗର ତଦନ୍ତ କରିବା ପରେ ଶଙ୍କର ସରକାର ଓ ସନ୍ଦୀପ ଚୌଧୁରୀଙ୍କ ସହ ମିଶି ଶ୍ରୀ ମହାନ୍ତି କ୍ରିପ୍ଟୋ ଇନଭେଷ୍ଟମେଣ୍ଟ ନାମରେ ଏକ ମନି ସର୍କୁଲେସନ୍ ସ୍କିମ୍ ଚଲାଉଥିବା ଜାଣିବାକୁ ପାଇଥିଲା। ଏହି ସ୍କାମ୍‌ରେ କମ୍ ସମୟରେ ଅଧିକ ଲାଭ ମିଳିପାରିବ ବୋଲି ସ୍କିମ୍ ସହ ଜଡ଼ିତ ବ୍ୟକ୍ତିଗୁଡ଼ିକ ଲୋକଙ୍କୁ ବୁଝାଇବା ସହ ଏହା ସହ ଯୋଗଦେବାକୁ ପ୍ରଲୋଭିତ କରୁଥିଲେ। [illegible] ଓଡ଼ିଶାରେ ୮ ହଜାର ନିବେଶକ ଓ ଜାତୀୟ ସ୍ତରରେ ମୋଟ ଅଢେଇ ଲକ୍ଷ ନିବେଶକ ଯୋଡ଼ି ହୋଇଥିଲେ। [illegible] ବ୍ୟତୀତ ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ହରିଆଣା, ଗୁଜରାଟ, ବିହାର ଓ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ବ୍ୟାପିଥିଲା। [illegible] ଭୁବନେଶ୍ୱର ଓ କଟକରେ ପ୍ରମୋସନାଲ ଇଭେଣ୍ଟ ଆୟୋଜନ କରୁଥିଲେ। ଏହା ପୂର୍ବରୁ ଏହି ମାମଲାରେ ସନ୍ଦୀପ ଓ ଶଙ୍କରଙ୍କୁ ଗିରଫ କରାଯାଇସାରିଛି।

### ପ୍ରତି ପଞ୍ଚାୟତରେ ଖର୍ଚ୍ଚ...

[illegible] ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ ଲକ୍ଷ ଟଙ୍କା ଦେବେ ସରକାର। [illegible] ଯୋଗାଇ ଦିଆଯିବ ଆଦର୍ଶ ପୋଖରୀ ପାଇଁ [illegible] ପେଭର ବ୍ଲକ ପଡ଼ିବ। ଜିମ୍‌ର ସାମଗ୍ରୀ ରହିବ, ଶ୍ମଶାନ ପାଇଁ ୨୨ ଲକ୍ଷ ଦେବେ ସରକାର। ସେହିପରି ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ ଲକ୍ଷ, ରହିବ ଜିମ, ବସିବା ପାଇଁ ସ୍ଥାନ ମଧ୍ୟ ରହିବ। ଆଦର୍ଶ ହାଟ ପାନୀୟ ଜଳ ସହ ପ୍ରବେଶ ପାଇଁ ଗେଟ ଓ ଲାଗିବ ସେଟ। ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରତି ଜିପି ରେ ଲାଗିବ ୭୦୦ ଗଛ। ଆଦର୍ଶ ପାଠାଗାର ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟବରାଦ ରଖାଯାଇଛି। ପ୍ରତି ବର୍ଷ ଗୋଟିଏ ଗାଁରେ ଗୋଟେ କଲ୍ୟାଣ ମଣ୍ଡପ ହେବ।

### ହୁ ହୁ ବଢୁଛି...

ବେକେରୀ ସାମଗ୍ରୀ ଓ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ଚିନିର ଚାହିଦା ରହିଛି। ହଠାତ୍ ଦର ବୃଦ୍ଧି ଖାଉଟିଙ୍କ ସମେତ ବ୍ୟବସାୟୀଙ୍କୁ ବି ବାଧିଲାଣି। ଚିନି ଦର ବଢ଼ିଥିବାରୁ ଆଗକୁ ମିଠା ଓ ଅନ୍ୟାନ୍ୟ ଚିନିଜାତ ଦ୍ରବ୍ୟର ଦାମ୍ ମଧ୍ୟ ବଢ଼ିବା ଆଶଙ୍କା ଦେଖାଦେଇଛି। ସେହିପରି ଆଗକୁ ଆସୁଥିବା ପାର୍ବଣ ଋତୁରେ ଚିନିର ଚାହିଦା ବଢ଼ିପାରେ। ତେବେ କାହିଁକି ହଠାତ୍ ଦର ବୃଦ୍ଧି ହୋଇଛି ତାର ସଠିକ ଉତ୍ତର ମିଳୁନି। ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଚିନି ଉତ୍ପାଦନକାରୀ ଦେଶ ହୋଇଥିଲେ ବି ଦେଶରେ ଚିନି ଦର ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବାଢ଼ିଛି। କୁହାଯାଉଛି ଦେଶର ମୁଖ୍ୟ ଆଖୁ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ବର୍ଷାର ଅନିୟମିତତା ଯୋଗୁଁ ଆଖୁ ଅମଳ ପ୍ରଭାବିତ ହୋଇଛି। ସେହିପରି ବାହାର ରାଜ୍ୟରୁ ଓଡ଼ିଶାକୁ ଆସୁଥିବା ଚିନିର ଯୋଗାଣ ହ୍ରାସ ପାଇବା ଫଳରେ ସ୍ଥାନୀୟ ହୋଲସେଲ ବଜାରରେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି। କେବଳ ଚିନି ନୁହେଁ, ମାସେ ଭିତରେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବି ହୁ ହୁ ବଢୁଛି। ମାସେ ଭିତରେ ବାସୁମତୀ ଚାଉଳ ଦର କିଲୋ ପ୍ରତି ୩୦ ଟଙ୍କା ବଢ଼ିଥିବା ବେଳେ ଅରୁଆ ଚାଉଳ ୧୦ ଟଙ୍କା ମହଙ୍ଗା ହୋଇଛି। ସେହିପରି ବିଭିନ୍ନ ଡାଲିର ଦର କିଲୋ ପ୍ରତି ୫ରୁ ୧୦ ଟଙ୍କା ଓ ଖାଇବା ତେଲ ଦର ବି ବଢ଼ିଛି ପାଖାପାଖି ୫ ଟଙ୍କା।

### ୩୧ ଯାଏଁ ବଢ଼ିଲା...

ବିଜ୍ଞାପିତ ଫସଲ ଅନୁଯାୟୀ ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ ଭଳି ଫସଲଗୁଡ଼ିକୁ ବୀମା ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରାଯାଇଛି। ସମସ୍ତ ଯୋଗ୍ୟ ଋଣୀ, ଅଣ-ଋଣୀ ଓ ଭାଗଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଓଡ଼ିଶାର ଚାଷୀମାନେ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଜମି ପାଇଁ ମାଗଣାରେ ଫସଲ ବୀମା ସୁବିଧା ପାଇପାରିବେ। ବ୍ୟାଙ୍କ ଖାତା ଯାଞ୍ଚ ବାବଦକୁ ପ୍ଲଟ୍ ପିଛା ମାତ୍ର ଏକ ଟଙ୍କା ଦେବାକୁ ପଡ଼ିବ। ଚାଷୀଙ୍କ ଭାଗର ପ୍ରିମିୟମ୍ ରାଶି ରାଜ୍ୟ ସରକାର ବହନ କରୁଥିବା ବେଳେ ଭାରତ ସରକାରଙ୍କ ଦ୍ୱାରା ସବସିଡି ସହାୟତା ଯୋଗାଇ ଦିଆଯାଉଛି।

### ସହରରେ ଯେଉଁ କ୍ଷତି...

କାର୍ଯ୍ୟାନୁଷ୍ଠାନ। ଏପରିକି ବିଶୃଙ୍ଖଳାରେ ସାମିଲ ଗାଡ଼ିଗୁଡ଼ିକର ପରମିଟ୍ ବାତିଲ କରିବାକୁ ପରିବହନ ବିଭାଗ ପଦକ୍ଷେପ ଆରମ୍ଭ କରିଛି। ଗୁଣ୍ଡାଗିରିରେ ସାମିଲ ଥିବା ଅଟୋ ଚାଳକମାନେ କରିଥିବା ବେଆଇନ ଅଟୋ ଷ୍ଟାଣ୍ଡ ଭଙ୍ଗାଯିବ। ଯେଉଁ କ୍ଷତି ହୋଇଛି ଏହା ତାଙ୍କଠାରୁ ହିଁ ଆଦାୟ ହେବ। ସରକାର ସାଧାରଣ ଲୋକଙ୍କ ସୁରକ୍ଷା ଦେବା ଦାୟିତ୍ୱ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ସେହିପରି ମାଷ୍ଟର କ୍ୟାଣ୍ଟିନ ହିଂସା ଘଟଣାରେ ପୁଲିସ ଆକ୍ସନ ମୋଡ୍‌କୁ ଓହ୍ଲାଇଛି। ଗତକାଲି ଅଟକ ଥିବା ୧୭୩ ଜଣଙ୍କ ମଧ୍ୟରୁ ୧୧୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ଏଥିସହ ଆଉ ୬୦ ଜଣଙ୍କୁ ଭଲ ବ୍ୟବହାର ପାଇଁ ବଣ୍ଡରେ ଛାଡ଼ି ଦିଆଯାଇଛି। ଘଟଣାରେ ୩୫୪ଟି ଗାଡ଼ି ଜବତ କରିଛି ପୁଲିସ। ଏନେଇ ଖାରବେଳ ନଗର ଥାନାରେ ଆଜି ୭ଟି ଏଫଆଇଆର୍ ରୁଜୁ ହୋଇଛି। ସାଧାରଣ ଲୋକଙ୍କ ଅଭିଯୋଗ ଆଧାରରେ ୨ଟି, ଆମ ବସ୍ କର୍ମଚାରୀଙ୍କ ଅଭିଯୋଗରେ ୪ଟି ଓ ପୁଲିସ କର୍ମଚାରୀଙ୍କ ଅଭିଯୋଗରେ ଗୋଟିଏ ଏଫଆଇଆର୍ ରୁଜୁ ହୋଇଛି। ଆଇନକୁ ହାତକୁ ନେଇ ହିଂସା ସୃଷ୍ଟି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସିସିଟିଭି ଆଧାରରେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଚାଲିଛି ଜୋରଦାର ଚଢ଼ାଉ।

### କେନ୍ଦ୍ର ମନ୍ତ୍ରିମଣ୍ଡଳକୁ...

ବିହାରରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସବୁଠାରେ ତାଙ୍କର ସଫଳ ଗୋଟି ଚାଳନା ଦେଖିବାକୁ ମିଳିଥିଲା। ଜାତୀୟ ଶିକ୍ଷା ନୀତି-୨୦୨୦ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବାରେ ସେ ଥିଲେ ସେନାପତି। ବିଶେଷକରି ମୋଦି ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ମନ୍ତ୍ରଣାଳୟରେ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଧର୍ମେନ୍ଦ୍ରଙ୍କ ଭୂମିକାକୁ ଜାତୀୟ ସ୍ତରରେ ବିଜେପି କେବେହେଲେ ଅଣଦେଖା କରିପାରିବ ନାହିଁ ବୋଲି ଚର୍ଚ୍ଚା ହେବା ସହ ଧର୍ମେନ୍ଦ୍ରଙ୍କ ମନ୍ତ୍ରିମଣ୍ଡଳକୁ ଫେରିବା ଆଶା ଉଜ୍ଜ୍ୱଳ ବୋଲି କୁହାଯାଉଛି।

# ସୁବର୍ଣ୍ଣରେଖା ନଦୀରେ ବଡ଼ ବନ୍ୟା
# ପାଣିଘେରରେ ୪୦ରୁ ଊର୍ଦ୍ଧ୍ୱ ଗାଁ
## ଜଳକା ନଦୀ ବନ୍ୟାରେ ବ୍ଲକ୍‌ର ୬ ପଞ୍ଚାୟତର ୩୦ଗାଁ ପ୍ରଭାବିତ

ବାଲିଆପାଳ,୨୦।୮ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଦ୍ୱିତୀୟ ତଥା ବଡ଼ ବନ୍ୟା ଆସିଛି। ସୋମବାର ମଧ୍ୟରାତ୍ରରୁ ବନ୍ୟା ପାଣି ଧିରେ ଧିରେ ବଢୁଥିବା ବେଳେ ଆଜି ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଶୁକ୍ରବାର ମଧ୍ୟ ରାଜ୍ୟରୁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଆସିଥିବା ବେଳେ ଶନିବାର ମଧ୍ୟ ରାତ୍ରରୁ ବନ୍ୟା ପାଣି ଧିରେ ଧିରେ କମିବାରେ ଲାଗିଥଲା। ମାତ୍ର ସୋମବାର ମଧ୍ୟ ରାତ୍ର ଠାରୁ ପୁଣି ଥରେ ଜଳ ସ୍ତର ବୃଦ୍ଧି ପାଇ ଆଜି ଅପରାହ୍ନରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯାହା ଫଳରେ ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗାଁ ପାଣିଘେରରେ ଏକ ପ୍ରକାର ଜଳବନ୍ଦୀ ହୋଇ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଞ୍ଚାୟତ ଜଳମଗ୍ନ ହୋଇଛି।ଚଡପାଳପଡା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, କଣ୍ଟାବଣି, ଡାଲୁଆ ୨, ପାରଦୀପା, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି। ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଞ୍ଚୁରୁଖି-ଚଉର୍ଦ୍ଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ତିନି ଫୁଟ ଧରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ବ୍ଲକର ବନ୍ୟା ପ୍ରଭାବିତ ୮ଟି ପଞ୍ଚାୟତର ଲୋକଙ୍କ ପାଇଁ ଚୂଡ଼ା, ଗୁଡ଼ ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି।ସେହିପରି ଲୋକମାନଙ୍କ ଯାତାୟତ ପାଇଁ ଇକଡପାଳ, କୁହ୍ଲାଚଡ, ତାଳପଦା, ବିଷ୍ଣୁପୁର, ଲକପାଳ, ଚୌଧୁରିକୁଦ, କୁଦମାନସିଂ ପ୍ରଭୃତି ସ୍ଥାନରେ ଏସଆରସିର ୯ଟି ପାୱାର ବୋଟ ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ଓଡ୍ରାଫ ଟିମର ୩ଟି ପାୱାର ବୋଟ ଯୋଗାଇ ଦିଆଯାଇଛି। ଏହା ବାଦ ଯେଉଁ ସବୁ ସ୍ଥାନରେ ପାଓ୍ୱାର ବୋଟ ଯାଇପାରୁ ନାହିଁ ସେହି ସ୍ଥାନରେ ଦେଶୀ ଡଙ୍ଗା ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।





# ଧଳା କାରରେ କଳା କାରବାର
## 'ଅପରେସନ ଚକ୍ର'ରେ ୨ ଗିରଫ, ୪୦ଗ୍ରାମ ବ୍ରାଉନ ସୁଗାର ଶହ ଟଙ୍କା ଜବତ



କାକଟପୁର/ଅସ୍ତରଙ୍ଗ,୨୦।୮ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲାରେ ଦିନକୁ ଦିନ ବଢୁଥିବା ବ୍ରାଉନ ସୁଗାର କାରବାର ଉପରେ ପୁରୀ ପୋଲିସ କଡା ପ୍ରହାର। ଅପରେସନ ଚକ୍ର ଅନ୍ତର୍ଗତ କାକଟପୁର ପୋଲିସକୁ ମିଳିଛି ବଡ଼ ସଫଳତା। ପ୍ରାଚୀ ନଦୀ ବ୍ରିଜ, ବଲରା ନିକଟରୁ ଏକ ହାଇପ୍ରୋଫାଇଲ ଡ୍ରଗ୍ସ ଡିଲିଂ ବେଳେ ଦୁଇ ଜଣ ଅଭିଯୁକ୍ତ ଙ୍କୁ ମାଡ଼ି ବସିଲା ପୋଲିସ। ସୂଚନା ମୁତାବକ, ଗତ ୧୯ତାରିଖ ସକାଳ ୮ଘ ୩୦ ମିନିଟ ସମୟରେ ବିଶେଷ ସୂତ୍ରରୁ ଖବର ପାଇ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ନିର୍ଦ୍ଦେଶରେ ଏସ. ଆଇ ଅମିତ ପାଢ଼ୀଙ୍କ ଟିମ୍ ଗସ୍ତରେ ଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ଆସିଲା ପ୍ରାଚୀ ବ୍ରିଜ ବଲରା ପାଖରେ ଓଡି ୩୩ ଏକ୍ସ ୧୨୭୨ ନମ୍ବର ଧଳା ହୁଣ୍ଡାଇ ଏକ୍ସଣ୍ଟ କାରରେ ବ୍ରାଉନ ସୁଗାର ଅଥବା ଧଳା ଜହର ବିକ୍ରି ଚାଲିଛି। ପୋଲିସ ତୁରନ୍ତ ସ୍ପଟରେ ଚଢ଼ାଉ କରିଥିଲା। ସନ୍ଦେହରେ ଦୁଇ ଯୁବକଙ୍କୁ ଅଟକାଇ ପଚରାଉଚରା କଲା ବେଳେ ସେମାନେ ମାନିଗଲେ ଯେ କାକଟପୁର ଅଞ୍ଚଳର ନିଶାଡି ଯୁବକଙ୍କୁ ସେମାନେ ବ୍ରାଉନ ସୁଗାର ଯୋଗାଉଛନ୍ତି। ପରେ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ନିୟମ ଅନୁଯାୟୀ ଯାଞ୍ଚ ହେଲା। ଯାଞ୍ଚରୁ ବାହାରିଥିଲା ୪୦ ଗ୍ରାମ ବ୍ରାଉନ ସୁଗାର ଅଥବା ଧଳା ଜହର ସହ ୪୧ ହଜାର ନଗଦ ଟଙ୍କା, ୭ଟି ଦାମୀ ମୋବାଇଲ ଫୋନ ଓ ଡ୍ରଗ୍ସ ଚାଲାଣରେ ବ୍ୟବହୃତ କାର। ଗିରଫ ଦୁଇ ଅଭିଯୁକ୍ତ ହେଲେ - ନୟାହାଟ ଅଞ୍ଚଳ ସୁଜାଗଡ଼ ଆସିକ ଖାଁ (୨୩) ଏବଂ ପିପିଲି ନରସିଂହପୁରର ମହମ୍ମଦ ଗ୍ୟାସ(୨୨)। ଦ୍ୱିତୀୟ ଅଭିଯୁକ୍ତ ହିଁ କାରର ଡ୍ରାଇଭର। ଉଭୟଙ୍କ ବିରୁଦ୍ଧରେ କାକଟପୁର ଥାନା କେସ ନଂ ୨୯୫/୨୬, ଏନଡିପିଏସ ଆକ୍ଟ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ମାମଲାର ତଦନ୍ତ ଥାନା ଅଧିକାରୀ ବସନ୍ତ କୁମାର ସାହୁ କରୁଛନ୍ତି। ପୁରୀ ଏସପିଙ୍କ ଅପରେସନ ଚକ୍ର ପରେ ଜିଲ୍ଲାରେ ନିଶା ମାଫିଆଙ୍କ ମେରୁଦଣ୍ଡ ଭାଙ୍ଗିଛି। କାକଟପୁର ଅଞ୍ଚଳରେ ଗତ କିଛି ମାସ ହେଲା ବ୍ରାଉନ ସୁଗାର କାରବାର ବଢ଼ିଥିବା ନେଇ ଅଭିଯୋଗ ହେଉଥିଲା।

# ଆଜି ପାରାଦୀପ ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ

ପାରାଦୀପ,୨୦।୮(ସଂଚାର ବ୍ୟୁର)ଃ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ। ତାଙ୍କ ଗସ୍ତକୁ ନେଇ ପାରାଦୀପ ବନ୍ଦରରେ ପ୍ରସ୍ତୁତି ଜୋରଦାର ହୋଇଛି। ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ପାରାଦୀପ ବନ୍ଦରର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ କରିବା ସହ ବନ୍ଦରର କ୍ଷମତା ବୃଦ୍ଧି, କାର୍ଯ୍ୟଦକ୍ଷତା ଓ ଭିତ୍ତିଭୂମି ବିକାଶ ସମ୍ପର୍କରେ ସମୀକ୍ଷା କରିବେ। ଏଥିସହ ବନ୍ଦର ଶ୍ରମିକ ଓ କର୍ମଚାରୀଙ୍କ ସୁବିଧା ଏବଂ କଲ୍ୟାଣ ସମ୍ପର୍କିତ ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ପାରାଦୀପ ବନ୍ଦରର ଭବିଷ୍ୟତ ବିକାଶ ସହ ଓଡ଼ିଶାର ସାମୁଦ୍ରିକ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ବୋରିଗୁମ୍ମା,୨୦।୮ (ସଂଚାର ବ୍ୟୁର)ଃ ବୋରିଗୁମ୍ମା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ଥାନୀୟ କିଶୋର ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ, ତରାଭଙ୍ଗା ଠାରେ ଅଧ୍ୟକ୍ଷ ଶ୍ରୀ ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ତଥା ପ୍ରଜାପତି ଈଶ୍ୱରୀୟ ବିଦ୍ୟାଳୟ ଆନୁକୁଲ୍ୟରେ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଳିଗୁଡା ଆଶ୍ରମର ବ୍ରହ୍ମ କୁମାରୀ ଜୟନ୍ତୀ ସାହୁ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ନିଶାମୁକ୍ତ କଲେଜ ଓ ସମାଜ ତିଆରି କରିବାକୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇ ମଦ ହିଁ ସବୁ ଅନର୍ଥର କାରଣ ବୋଲି ଉଦାହରଣ ସହ ବୁଝାଇଥିଲେ। ପ୍ରାଧ୍ୟାପକ ତଥା ମୁଖ୍ୟ ବକ୍ତା ଭାବେ ଶ୍ରୀ ସରୋଜ କୁମାର ପ୍ରହରାଜ ନିଜ ବକ୍ତବ୍ୟରେ ଗଳ୍ପ, କବିତା, ଶ୍ଳୋକ ଇତ୍ୟାଦି ପ୍ରୟୋଗ କରି ଅନେକ ନୀତିଶିକ୍ଷା ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରିବା ସହ ଆଗାମୀ ଦିନରେ ଭଲ ମଣିଷ ହେବା ପାଇଁ ନିଶାମୁକ୍ତ ଭାରତରେ ଯୁବକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମ କୁମାରୀ ସରୋଜୁ ଭଉଣୀ ଛାତ୍ର ଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ।

# ଡ୍ୟାମ୍ ନିକଟରୁ ଅଜଗର ମୃତଦେହ ଜବତ, ଜଣେ ଗିରଫ



ମାଲକାନଗିରି,୨୦।୮ (ସଂଚାର ବ୍ୟୁର)ଃ ସୋସିଆଲ ମିଡିଆରେ ଜଣେ ବ୍ୟକ୍ତି ମୃତ ଅଜଗର ଧରି ନେଉଥିବା ଭିଡିଓ ଭାଇରାଲ ହେବା ପରେ ତତ୍ପର ହୋଇଛି ମାଲକାନଗିରି ବନ ବିଭାଗ। ଭିଡିଓ ଆଧାରରେ ତଦନ୍ତ ଆରମ୍ଭ କରି ସତିଗୁଡ଼ା ଗ୍ରାମ ନିକଟରୁ ଜଣେ ଅଭିଯୁକ୍ତଙ୍କୁ ୧୯ ଅଗଷ୍ଟ ୨୦୨୬ରେ ଗିରଫ କରାଯାଇଛି। ତଲାସୀ ବେଳେ ଅଭିଯୁକ୍ତଙ୍କ ନିକଟରୁ ୫୦ ଗ୍ରାମ ଶୁଖିଲା ମାଂସ ସହ ଏକ ଭାରତୀୟ ରକ୍ ପାଇଥନ୍ ବା ଅଜଗରର ମୃତଦେହ ଜବତ ହୋଇଛି। ଜବତ ଅଜଗରର ବୈଜ୍ଞାନିକ ନାମ ପାଇଥନ୍ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାଲକାନଗିରି ରେଞ୍ଜ ଅଧୀନରେ ଘଟିଥିବା ଏହି ଘଟଣାରେ ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ର ସଂଶୋଧିତ ୨୦୨୨ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାନ୍ୟବର ଅଦାଲତରେ ହାଜର କରାଯାଇଛି।

# ଭୁଲ ଇଞ୍ଜେକ୍ସନ ନେଲା ଚର୍ମ ରୋଗୀର ଜୀବନ
## କ୍ଲିନିକ ଖୋଲିଥିବା କ୍ୱାକ ନାଁରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ପରି ବାର ଲୋକେ



ଫୁଲବାଣୀ,୨୦।୮(ସଂଚାର ବ୍ୟୁର)ଃ ଫିରିଙ୍ଗିଆ ବ୍ଲକ ରେ ବିଭିନ୍ନ ଗାଁ ଠାରୁ ଉପାନ୍ତ ଅଞ୍ଚଳ ରେ ମାଳ ମାଳ ବେ ଆଇନ କ୍ଲିନିକ ଖୋଲିଛି। ମେଡିକାଲ ରେ ଡାକ୍ତର ଅଭାବ ଓ ଉପଯୁକ୍ତ ଚିକିତ୍ସା ଅଭାବ ପରିଲକ୍ଷିତ ହେଉଥିବା ବେଳେ ଏହାର ଫାଇଦା ନେଉଛନ୍ତି ବୁଲା ଡାକ୍ତର କିମ୍ବା ଔଷଧ ଦୋକାନ ନାଁରେ କ୍ଲିନିକ ଖୋଲି ବସିଥିବା କ୍ୱାକ ଡାକ୍ତର ମାନେ କାହାର କଣ କାଗଜ ପତ୍ର ଅଛି ତାହା ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ହିସାବ ନାହିଁ। ତେବେ ଫିରିଙ୍ଗିଆ ବ୍ଲକ ରେ ପ୍ରତ୍ୟେକ ପଞ୍ଚାୟତ ରେ ବେ ଆଇନ କ୍ଲିନିକ ଖୋଲିଥିବା ବେଳେ ପୂର୍ବରୁ ଅନେକ ଭୁଲ ଚିକିତ୍ସା ରେ ରୋଗୀଙ୍କ ଜୀବନ ଯାଇଥିବା ବେଳେ କିଛି ବୁଲା ଡାକ୍ତର କୌଣସି ସୁବିଧା ନ ଥାଇ ଘରେ ଅପରେସନ କରିଥିବା ବେଳେ ରୋଗୀଙ୍କ ଜୀବନ ମଧ୍ୟ ଯାଇଛି ତାହାକୁ ମଧ୍ୟ ରଫାଦଫା କରି ଚପାଇବା ଭଳି ସମସ୍ୟା ଦେଖିବାକୁ ମିଳିଛି। ତେବେ ପୁଣି ଜଣେ ସାଧାରଣ ଚର୍ମ ରୋଗୀକୁ ଭୁଲ ଇଞ୍ଜେକ୍ସନ ଦେବାରୁ ସେ ଗୁରୁତର ହୋଇ ଦେହ ସାରା ଫାଟି ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ମୃତକ ଙ୍କ ପରିବାର ଲୋକେ। ତେବେ ଏଭଳି ଦୁଃଖଦଃ ଘଟଣା ଘଟିଛି ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ର ରାଇଗୁଡ଼ା ଗାଁରେ ଏହି ଗାଁର ଗୁମା କହଁର ବୟସ ପ୍ରାୟ ୫୮ ବର୍ଷ ତାଙ୍କୁ ଗୋଡ଼ ରେ ଚର୍ମ ରୋଗ ହୋଇଥିଲା ସେ ବାଟିମୁଣ୍ଡା ଗାଁରେ ଥିବା ଏକ ମେଡ଼ିସିନ ଷ୍ଟୋର କୁ ଯାଇଥିଲେ ମେଡ଼ିସିନ ଦୋକାନ ରେ ଥିବା କ୍ୱାକ ଡାକ୍ତର କ୍ଲିନିକ କରି ବେଡ଼ ପକାଇ ରୋଗୀଙ୍କୁ ଚିକିତ୍ସା କରୁଥିଲେ। ଗୁମା କହଁର ଙ୍କୁ ମଧ୍ୟ କ୍ଲିନିକ ରେ ଆଣ୍ଠୁରେ ଏକ ଇଞ୍ଜେକ୍ସନ ଦେଇ ଥିଲେ ଇଞ୍ଜେକ୍ସନ ଦେବା ପରେ ଭଲ ହେବା ପରିବର୍ତ୍ତେ ଆଣ୍ଠୁରେ ଘା ହେବା ସହ ଫାଟି ସମ୍ପୂର୍ଣ୍ଣ ଚମଡା ଛାଡିବା ଆରମ୍ଭ ହୋଇଥିଲା। ମେଡିକାଲ ଯିବାକୁ ପରିବାର ଲୋକେ କହିଥିଲେ ମଧ୍ୟ ସେ ମେଡିକାଲ ଯିବାକୁ ମନା କରିଥିଲେ ଏବଂ କିଛି ଟଙ୍କା ମଧ୍ୟ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ତେବେ ନିଜ ଘରେ କଷ୍ଟ ସମ୍ଭାଳି ନ ପାରି ୧୫ ଦିନ ପରେ ଆଜି ଦିନ ଦଶଟା ସମୟରେ ଗୁମା କହଁରଙ୍କ ମୃତ୍ୟୁ ଘଟିଛି।

# ସମ୍‌ରେ ଅତ୍ୟାଧୁନିକ ମୋଡିଫାଏଡ୍ ଇସିଟି ସେବା ଆରମ୍ଭ



ଭୁବନେଶ୍ୱର,୨୦।୮ (ସଂଚାର ବ୍ୟୁର)ଃ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରାରେ ମାନସିକ ରୋଗ ବିଭାଗ ପକ୍ଷରୁ ଅତ୍ୟାଧୁନିକ ମୋଡିଫାଏଡ୍ ଇଲେକ୍ଟ୍ରୋକନଭଲସିଭ୍ ଥେରାପି (ଇସିଟି) ସେବା ଆରମ୍ଭ କରାଯାଇଛି। ଏହା ଦ୍ୱାରା ଉନ୍ନତ ମାନସିକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ ହୋଇପାରିବ। ହସ୍ପିଟାଲ୍‌ରେ ସ୍କିଜୋଫ୍ରେନିଆରେ ପୀଡ଼ିତ ଜଣେ ରୋଗୀଙ୍କ ଉପରେ ସଫଳତାର ସହ ପ୍ରଥମ ମୋଡିଫାଏଡ୍ ଇସିଟି ପ୍ରୟୋଗ କରାଯିବା ସହ ଏହି ନୂତନ ସେବା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ମାନସିକ ରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଭବାନୀ ଶଙ୍କର କହିଛନ୍ତି ଯେ, ତୀବ୍ର ମାନସିକ ବିଭ୍ରାଟରେ ଥିବା ରୋଗୀଙ୍କ ପାଇଁ ମୋଡିଫାଏଡ୍ ଇସିଟି ଏକ ଅତ୍ୟନ୍ତ ପ୍ରଭାବଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି। ପାରଂପରିକ ଇସିଟି ତୁଳନାରେ ମୋଡିଫାଏଡ୍ ଇସିଟି ସାଧାରଣ ନିଶ୍ଚେତନ ଓ ମାଂସପେଶୀ ଶିଥିଳକରଣ ମାଧ୍ୟମରେ କରାଯାଏ, ଯାହା ରୋଗୀଙ୍କ ସୁରକ୍ଷା ଓ ଆରାମକୁ ଅଧିକ ନିଶ୍ଚିତ କରିଥାଏ। ଏହି ସେବାର ସଫଳ ଆରମ୍ଭ ପାଇଁ ମାନସିକ ରୋଗ ଓ ନିଶ୍ଚେତନ ବିଭାଗର ଟିମ୍‌ର ସମନ୍ୱିତ ପ୍ରୟାସକୁ ଡାକ୍ତର ଶଙ୍କର ପ୍ରଶଂସା କରିଥିଲେ। ଏଥିସହ ଆଇଏମ୍ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର (ଡାକ୍ତର) ସ୍ନିଗ୍ଧା ପ୍ରଭା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କାଙ୍କ ନିରନ୍ତର ସହଯୋଗ, ନେତୃତ୍ୱ ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର)ଲଗ୍ନଜିତ୍ ଦାଶ କହିଥିଲେ ଯେ, ଏହି ୟୁନିଟ୍ ସମ୍ପୂର୍ଣ୍ଣ ଭାବେ ସୁସଜ୍ଜିତ ହୋଇ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଗୁରୁତର ମାନସିକ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ଓ ତ୍ୱରିତ ଆରୋଗ୍ୟ ସୁବିଧା ପ୍ରଦାନ କରିବା ସମ୍ଭବ ବୋଲି ଡାକ୍ତର ଦାଶ କହିଥିଲେ।

# ଘରେ କେହି ନଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି,୨୦।୮(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲା ନୀଳଗିରି ଏନ୍.ଏ.ସି. ଅଧିନ ୨ନଂ ୱାର୍ଡ ଘାଟଘର ସାହିର ୰ହାଡିବନ୍ଧୁ ରାଉତ୍ ଙ୍କ ପୁଅ ଗଣେଶ୍ୱର ରାଉତ୍ ଙ୍କ ଏକ ମହଲା ଘରୁ ଦୁର୍ବୃତ୍ତ ମାନେ ଗୁରୁବାର ଅପରାହ୍ନରେ ୪ଘଟିକା ସମୟରେ ଲକ୍ଷ୍ୟାଧିକ ଟଙ୍କାର ସୁନାଗହଣା ସମେତ ନଗଦ ୭୦, ୦୦୦/- ଟଙ୍କା ଚୋରି କରି ନେଇଥିବା ସୁଚନା ମିଳିଛି। ଘଟଣା ସ୍ଥଳରେ ନୀଳଗିରି ପୋଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ଗଣେଶ୍ୱର ତାଙ୍କ ପରିବାର ସହ ଏକ ସୁଧି କ୍ରିୟା କାର୍ଯ୍ୟକ୍ରମ ନେଇ ଆଜି ଗୋହିରା ଗ୍ରାମକୁ ଯାଇ ଅପରାହ୍ନ ରେ ସମୟରେ ଘରକୁ ଫେରିବା ପରେ ତାଙ୍କ ତିନୋଟି ଆଲମିରା ଓ ଅନ୍ୟ ସ୍ଥାନ ଭାଙ୍ଗି ଦୁର୍ବୃତ୍ତ ମାନେ ସମସ୍ତ ସୁନା-ରୂପା ଗହଣା, ନଗଦ ନଗଦ ୭୦, ୦୦୦/- ଟଙ୍କା ଚୋରି କରିଥିବା ଜଣାପଡ଼ିଛି। ଏନେଇ ନୀଳଗିରି ପୋଲିସକୁ ଅବଗତ କଲାପରେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ଆସନ୍ତା କାଲି ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳକୁ ଜାଇ ତଦନ୍ତ କରିବାର ପୁଲିସ ସୁଚନା ମିଳିଛି।

# ସଞ୍ଜ ହେଲେ ହାତୀଙ୍କ ଉପଦ୍ରବ, ଗ୍ରାମବାସୀ ଆତଙ୍କିତ

ନୀଳଗିରି,୨୦।୮(ସଂଚାର ବ୍ୟୁରୋ)ଃ ଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୁଡିଖୁଲା ଆଦିବାସୀ ଜନବସତି ଅଞ୍ଚଳରେ ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ କୁଲିଡିଆ ହାତୀଙ୍କ ଆତଂକ ରେ ପାଦ ଦେଶରେ ଥିବା ଢୋଲପୁର, ବାଉଁଶବବଣିଆ, ଗୁହାଳିଆ, ଶ୍ୟାମ ସୁନ୍ଦର ପୁର, ଗୋଡିଖୋଲା, ଛୋଟକାନପୁର, ଜୁଣିଆ, ମାନଗଡ଼, ପାଟ ଚଣ୍ଡୀ, ଦ୍ୱାରିକା, ଶ୍ରୀଦେଇପୁର ସମେତ ବହୁ ଗାଁ ଗୁଡ଼ିକ ରେ କୋକୁଆ ଭୟ ସୃଷ୍ଟି ହୋଇଛି। ଯାହା ଦ୍ବାର ହାତୀ ଖାଦ୍ୟ ଅନ୍ୱେଷଣ ରେ ଗାଁ ମୁହାଁ ହେଉଛନ୍ତ। ବର୍ତମାନ ଧାନ ତଳି ସମ୍ପୂର୍ଣ ହାତୀ ମାଡି ଚଗଟି ନଷ୍ଟ କରିବା ଶହ, ଜନସାଧାରଣ ଯାତା ଯାତ ର ବିପଦସୃଷ୍ଟି ହୋଇଛି।ତେଣୁ ବନ ବିଭାଗ ଅଧିକାରୀ ସନ୍ଧ୍ୟା ଓ ମଧ୍ୟ ରାତ୍ରୀରେ ଉକ୍ତ ଅଞ୍ଚଳ ମାନଙ୍କରେ ପ୍ରେଟ୍ରୋଲିଙ୍ଗି କରିବା ପାଇଁ ସାଧାରଣ ଦାବି କରାଯାଇଛି, ବର୍ତମାନ ସୁଦ୍ଧା ୫୦ ରୁ ଊର୍ଦ୍ଧ୍ୱ ଚାଷୀଙ୍କର ଧାନ ରୁଆ କ୍ଷେତ ଗୁଡିକ ହାତୀ ନଷ୍ଟ କରିଛି ବୋଲି ସାଧାରଣ କୁହାଯାଇଛି।

## ଶିକ୍ଷକ ଅଭାବରେ ପାଠପଢ଼ା ବିପର୍ଯ୍ୟସ୍ତ, ରଜିଆ ହାଇସ୍କୁଲରେ ତାଲା
# ୨୫୯ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୪ ଶିକ୍ଷକ




ଯୋଡ଼ା,୨୦।୮(ସଂଚାର ବ୍ୟୁରୋ)ଃ ଶିକ୍ଷକ ଅଭାବକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ଚମ୍ପୁଆ ବ୍ଲକ ଦୋଳିତାସ୍ଥିତ ରଜିଆ ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକମାନେ ଗୁରୁବାର ତାଲା ପକାଇଛନ୍ତି। ଫଳରେ ବିଦ୍ୟାଳୟ ପରିସର ବାହାରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ରହିବାକୁ ବାଧ୍ୟ ହୋଇଥିବାରୁ ପାଠପଢ଼ା ବନ୍ଦ ରହିଥିଲା। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ବିଶେଷକରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ମଧ୍ୟ ନିୟମିତ ଶିକ୍ଷକ ନଥିବା ଅଭିଯୋଗ ହୋଇଛି। ଏଥିସହ ପିଇଟି ଓ ହିନ୍ଦୀ ଶିକ୍ଷକ ପଦବୀ ମଧ୍ୟ ଦୀର୍ଘଦିନ ଧରି ଖାଲି ପଡ଼ିଛି। ସବୁଠାରୁ ଗୁରୁତର ସମସ୍ୟା ହୋଇଛି ଗଣିତ ଶିକ୍ଷାଦାନ। ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇ ମାସରୁ ଅଧିକ ସମୟ ଧରି ଏସ୍ଆର୍ ଡ୍ୟୁଟି ଦିଆଯାଇଥିବାରୁ ସେ ବିଦ୍ୟାଳୟକୁ ଆସୁନଥିବା ଅଭିଭାବକ ମାନେ କହିଛନ୍ତି। ଫଳରେ ଦୁଇ ମାସ ହେଲା ବିଦ୍ୟାଳୟରେ ଗଣିତ ପାଠପଢ଼ା ବ୍ୟାହତ ହୋଇଛି। ଆଗକୁ ମାଟ୍ରିକ୍ ପରୀକ୍ଷା ଥିବା ବେଳେ ଏଭଳି ଶିକ୍ଷକ ଅଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରଭାବିତ କରୁଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟା ସମାଧାନ ପାଇଁ ଅଭିଭାବକମାନେ ଏକାଧିକଥର ଚମ୍ପୁଆ ଶିକ୍ଷା ବିଭାଗ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ଦାବି ପୂରଣ ହୋଇନଥିବା ଅଭିଯୋଗ କରିଛନ୍ତି।

# ଯୁବକଙ୍କ ତଣ୍ଟି କାଟିବା ଘଟଣାରେ ୨ ଗିରଫ

ହିଞ୍ଜିଳିକାଟୁ,୨୦।୮(ସଂଚାର ବ୍ୟୁରୋ)ଃ କିଛି ଦିନ ତଳେ ବାଇକ ଚାଳକ ଜଣେ ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ଦେବାରୁ ବ୍ୟକ୍ତି ଜଣକ ବାଇକ ଚାଳକଙ୍କ ତଣ୍ଟି କାଟିଦେଇଥିବା ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି । ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମର ସଙ୍କର୍ଷଣ ପାଢ଼ୀ, ହିଞ୍ଜିଳିକାଟୁ ବାପୁଜୀ ନଗରର ବଳିଆ ଦାଶ । ସୂଚନା ଅନୁସାରେ, ଖଣ୍ଡରା ଗ୍ରାମର ଉଦ୍ଧବ ପାଢ଼ୀ କିଛି ଦିନ ତଳେ ରାତ୍ର ୧୦ଟାରେ ଗାଁକୁ ଫେରୁଥିବା ବେଳେ ଖଣ୍ଡରା ଛକ ନିକଟରେ ଜଣେ ବ୍ୟକ୍ତି ତାଙ୍କୁ ଲିଫ୍ଟ ମାଗିଥିଲେ। ଉଦ୍ଧବ ଲିଫ୍ଟ ଦେବା ପରେ ସେଇ ବ୍ୟକ୍ତି ଜଣକ ଉଦ୍ଧବଙ୍କ ତଣ୍ଟି କାଟିଦେଇଥିଲେ। ଉଦ୍ଧବ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାହସ ଜୁଟାଇ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ପରେ ଦୁଇ ଦିନ ପରେ ଉଦ୍ଧବଙ୍କ ପୁଅକୁ ଆକ୍ରମଣ କରିବାକୁ ଉଦ୍ୟମ କରାଯାଇଥିଲା ।

## ରାସ୍ତା କଡ଼ରେ ଝୁଲନ୍ତା ମୃତଦେହ
# ପୁଲିସ ପହଞ୍ଚି ଉଦ୍ଧାର ପରେ ତଦନ୍ତ ଆରମ୍ଭ



ଢେଙ୍କାନାଳ,୨୦।୮(ସଂଚାର ବ୍ୟୁରୋ)ଃ ହିନ୍ଦୋଳ ଉପଖଣ୍ଡ ଦେଇ ଯାଇଥିବା ପୁରୁଣା କଟକ ସମ୍ବଲପୁର ରାସ୍ତା ପାର୍ଶ୍ୱରୁ ଏକ ଝୁଲନ୍ତା ମୃତଦେହ ଠାବ ହୋଇଛି। ହିନ୍ଦୋଳ ଥାନା ଅନ୍ତର୍ଗତ ଗୁଲେହି ଛକ ନିକଟରେ ରାସ୍ତା ପାର୍ଶ୍ୱ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ବେକରେ ଗାମୁଛାକୁ ଫାଶି ଲଗାଇ ଝୁଲୁଥିବା ବେଳେ ଗୋଡ଼ ତଳେ ଲାଗିରହିଥିଲା। ଖବର ପାଇ ହିନ୍ଦୋଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତ ଯୁବକ ହେଲେ ହିନ୍ଦୋଳ ଥାନା ଟାଙ୍ଗୀଶାଳ ଗ୍ରାମର ୨୭ବର୍ଷୀୟ ନିରଞ୍ଜନ ବେହେରା। ନିରଞ୍ଜନ କିଛି ଦିନ ହେଲା ଗୁଲେହି ଅଞ୍ଚଳର ଏକ ଢ଼ାବାରେ କାମ କରୁଥିଲେ ଓ ତେବେ କେହି ତାଙ୍କୁ ତାଙ୍କୁ ହତ୍ୟାକରିଥିବା ଥାନାରେ ଅଭିଯୋଗ ଉଠାଇ ଛନ୍ତି। ଏପରିକି ଏହାକୁ ହତ୍ୟାକାଣ୍ଡ ବୋଲି ଦାବୀଙ୍କରୀ ଘଟଣା ସ୍ଥଳରେ ରାସ୍ତା ବରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏ ସଂକ୍ରାନ୍ତରେ ହିନ୍ଦୋଳ ଥାନାରେ ଏକ ହତ୍ୟାମମଲା ରୁଜୁ କରାଯାଇଛି।

## ● ବନ୍ୟାରେ ଲୋକଙ୍କ ପାଖରେ ସାଂସଦ ଓ ସଂଗ୍ରାମ!
# ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ପରଖିଲେ, ରିଲିଫ୍ କାର୍ଯ୍ୟର ନେଲେ ତଦାରଖ



ଯାଜପୁର,୨୦।୮(ସଂଚାର ବ୍ୟୁରୋ)ଃ ବନ୍ୟାରେ ଜଳବନ୍ଦୀ ଜୀବନ। ଚାରିଆଡ଼େ ପାଣି, ଅନେକ ପରିବାରରେ ଚିନ୍ତା ଓ ଅସହାୟତା। ଏଭଳି କଠିନ ସମୟରେ ପ୍ରଭାବିତଙ୍କ ପାଖରେ ପହଞ୍ଚି ସ୍ଥିତି ପରଖିଛନ୍ତି ଯାଜପୁର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା ଓ ବିଜେପି ନେତା ସଂଗ୍ରାମ ପାତ୍ର। ଯାଜପୁର ବ୍ଲକର ବେରୁଡା, ମହେଶ୍ୱରପୁର, ଭୂଇଁପୁର ଓ ବରୁହାଁ ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସେମାନେ ଲୋକଙ୍କ ସମସ୍ୟା ବୁଝିବା ସହ ଚାଲିଥିବା ରିଲିଫ୍ ଓ ସହାୟତା କାର୍ଯ୍ୟର ତଦାରଖ କରିଛନ୍ତି। ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ଆବଶ୍ୟକତା ବୁଝିବା ସହ ଖାଦ୍ୟ, ରିଲିଫ୍ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯେପରି ସଠିକ୍ ସମୟରେ ପହଞ୍ଚିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ତା ସହ ନିଜସ୍ୱ ଅର୍ଥରୁ ବନ୍ୟା ବିପନ୍ନ ମାନଙ୍କୁ ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଗୋମାତା ମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ପରିସ୍ଥିତିରେ ପ୍ରଶାସନ ମଧ୍ୟ ତତ୍ପରତାର ସହ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ବିପଦ ସମୟରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ପ୍ରାଥମିକତା ଦେଇଛନ୍ତି ଦଳୀୟ କାର୍ଯ୍ୟକର୍ତ୍ତାମାନେ। ବିଭିନ୍ନ ଅଞ୍ଚଳରେ ଘରେ ଘରେ ପହଞ୍ଚି ପ୍ରଭାବିତଙ୍କ ସୁଖଦୁଃଖ ବୁଝିବା ସହ ରିଲିଫ୍ ବଣ୍ଟନ ଓ ସହାୟତା କାର୍ଯ୍ୟରେ ସେମାନେ ନିୟୋଜିତ ରହିଛନ୍ତି।

## ୧୦ ଲକ୍ଷର ମିନି ପାର୍କ
# ନିର୍ମାଣରେ ନିମ୍ନମାନର ଅଭିଯୋଗ



ଆନନ୍ଦପୁର,୨୦।୮(ସଂଚାର ବ୍ୟୁରୋ)ଃ ନିମ୍ନମାନର ମିନି ପାର୍କ ନିର୍ମାଣକୁ ନେଇ ତେଜିଲା ବିରୋଧ। ୧୦ ଲକ୍ଷ ଟଙ୍କାର ପାର୍କ ନିର୍ମାଣରେ ନିମ୍ନମାନର ବାଲି ଓ କମ୍ ପରିମାଣର ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଘଷିପୁରା ବ୍ଲକ ଭଣ୍ଡାରୀଡିହା ପଞ୍ଚାୟତ ନରସିଂହପୁର ଗ୍ରାମରୁ। ଦୀର୍ଘ ବର୍ଷର ଦାବି ପରେ ନରସିଂହପୁର ଗ୍ରାମରେ ମିନି ପାର୍କ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପାର୍କ ନିର୍ମାଣ ହେବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଥିଲା। କିନ୍ତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଉଠିଛି ଗୁଣବତ୍ତାକୁ ନେଇ ପ୍ରଶ୍ନ। ନିର୍ମାଣରେ ନିମ୍ନମାନର ବାଲି ବ୍ୟବହାର ସହ ସିମେଣ୍ଟର ପରିମାଣ କମ୍ ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ, କାର୍ଯ୍ୟର ମାନ ନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟରେ ସୁଧାର ଆସୁନାହିଁ। ଅନ୍ୟପଟେ, କାର୍ଯ୍ୟର ଗୁଣବତ୍ତା ତଦାରଖ କରିବା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସଠିକ୍ ଭାବେ ତଦାରଖ କରୁନଥିବା ମଧ୍ୟ ଅଭିଯୋଗ ହୋଇଛି। ୧୦ ଲକ୍ଷ ଟଙ୍କାର ସରକାରୀ ଅନୁଦାନରେ ନିର୍ମାଣ ହେଉଥିବା ପାର୍କ ଯଦି ନିମ୍ନମାନର ହୁଏ, ତେବେ ସରକାରୀ ଅର୍ଥର ସୁଫଳ ମିଳିବ କି ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ତେବେ ଗ୍ରାମବାସୀଙ୍କ ଅଭିଯୋଗର ସତ୍ୟତା କେତେ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

# ଲଗାଣ ବର୍ଷାରେ ଭାଙ୍ଗିଲା ଗାର୍ଡୱାଲ



ନୀଳଗିରି, ତା ୨୦।୮(ସଂଚାର ବ୍ୟୁରୋ )ଃ ଲଗାଣ ବର୍ଷା ହେବାରୁ ଅତ୍ୟଧିକ ବନ୍ୟା ଜଳ ପ୍ରବାହିତ ହେବାରୁ ଗ୍ରାମରେ ଥିବା ତେଲିପାଳ-ନୂଆ ସାହି ନାଳ ରେ ଗାର୍ଡୱାଲ ଭାଙ୍ଗି ଯାଇଛି। ସୂଚନା ଯୋଗ୍ୟ ୧୯ ନମ୍ବର ରାଜ୍ୟ ରାଜପଥ ଶେରଗଡ଼-ନୀଳଗିରି- ଝରଣାଘାଟି ରାସ୍ତା କୁ ଲାଗି ତେଲିପାଳ ଛକ ରୁ ନୂଆସାହି ଗ୍ରାମକୁ ଯାଇଥିବା କଂକ୍ରିଟ ରସ୍ତା ପାର୍ଶ୍ୱ ରେ ଥିବା ଏକ ଗାର୍ଡ ୱାଲ ଭାଙ୍ଗି ଯାଇଛି। ଗାର୍ଡୱାଲ ଭାଙ୍ଗିବା ଦ୍ୱାରା ବନ୍ୟାଜଳ ପ୍ରବେଶ କରି ଗ୍ରାମର ଅକ୍ଷୟ ମାଝୀ, ବ୍ରଜକିଶୋର ମୁର୍ମୁ, ଚନ୍ଦ୍ରମୋହନ ମାଝୀ, କାନ୍ଦନ ମାଝୀ, ହରିହର ମାଝୀ, ଅନନ୍ତ ମାଝୀ, ଗଜେନ୍ଦ୍ର ମାଝୀ, ଦେବେନ୍ଦ୍ର ମାଝୀ, ବିଜୟ ମାଝୀ, ଫାଲ୍ଗୁନ ମାଝୀ ଙ୍କ ଘର ଭାଙ୍ଗିବା ସହିତ ଉକ୍ତ ପରିବାର ଜୀବନ ଯାପନକରିବା ଦୟନୀୟ ଅବସ୍ଥାରେ ରହିଛନ୍ତି।ପ୍ରଶାସନ ପକ୍ଷରୁ ତୁରନ୍ତ ଗାଡ଼ୱାଲ ନିର୍ମାଣ ପାଇଁ ସାଧାରଣରେ ଦାବୀ ହେଉଛି।

ଏମ୍‌ଏମ୍‌ଡିଆର୍ ବିଲ୍ ନେଇ ଅପପ୍ରଚାରର ଜବାବ ରଖିଲେ ଧର୍ମେନ୍ଦ୍ର

# ଓଡ଼ିଶାର ଖଣି ରାଜସ୍ୱ ୫ ହଜାରରୁ ୫୦ ହଜାର କୋଟିରେ ପହଞ୍ଚିଛି

● ସତ୍ୟକୁ ଲୁଚାଇ ଲୋକଙ୍କୁ ଭ୍ରମିତ କରିବା ଗ୍ରହଣୀୟ ନୁହେଁ

● ବିଜେଡି ଶାସନରେ ଖଣି ରାଜସ୍ୱ ୫ ହଜାର କୋଟିରେ ସୀମିତ ଥିଲା



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଗତକାଲି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି 'ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲ୍, ୨୦୨୬'କୁ ବିରୋଧ କରି ଯେଉଁ ବକ୍ତବ୍ୟ ରଖିଛନ୍ତି, ତାହାର କଡ଼ା ଜବାବ ଦେଇଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜନୀତି ନିଜ ଜାଗାରେ, କିନ୍ତୁ ସତ୍ୟକୁ ଲୁଚାଇ ଓଡ଼ିଶାର ଲୋକଙ୍କୁ ଭ୍ରମିତ କରିବା ଆଦୌ ଗ୍ରହଣୀୟ ନୁହେଁ। ରାଜନୈତିକ ଫାଇଦା ନେବା ପାଇଁ ନବୀନବାବୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଠିକ୍ ନୁହେଁ। ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଆଣିଥିବା ଏହି ନୂଆ ଏମଏମଡିଆର ବିଲ୍ ହେଉଛି ଦେଶର ଖଣି ସୁରକ୍ଷା ଓ ଓଡ଼ିଶା ଭଳି ଖଣି ସମ୍ପନ୍ନ ରାଜ୍ୟଗୁଡ଼ିକର ଆର୍ଥିକ ଭବିଷ୍ୟତ ପାଇଁ ଏକ ଐତିହାସିକ ପଦକ୍ଷେପ। ପୂର୍ବରୁ ରାଜ୍ୟଗୁଡ଼ିକ ଖଣିଗୁଡ଼ିକ ଉପରେ ୧୪ ପ୍ରକାରର ଅଲଗା ଅଲଗା ଅତ୍ୟଧିକ ଟିକସ ଲଗାଉଥିଲେ। ଏମଏମଡିଆର ବିଲ୍‌ର ଧାରା ୯-ଡି ରାଜ୍ୟଗୁଡ଼ିକରୁ ମୂଳ ରାଜସ୍ୱ ନ ଛଡ଼ାଇ ମଲ୍ଟି-ଲେଭଲ୍ ଟ୍ୟାକ୍ସ ବୋଝକୁ ରୋକିବା ପାଇଁ ଏକ ସ୍ପଷ୍ଟ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରୁଛି। ଏହି ବିଲ୍ ଦ୍ୱାରା କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଯାଜପୁରର ଖଣି ଓ କାରଖାନାଗୁଡ଼ିକ ବନ୍ଦ ହେବାର ଆଶଙ୍କା ଦୂରେଇ ଯାଇଛି ଏବଂ ଖଣି ଓ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ଚାକିରି, ବୃତ୍ତି ଓ ଜୀବିକା ସୁରକ୍ଷିତ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ନବୀନଙ୍କୁ ତାଙ୍କ ୨୪ ବର୍ଷର ରିପୋର୍ଟ କାର୍ଡ ମନେ ପକାଇ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ନବୀନ ବାବୁ କ୍ଷମତାରେ ଥିବା ବେଳେ ୨୦୦୪ରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ଆୟ ଥିଲା ମାତ୍ର ୧ ହଜାର କୋଟି। ୨୦୧୪ ପର୍ଯ୍ୟନ୍ତ ଏହା ମାତ୍ର ୫ ହଜାର କୋଟିରେ ସୀମିତ ଥିଲା। କାରଣ ସେତେବେଳେ ଖଣି କମ୍ପାନୀମାନଙ୍କୁ ଶାଗ ମାଛ ଦରରେ ଖଣି ବଣ୍ଟାଯାଉଥିଲା। ୨୦୧୫ରେ ମୋଦି ସରକାର ଏମଏମଡିଆର ଆଇନରେ ଐତିହାସିକ ସଂଶୋଧନ ଆଣି ମନମୁଖୀ ଖଣି ବଣ୍ଟନ ବନ୍ଦ କଲେ ଏବଂ ସ୍ୱଚ୍ଛ 'ନିଲାମ' ପ୍ରକ୍ରିୟା ବାଧ୍ୟତାମୂଳକ କରି ପାରଦର୍ଶିତା ଆଣିଲେ। ସ୍ୱଚ୍ଛ ନୀତି ଯୋଗୁଁ ହିଁ ଯେଉଁ ଖଣିଜ ଆୟ ୫ ହଜାର କୋଟି ଟଙ୍କାରେ ଅଟକିଥିଲା, ତାହା ୧୦ ଗୁଣା ବୃଦ୍ଧି ପାଇ ଆଜି ପ୍ରାୟ ୫୦ ହଜାର କୋଟିରେ ପହଞ୍ଚିଛି।



ଓଡ଼ିଶାର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସହାୟତା ପାଇଁ ଇଣ୍ଡୀ ଗ୍ରୁପ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରିଛି। ଗୁରୁବାର ଇଣ୍ଡୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଶୁଭକାନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି।

ଜାତୀୟ ସ୍ୱଚ୍ଛତା ମାନ୍ୟତାରେ ପ୍ରଥମ ସ୍ଥାନ ହାସଲ ପାଇଁ ଆହ୍ୱାନ

## ଟ୍ୱିନ ସିଟିରେ ବନ୍ୟା ନିୟନ୍ତ୍ରଣ ପଦକ୍ଷେପକୁ ଜୋରଦାର କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଓ କଟକ ମହାନଗର ନିଗମ (କେଏମସି)ରେ ସ୍ୱଚ୍ଛତା, ଡ୍ରେନେଜ୍ ଓ ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ରାଜ୍ୟର ଦୁଇ ପ୍ରମୁଖ ସହରାଞ୍ଚଳ ପାଇଁ ଏକ ଲକ୍ଷ୍ୟ ନିର୍ଦ୍ଧାରଣ କରି ମନ୍ତ୍ରୀ ଜାତୀୟ ସ୍ୱଚ୍ଛତା ସର୍ବେକ୍ଷଣ ମାନ୍ୟତାରେ ଶୀର୍ଷ ସ୍ଥାନ ହାସଲ କରିବାକୁ ବିଏମସି ଓ କେଏମସିଙ୍କୁ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ନିଜ ବର୍ଗରେ ଭୁବନେଶ୍ୱର ନବମ ସ୍ଥାନ ହାସଲ କରିଥିବା କଥା ଉଲ୍ଲେଖ କରି ସେ କହିଛନ୍ତି ଯେ ଆଗାମୀ ଜାତୀୟ ସ୍ୱଚ୍ଛତା ମୂଲ୍ୟାୟନରେ ଭୁବନେଶ୍ୱର ଓ କଟକ ଯେପରି ପ୍ରଥମ ସ୍ଥାନ ଅଧିକାର କରିବେ, ସେଥିପାଇଁ ଉଭୟ ପୌରସଂସ୍ଥା ମିଶନ ମୋଡ଼ରେ କାର୍ଯ୍ୟ କରିବା ସହ ନିଜ ପ୍ରୟାସକୁ ଦ୍ୱିଗୁଣିତ କରିବା ଉଚିତ। ପ୍ରବଳ ବର୍ଷା ସମୟରେ ଜଳବନ୍ଦୀ ଓ ସହରାଞ୍ଚଳ ବନ୍ୟା ପରିସ୍ଥିତିର ସମୀକ୍ଷା କରି ଡ. ମହାପାତ୍ର ମେସିନ୍ ଦ୍ୱାରା ଡ୍ରେନ୍ ସଫେଇ ଏବଂ ନିୟମିତ ପଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, କେତେକ ସ୍ଥାନରେ ସହରୀ ଡ୍ରେନ୍‌ଗୁଡ଼ିକରେ ୩ରୁ ୪ ଫୁଟ ପର୍ଯ୍ୟନ୍ତ ପଙ୍କ ଜମି ରହିଥିବା ଜଣାପଡ଼ିଥିବାରୁ ବ୍ୟାପକ ଡ୍ରେନ୍ ସଫେଇ ପାଇଁ ଅତ୍ୟାଧୁନିକ ଯନ୍ତ୍ରାଂଶ ନିୟୋଜିତ କରିବାକୁ ଓ ଜଳ ନିଷ୍କାସନ କ୍ଷମତା ବଢ଼ାଇ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ବଡ଼ ଡ୍ରେନ୍‌ଗୁଡ଼ିକୁ ବର୍ଷକୁ ଅତି କମରେ ୩ ଥର ପଙ୍କମୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଲୁଟେରାଙ୍କୁ ଧରିବାକୁ ଅସ୍ତରଙ୍ଗରେ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍

ମୁଖ୍ୟ ବଜାରରୁ କୁହୁଡ଼ି ପର୍ଯ୍ୟନ୍ତ ସିସିଟିଭି ଫୁଟେଜ ଯାଞ୍ଚ



କାକଟପୁର/ଅସ୍ତରଙ୍ଗ,୨୦।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାଠାରୁ ୫୦ ମିଟର ଦୂରରେ ଶଟର କାଟି ୫୦ ଲକ୍ଷ ଟଙ୍କାର ମୋବାଇଲ ଲୁଟ୍ ପରେ ଶେଷରେ ଚେଇଁଛି ପୁରୀ ପୁଲିସ। ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘର ୫ ଘଣ୍ଟା ଧାରଣା ଓ ଅସ୍ତରଙ୍ଗ ପୁଲିସର ବିଫଳତା ନେଇ ପୁରୀ ଏସପିଙ୍କୁ ଦାବିପତ୍ର ପ୍ରଦାନ ପରେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ୪ରୁ ୬ ଜଣିଆ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ଆଜି ଅସ୍ତରଙ୍ଗରେ ପହଞ୍ଚି ତଦନ୍ତ ଜୋରଦାର କରିଛନ୍ତି।

ସୂଚନାନୁଯାୟୀ, ଏହି ସ୍ୱତନ୍ତ୍ର ଟିମ୍‌ରେ ଜିଲ୍ଲା କ୍ରାଇମବ୍ରାଞ୍ଚର ଦକ୍ଷ ଅଧିକାରୀ ଓ ଟେକ୍ନିକାଲ ଏକ୍ସପର୍ଟ ଅଛନ୍ତି। ଆଜି ସକାଳୁ ଅସ୍ତରଙ୍ଗ ଥାନାରେ ପହଞ୍ଚିବା ପରେ ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ କାମ ଆରମ୍ଭ କରିଛନ୍ତି। ଗୋଟିଏ ଟିମ୍ ଅସ୍ତରଙ୍ଗ ମୁଖ୍ୟ ବଜାର, ହାଇସ୍କୁଲ ଛକ, ବସଷ୍ଟାଣ୍ଡରେ ଥିବା ବ୍ୟବସାୟୀ ପ୍ରତିଷ୍ଠାନ, ସୁନା ଦୋକାନ, ମୋବାଇଲ ଦୋକାନ, ବିଏସନାଲ ଅଫିସ, ବ୍ୟାଙ୍କ ଏଟିଏମ୍ ଓ ମେଡିକାଲ ଷ୍ଟୋରର ସିସିଟିଭି ଫୁଟେଜ ସଂଗ୍ରହ କରୁଛନ୍ତି। ସେହିପରି ଅନ୍ୟ ଟିମ୍‌ଟି ଅସ୍ତରଙ୍ଗରୁ କୁହୁଡ଼ି ଯାଏଁ ପ୍ରାୟ ୫ କିମି ରାସ୍ତାରେ ଥିବା ପେଟ୍ରୋଲ ପମ୍ପ, ହୋଟେଲ, ଲଜ୍ ଓ ରାସ୍ତା ପାର୍ଶ୍ୱ ଘରର ଫୁଟେଜ ଯାଞ୍ଚ କରୁଛନ୍ତି। କେତେ ଜଣ ଲୁଟେରା ଲୁଟରେ ସାମିଲ ଅଛନ୍ତି, ସେମାନେ କେଉଁ ଗାଡ଼ିରେ ଆସିଥିଲେ ଓ ଲୁଟ୍ ପରେ କେଉଁ ରାସ୍ତାରେ ଫେରାର ହୋଇଛନ୍ତି, ତାହା ଜାଣିବା ସକାଶେ ଫ୍ରେମ୍ ବାଏ ଫ୍ରେମ୍ ବିଶ୍ଳେଷଣ କରୁଛି ଟେକ୍ନିକାଲ୍ ଟିମ୍। ଗତ ୧୮ ବିଳମ୍ବିତ ରାତିରେ ମହାନ୍ତି କମ୍ୟୁନିକେସନର ଲୁହା ଶଟର କଟରରେ କାଟି ଦୁର୍ବୃତ୍ତମାନେ ପ୍ରାୟ ୫୦ ଲକ୍ଷର ଦାମୀ ଫୋନ୍ ଓ ୩ ଲକ୍ଷ ନଗଦ ଲୁଟି ନେଇଥିଲେ। ସବୁ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲେ ମଧ୍ୟ ସାଇଣ୍ଟିଫିକ୍ ଟିମ୍ ଓ ସ୍ୱାନ କୁକୁର ୫୦୦ ମିଟର ଯାଇ ଫେରିଯାଇଥିଲା। ଗତ ୭ ମାସରେ ଭେଡ଼ାବଣ, ବଢ଼ିଗାଁ, ପୋଡ଼ିନ ଛକ, ବଡ଼ଡ଼ିହରେ ମନ୍ଦିର, ସ୍କୁଲ, ଅଙ୍ଗନବାଡ଼ିରୁ ଲଗାତର ଚୋରି ଘଟଣା ସାମ୍ନାକୁ ଆସିଥିଲେ ସେସବୁ ମାମଲା ଫାଇଲରେ ଧୂଳି ଖାଉଥିବାରୁ ବ୍ୟବସାୟୀ ମହାସଂଘ ଅସନ୍ତୋଷ ପ୍ରକାଶ କରିଛି। ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାତ୍ରଙ୍କ ଜରିଆରେ ବ୍ୟବସାୟୀ ମହାସଂଘ ପକ୍ଷରୁ ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ୟବସାୟୀ ସଂଘ ସଭାପତି ଦୁଷ୍ମନ୍ତ ପରିଡ଼ା ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍‌ର ଯାଞ୍ଚ ନେଇ କହିଛନ୍ତି ଯେ ଏସପିଙ୍କ ଟିମ୍ ଆସିବା ପରେ ଚୋର ଧରାପଡ଼ିବା ନେଇ ଆଶା ବଢ଼ିଛି। ଏହି ଟିମ୍‌ର ରିପୋର୍ଟ ପରେ ପୁଲିସ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିପାରିବ ବୋଲି ମହାସଂଘ ଆଶା ପ୍ରକାଶ କରିଛି। ତେବେ ଲୁଟେରାମାନେ ଧରାପଡିବେ ଟେକ୍ନିକାଲ୍ ଟିମ୍‌ର ତଦନ୍ତ କେବଳ ତଦନ୍ତ ମଧ୍ୟରେ ସୀମିତ ରହିଯିବ, ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

## ୫୦ କ୍ୱିଣ୍ଟାଲ ଅପମିଶ୍ରିତ ପନିର୍ ଜବତ

● ନିଆଳି ଯାଏଁ ଲମ୍ବିଛି ଚେର

● ଯାଞ୍ଚ ଲାଗି ଫୁଡ୍ ସେଫ୍ଟି ଟିମ୍‌ର ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଙ୍କୁ ଚିଠି

● ମୁହଁ ଖୋଲିଲା ଉତ୍କଳ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ



କଟକ/ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ମହାନଗର ଫୁଡ୍ ସେଫ୍ଟି ଟିମ୍ ଆଜି ୫୦ କ୍ୱିଣ୍ଟାଲ ଓଜନର ପନିର ଜବତ କରିଛି। ଏହାପରେ ତଦନ୍ତକୁ ବ୍ୟାପକ କରିବା ପାଇଁ ଫୁଡ୍ ସେଫ୍ଟି ଟିମ୍ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଛି। କଟକ ବଜାରରେ ଅପମିଶ୍ରିତ ପନିରର ଚେର ନିଆଳି ଯାଏଁ ଲମ୍ବିଛି। ଆଜି ଲିଙ୍କ ରୋଡ଼ରୁ ଜବତ ହୋଇଥିବା ୫୦ କ୍ୱିଣ୍ଟାଲ ଅପମିଶ୍ରିତ ଛେନା ପନିରକୁ ନଷ୍ଟ କରାଯାଇଛି। ଏସବୁ ନିଆଳିରୁ ଆସିଥିବା ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ସ୍ପଷ୍ଟ କରିବା ସହ ଆଗକୁ ଯାଞ୍ଚ ପ୍ରକ୍ରିୟା ନିଆଳି ଯାଏଁ ବ୍ୟାପକ କରିବାକୁ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖି ଜଣାଯାଇଥିବା କହିଛନ୍ତି। ଅପରପକ୍ଷରେ ଘଟଣାରେ ଉତ୍କଳ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ ମୁହଁ ଖୋଲିଛି। ଆଗକୁ ରାକ୍ଷୀ ଆସୁଥିବା ବେଳେ ବଜାରରେ ମିଠାର ଚାହିଦା ବଢ଼ିବାକୁ ନେଇ ନଗରରେ ରଖି କିଛି ଅସାଧୁ ବ୍ୟବସାୟୀ ଏଭଳି କରି ସଂପୃକ୍ତ ବଦନାମ କରୁଛନ୍ତି ବୋଲି ସମ୍ପାଦକ ପ୍ରଦୀପ ବେହେରା କହିଛନ୍ତି। ସେ କହିଛନ୍ତି ଯେ ଅସାଧୁ ଛେନା ପନିର ବ୍ୟବସାୟୀଙ୍କ ପାଇଁ ସାଧାରଣ କ୍ଷୁଦ୍ର ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏଭଳି ଅସାଧୁ ବ୍ୟବସାୟୀଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି ରଖିଛନ୍ତି। ସେହିପରି ଭୁବନେଶ୍ୱରରେ ଡେଜିଗ୍ନେଟେଡ୍ ଅଫିସର ସତ୍ୟଜିତ୍ ପଟେଲଙ୍କ ନେତୃତ୍ୱରେ ରସୁଲଗଡ଼ସ୍ଥିତ ନେକ୍ସସ ଏସପ୍ଲାନେଡ୍, ହଂସପାଳ ସ୍ଥିତ ସିମ୍ଫୋନୀ ମଲ୍, ପାତ୍ରପଡ଼ାସ୍ଥିତ ଡିଏନ୍ ରେଗାଲିଆ ସମେତ ସିଆରପିଏଫ୍, ରସୁଲଗଡ଼ ଓ କାଳିଙ୍ଗନଗର ଅଞ୍ଚଳର ବିଭିନ୍ନ ଖାଦ୍ୟ ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ପ୍ରାୟ ୬୬ କିଗ୍ରା ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଜବତ କରାଯିବା ସହ ୧୦ଟି ନମୁନା ସଂଗ୍ରହ ହୋଇଛି। ନିୟମ ଉଲ୍ଲଂଘନ କରିଥିବା ୬ ଖାଦ୍ୟ ପ୍ରତିଷ୍ଠାନକୁ ବନ୍ଦ ପାଇଁ ନୋଟିସ ଦିଆଯାଇଛି।

● ବନ୍ଧୁକ ମୁନରେ ଲୁଟିନେଲେ ଦାମୀ ବାଇକ୍

## ଗୁଳି ମାଡ଼ରେ ଯୁବକ ଗୁରୁତର

ଟାଙ୍ଗି,୨୦।୮(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ପଟିଆ ପାଇକ ସାହିରେ ଗୁଳି ଫୁଟାଇ ଲୁଟ୍ ହୋଇଛି। ଗୁଳି ଫୁଟାଇ ଲୁଟି ନେଇଛନ୍ତି ଦାମୀ ବାଇକ। ଏଥିସହ ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁତର ଯୁବକଙ୍କ ନାମ ପିଣ୍ଟୁ ନାୟକ (୨୪) ବୋଲି ଜଣାପଡ଼ିଛି। ତାଙ୍କ ଘର ନୟାଗଡ଼ ଜିଲ୍ଲା ପଟିଆ ପାଇକ ସାହିରେ ହୋଇଥିବା ବେଳେ ଗାଁ ନିକଟରେ ଥିବା ବନ୍ଧକୁ ପିଣ୍ଟୁ ଶୌଚ ହେବାକୁ ଯାଇଥିବା ସମୟରେ ଏପରି ଅଘଟଣ ଘଟିଛି। ଏହି ସମୟରେ ଦୁର୍ବୃତ୍ତମାନେ ଗୋଟିଏ ବାଇକରେ ଆସି ପିଣ୍ଟୁଙ୍କୁ ତାଙ୍କ ବାଇକ ଚାବି ମାଗିଥିଲେ। ପିଣ୍ଟୁ ବାଇକର ଚାବି ନ ଦେବାରୁ ସେମାନେ ପ୍ରଥମେ ତାଙ୍କର ଗୋଟିଏ ଗୋଡ଼କୁ ଗୁଳି କରିଥିଲେ। ଏହା ପରେ ବି ପିଣ୍ଟୁ ଚାବି ଦେଇ ନ ଥିଲେ। ତେଣୁ ଦୁର୍ବୃତ୍ତମାନେ ପିଣ୍ଟୁର ଅନ୍ୟ ଗୋଡ଼କୁ ଗୁଳି ମାରିଥିଲେ। ଏଥିରେ ଗୁରୁତର ଭାବେ ଆହତ ହୋଇଛନ୍ତି ପିଣ୍ଟୁ। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ପିଣ୍ଟୁଙ୍କ ୟାମାହା ବାଇକ ନେଇ ଚମ୍ପଟ ମାରିଥିଲେ। ପିଣ୍ଟୁଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଚାନ୍ଦପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ପିଣ୍ଟୁକୁ ଚାନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚାନ୍ଦପୁର ପୁଲିସ ଦୁର୍ବୃତ୍ତମାନଙ୍କର କୌଣସି ଟେର ପାଇପାରିନାହିଁ।

## ଭିଜିଲାନ୍ସ ଜାଲରେ କୁଜଙ୍ଗ ମେଡିକାଲ୍‌ର ବିପିଏମ୍

ଆଶା କର୍ମୀଙ୍କଠୁ ୨୦ ହଜାର ଲାଞ୍ଚ ନେଉଥିଲେ



କୁଜଙ୍ଗ,୨୦।୮(ସଂଚାର ବ୍ୟୁରୋ): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୁଜଙ୍ଗ ମେଡିକାଲ ପ୍ରୋଗ୍ରାମ୍ ମ୍ୟାନେଜର (ବିପିଏମ୍) ମନୋଜ ନାୟକ। ଜଣେ କାର୍ଯ୍ୟରତ ଆଶା କର୍ମୀଙ୍କଠାରୁ ଏକ କାର୍ଯ୍ୟ କରାଇଦେବାକୁ କହି ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜଗତସିଂହପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ଅଭିଯୋଗକାରିଣୀ ଆଶା କର୍ମୀ ପ୍ରଭାତୀ ମଲ୍ଲିକଙ୍କଠାରୁ ମନୋଜ ନାୟକ ଟଙ୍କା ଦାବି କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ପରେ ଯୋଜନାବଦ୍ଧ ଭାବେ ଜାଲ ବିଛାଯାଇଥିଲା। ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ବିପିଏମ୍ ଶ୍ରୀ ନାୟକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ତଳିଆ କର୍ମଚାରୀ ଓ ସାଧାରଣ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ନେଇ ଏକାଧିକ ଅଭିଯୋଗ ରହିଥିଲା। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ନେଇ ଭିଜିଲାନ୍ସ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଦେବୀ ମିଶ୍ରଙ୍କ ଗାଡ଼ିକୁ ପିଟିଲା ଟ୍ରକ୍



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): କଟକ ଜିଲ୍ଲାର ନରସିଂହପୁର ମୁଖ୍ୟ ରାସ୍ତା କମଳାଦେଇପୁର ଛକ ନିକଟରେ ଗୁରୁବାର ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଗାଡ଼ିକୁ ପଛପଟରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ଧକ୍କା ଦେଇଛି। ତେବେ ଟ୍ରକ୍‌ଟି ଗାଡ଼ିର ସାଇଡ୍‌କୁ ପିଟିଥିବାରୁ ଶ୍ରୀ ମିଶ୍ର ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଶ୍ରୀ ମିଶ୍ରଙ୍କ କାର୍‌ର ପଛପଟ ଭାଙ୍ଗିରୁଜି ଯାଇଛି। ଶ୍ରୀ ମିଶ୍ରଙ୍କର କୌଣସି କ୍ଷତି ହୋଇନାହିଁ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ଧରି ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି।

## ବିଦେଶୀ ଜାହାଜ 'ଏମ୍‌ଟି ୟୁନି'କୁ ଗିରଫ ନିର୍ଦ୍ଦେଶ

ଜାହାଜ ଉପରେ ବାକି ରହିଛି ୩ କୋଟିରୁ ଅଧିକ



କଟକ,୨୦।୮(ସଂଚାର ବ୍ୟୁରୋ): ଏକ ସାମୁଦ୍ରିକ ମାମଲାର ଶୁଣାଣି କରି ପାରାଦୀପରେ ଥିବା ବିଦେଶୀ ଜାହାଜ 'ଏମଟି ୟୁନି'କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସୋଗ୍ଲାସି ଇନସ୍ୟୁରାନ୍ସ ଲିମିଟେଡ କମ୍ପାନୀ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ଆଡମିରାଲ ଜଜ୍ ଜଷ୍ଟିସ ଭି ନରସିଂହ ଏହି ଆଦେଶ ଦେଇଛନ୍ତି। ଜାହାଜର କର୍ମଚାରୀଙ୍କ ବାକି ଦରମା ଏବଂ ଜାହାଜ ଚଳାଚଳ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଣ ବାବଦକୁ ସୋଗ୍ଲାସି ଇନସ୍ୟୁରାନ୍ସ କମ୍ପାନୀ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଜାହାଜର ମାଲିକଙ୍କୁ ପରିଶୋଧ ପାଇଁ ଦାବି କରିଥିଲେ। ମାତ୍ର ଜାହାଜ ମାଲିକ ଦୀର୍ଘ ଦିନ ହେବ ଏହାକୁ ପରିଶୋଧ କାରିପାରି ନ ଥିଲେ, ଯାହାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ସୋଗ୍ଲାସି ଇନସ୍ୟୁରାନ୍ସ ଲିମିଟେଡ କମ୍ପାନୀ।

ହାଇକୋର୍ଟ ଏହାକୁ ବିଚାର କରି ବାକି ଅର୍ଥର ଦାବି ଗ୍ରହଣଯୋଗ୍ୟ ହୋଇଥିବାରୁ କୋର୍ଟ ଜାହାଜକୁ ଗିରଫ କରିବାକୁ ଆଦେଶ ଦେଇଥିଲେ। ଜାହାଜରେ ଥିବା ସାମଗ୍ରୀ ସହ ମାମଲାର କୌଣସି ସମ୍ପର୍କ ନ ଥିବାରୁ ଜାହାଜରୁ ମାଲ ଖଲାସି କାର୍ଯ୍ୟ ଜାରି ରହିଛି।

## ଏସ୍‌ଏଚ୍‌ଜି ମହିଳାଙ୍କୁ ମିଳିନି କୋଟିଏରୁ ଅଧିକ ଟଙ୍କା

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ




ନୂଆପଡ଼ା,୨୦।୮(ସଂଚାର ବ୍ୟୁରୋ): ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ସରକାରଙ୍କ ଧାନକିଣା ପ୍ରକ୍ରିୟାରେ ସାମିଲ ହେଲେ କିଛି ଟଙ୍କା ରୋଜଗାର କରିବେ। ସାବଲମ୍ବୀ ହେବା ପାଇଁ ଏସ୍‌ଏଚ୍‌ଜିଙ୍କ ପାଇଁ ଏହା ସହାୟକ ହେବ ବୋଲି ପୂର୍ବ ସରକାର ପରିକଳ୍ପନା କରିଥିଲେ। କିନ୍ତୁ ନୂଆପଡ଼ା ଜିଲ୍ଲାରେ ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇଥିବା ଏସଏଚ୍‌ଜି ମହିଳା ସେମାନଙ୍କର କମିଶନ ଓ ହେମାଲି (ନିୟୋଜିତ ଶ୍ରମିକ) ବାବଦ ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି। ଟଙ୍କା ପାଇଁ ଏସଏଚ୍‌ଜିର ମହିଳାମାନେ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ ଟଙ୍କା ପାଇପାରିନାହାନ୍ତି। ତେଣୁ ଆଜି ଜିଲ୍ଲାର ୧୩ଟି ଏସଏଚ୍‌ଜିର ସଦସ୍ୟାମାନେ ଏକତ୍ର ହୋଇ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏହି ଘେରାଉରେ ଶତାଧିକ ମହିଳାଙ୍କ ସହ ବିଜେଡି ଜିଲ୍ଲା ସଭାପତି ଅବନୀ ଯୋଶୀ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ଟିଙ୍କୁ ପଣ୍ଡା, ଉମେଶ କୁମାର ସହିସ ସାମିଲ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ୨୦୨୪-୨୫ରେ ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ୍‌ରେ ୧୩ଟି ଏସ୍‌ଏଚ୍‌ଜିକୁ ଖରିଫ ଓ ରବି ଧାନକିଣା ପାଇଁ ଅନୁମତି ଦିଆଯାଇଥିଲା। ସରକାରୀ ନିୟମ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ଏସ୍‌ଏଜିକୁ କ୍ୱିଣ୍ଟାଲ ପିଛା ୩୧ ଟଙ୍କା ୨୫ ପଇସା କମିଶନ ଦେବାର ଥିଲା। ସେହିପରି ହେମାଲି ପାଇଁ କ୍ୱିଣ୍ଟାଲ ପିଛା ୮ ଟଙ୍କା ୬୭ ପଇସା ବ୍ୟବସ୍ଥା କରାଯାଇଥିଲା। ଖରିଫରେ ୨ ଲକ୍ଷ ୨୭ ହଜାର ୫୩୫ କ୍ୱିଣ୍ଟାଲ ଧାନ ସଂଗ୍ରହ ବାବଦ କମିଶନ ୭୧ ଲକ୍ଷ ୧୦ ହଜାର ୪୯୮ ଟଙ୍କା ହୋଇଥିବା ବେଳେ ମଣ୍ଡି ଓ ହେମାଲି ବାବଦକୁ ୨୯ ଲକ୍ଷ ୮୯ ହଜାର ୮୨୨ ଟଙ୍କା ଏହିପରି ମୋଟ୍ ୧ କୋଟି ୧ ହଜାର ୩୨୦ ଟଙ୍କା ବକେୟା ରହିଛି। ଏଥିସହ ଏସ୍‌ଏଚ୍‌ଜି ସଦସ୍ୟାମାନେ ରବିରେ ୨୮ ହଜାର ୨୭୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ। କମିଶନ ବାବଦକୁ ୮ ଲକ୍ଷ ୮୩ ହଜାର ୫୩୯ ଟଙ୍କା, ମଣ୍ଡି ଓ ହେମାଲି ବାବଦକୁ ୩ ଲକ୍ଷ ୭୧ ହଜାର ୫୧୧ ଟଙ୍କା, ମୋଟ୍ ୧୨ ଲକ୍ଷ ୫୫ ହଜାର ୫୦ ଟଙ୍କା ବାକି ରହିଛି। ଖରିଫ ଓ ରବିରେ ମୋଟ୍ ୧ କୋଟି ୧୩ ଲକ୍ଷ ୫୫ ହଜାର ୩୭୦ ଟଙ୍କା କମିଶନ ଓ ହେମାଲି ବାବଦ ବକେୟା ଟଙ୍କା ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୩ଟି ଏସ୍‌ଏଚ୍‌ଜିକୁ ସରକାର ଦେଇ ନ ଥିବା ଅଭିଯୋଗ ହୋଇଛି।

● ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ଧାରଣା

## ସ୍ଥାୟୀ ଓ ସୁବ୍ୟବସ୍ଥିତ ଦର୍ଶନ ବ୍ୟବସ୍ଥା ଦାବି



ପୁରୀ,୨୦।୮(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ପୁରୀ ସହରବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ଗତ ୧୨ ତାରିଖରେ ପଶ୍ଚିମ ଦ୍ୱାର ଦେଇ ଆଧାର କାର୍ଡ ଦେଖାଇ ପ୍ରବେଶ ସୁବିଧା ମିଳୁଥିବା ବେଳେ ଗତକାଲି ପୁଲିସ ନ ଛାଡ଼ିବାରୁ ସହରବାସୀ ଏହା ପ୍ରତିବାଦରେ ଧାରଣାରେ ବସିଛନ୍ତି। ପୁରୀବାସୀଙ୍କ ପାଇଁ ଏକ ସ୍ଥାୟୀ, ସୁବ୍ୟବସ୍ଥିତ ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ମହାପ୍ରଭୁଙ୍କ ପ୍ରତି ଅଗାଧ ଭକ୍ତି ଓ ପୁରୀବାସୀଙ୍କ ସ୍ଥାୟୀ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଉତ୍କଳ ଦିବସଠାରୁ ପୁରୀ ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତ୍ୟହ ଅହିଂସାମୂଳକ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଜାରି ରହିଛି। ଏହି ଅବିରତ ପଦଯାତ୍ରା ଆଜି ୧୪୧ ଦିନରେ ପହଞ୍ଚିଛି। ଗତ ୧୨ ତାରିଖରେ ପବିତ୍ର ଚିତାଲାଗି ଅମାବାସ୍ୟାଠାରୁ ଆଧାର କାର୍ଡ ଦେଖାଇ ପୁରୀବାସୀ ଓ ସତ୍ୟାଗ୍ରହୀ ପଦଯାତ୍ରୀଙ୍କୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପ୍ରବେଶର ଅନୁମତି ମିଳିଥିଲା। ଏଥିରୁ ସ୍ଥାୟୀ ସମାଧାନ ନେଇ ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଗତକାଲି ପଦଯାତ୍ରୀମାନେ ପଶ୍ଚିମ ଦ୍ୱାରରେ ପହଞ୍ଚିବା ପରେ ସୁରକ୍ଷା କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଏହାପରେ ସତ୍ୟାଗ୍ରହ ପଦଯାତ୍ରୀମାନେ ପଶ୍ଚିମ ଦ୍ୱାର ସମ୍ମୁଖରେ ଧାରଣାରେ ବସିଛନ୍ତି।

● ମହାଦେଇପାଟଣା ଆଶ୍ରମ ସ୍କୁଲରେ ସ୍ଥାନାନ୍ତରିତ ଛାତ୍ରଛାତ୍ରୀ

## ବିହିତ ବ୍ୟବସ୍ଥାର ସମୀକ୍ଷା କଲେ ଅତିରିକ୍ତ ଏସଆରସି



ପଟ୍ଟାମୁଣ୍ଡାଇ,୨୦।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୁଳସାହି ଆଶ୍ରମ ସ୍କୁଲରୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆଜି ବ୍ଲକ ଅନ୍ତର୍ଗତ ମହାଦେଇପାଟଣା ଆଶ୍ରମ ସ୍କୁଲରେ ରଖାଯାଇଛି। ଗୁରୁବାର ଅତିରିକ୍ତ ଏସଆରସି ସୁବାଷ ନାଥଶର୍ମା ମହାଦେଇପାଟଣା ଆଶ୍ରମ ସ୍କୁଲ ପରିଦର୍ଶନ କରି ସେଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ ଏସଆରସି ଶ୍ରୀଯୁକ୍ତ ଶର୍ମା ସ୍ଥାନାନ୍ତରିତ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସୁସ୍ଥତା, ସୁରକ୍ଷା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀଙ୍କ ରହଣି, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଉଥିବା ନେଇ ସେ ଅଧିକାରୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଥିଲେ। ଏହି ଅବସରରେ ସେ ସ୍କୁଲ କର୍ତ୍ତୃପକ୍ଷ ଓ ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରି ସ୍ଥାନାନ୍ତରିତ ଛାତ୍ରଛାତ୍ରୀଙ୍କ ରହଣି ଏବଂ ଯତ୍ନ ସମ୍ପର୍କିତ ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଆଳି ତହସିଲଦାର ସୁମନ ଘୋଷ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ଯୋଗ ଦେଇଥିଲେ।

ରେଳ ପରିବହନକୁ ନେଇ ତେଜିଲା ବିରୋଧ

# ଖଣ୍ଡବନ୍ଧ ଖଣିରୁ ରେକ୍ ଯୋଗେ ଖଣିଜ ପରିବହନ ବନ୍ଦ ଦାବି



ପ୍ରଭାବିତ ହେବେ ୨୫୦୦ ଟ୍ରକ୍ ମାଲିକ

ଯୋଡ଼ା,୨୦।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ମଣ୍ଡଳରେ ଖଣିଜ ପରିବହନକୁ ନେଇ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଖଣ୍ଡବନ୍ଧ ଆଇରନ୍ ମାଇନ୍‌ରୁ ରେକ୍ ଯୋଗେ ମେରାମୁଣ୍ଡଳୀ ଓ ଚାଲିଆମାସ୍ଥିତ ରୁଙ୍ଗଟା ଷ୍ଟିଲ୍‌କୁ ଖଣିଜ ପରିବହନ ବୃଦ୍ଧି କରାଯିବାକୁ ଯୋଡ଼ା ଟ୍ରକ୍ ମାଲିକ ସଂଘ ତୀବ୍ର ବିରୋଧ କରିଛି। ଏନେଇ ସଂଘ ପକ୍ଷରୁ ଖଣ୍ଡବନ୍ଧ ଆଇରନ୍ ମାଇନ୍‌ର ହେଡ୍ ଲଜିଷ୍ଟିକ୍ସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରେଳ ମାଧ୍ୟମରେ ଖଣିଜ ପରିବହନ ବୃଦ୍ଧି ହେଲେ ସଡ଼କ ପରିବହନ ଉପରେ ନିର୍ଭରଶୀଳ ପ୍ରାୟ ୨୫୦୦ ଟ୍ରକ୍ ମାଲିକଙ୍କ ଜୀବନ-ଜୀବିକା ପ୍ରଭାବିତ ହେବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି।

ସଂଘର ଅଭିଯୋଗ ଅନୁସାରେ, ଗତ ପ୍ରାୟ ପାଞ୍ଚ ବର୍ଷ ଧରି ଯୋଡ଼ା ଟ୍ରକ୍ ମାଲିକ ସଂଘ ଖଣି ପରିବହନ କ୍ଷେତ୍ରରେ ଲଜିଷ୍ଟିକ୍ସ ସହଯୋଗ ଯୋଗାଇଆସୁଛି। ଖଣ୍ଡବନ୍ଧ ଖଣି ଉପରେ ଅଞ୍ଚଳର ପ୍ରାୟ ୨୫୦୦ ଟ୍ରକ୍ ମାଲିକ ନିର୍ଭରଶୀଳ। ପୂର୍ବରୁ ଖଣିରୁ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଦୈନିକ ପ୍ରାୟ ୪୦୦ରୁ ୫୦୦ ଟ୍ରିପ୍ ସଡ଼କ ପଥରେ ପରିବହନ ହେଉଥିଲା। ଏବେ ଏହା ପ୍ରାୟ ୨୦୦ ଟ୍ରିପ୍‌କୁ ହ୍ରାସ ପାଇଥିବାରୁ ଟ୍ରକ୍ ମାଲିକମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ସେହିପରି ଟ୍ରିପ୍ ସଂଖ୍ୟା ଆହୁରି କମିଲେ ଗାଡ଼ିର ଋଣ କିସ୍ତି ପରିଶୋଧ କରିବାଠାରୁ ଆରମ୍ଭ କରି ଗାଡ଼ି ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ଟ୍ରକ୍ ମାଲିକମାନେ ଗୁରୁତର ଆର୍ଥିକ ଚାପରେ ପଡ଼ିବେ ବୋଲି ସଂଘ ଆଶଙ୍କା କରିଛି। ଏହାର ପ୍ରଭାବ ସ୍ଥାନୀୟ ବଜାର, ବ୍ୟବସାୟ ଓ ପରିବହନ ସହ ଜଡ଼ିତ ଅନ୍ୟାନ୍ୟ ବର୍ଗ ଉପରେ ମଧ୍ୟ ପଡ଼ିବ ବୋଲି ମତ ପ୍ରକାଶ ପାଇଛି।

ମେରାମୁଣ୍ଡଳୀ ଓ ଚାଲିଆମାସ୍ଥିତ ରୁଙ୍ଗଟା ଷ୍ଟିଲ୍‌କୁ ରେକ୍ ଯୋଗେ ଖଣିଜ ପରିବହନ କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ କରି ପୂର୍ବଭଳି ସଡ଼କ ପରିବହନକୁ ଅଧିକ ସୁଯୋଗ ଦେବାକୁ ସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଖଣିର ଡେସ୍‌ପାଚ୍ ବନ୍ଦ କରିବାକୁ ସଂଘ ବାଧ୍ୟ ହେବ ବୋଲି ଦାବିପତ୍ରରେ ଚେତାବନୀ ଦେଇଛି। ଏହି ଦାବିକୁ ନେଇ ଖଣ୍ଡବନ୍ଧ ଖଣି କର୍ତ୍ତୃପକ୍ଷ ଓ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ ବାହାରିବ କି ନାହିଁ, ଏବେ ତାହା ଉପରେ ଶତାଧିକ ଗାଡ଼ି ମାଲିକଙ୍କ ନଜର ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ମାତା ପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ କୁମାର ବାରିକ, ସହସମ୍ପାଦକ ଅଶୋକ କାରୁଆ, ଉପସଭାପତି ବିଜୁ ଆପଟ୍ଟ, କୋଷାଧ୍ୟକ୍ଷ ରାଜେଶ ରୋଶନଙ୍କ ସମେତ ବହୁ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶୁକ୍ରବାର ୨୧ ଅଗଷ୍ଟ ୨୦୨୬
BUSINESS

# ଚିନି ଦର ବୃଦ୍ଧିର କାରଣ ଇ-୨୦ ଇନ୍ଧନ

ନୂଆଦିଲ୍ଲୀ,୨୦।୮: ଭାରତର ଚିନି ବଜାର ଏବେ ଅଭୂତପୂର୍ବ ସଂକଟର ସମ୍ମୁଖୀନ ହୋଇଛି। ଚିନି ଉତ୍ପାଦନ ନିମନ୍ତେ ଦେଶ ପର୍ଯ୍ୟାପ୍ତ ଆଖୁ ଚାଷ ହେଉଛି, ହେଲେ ସରକାରଙ୍କ ମହତ୍ତ୍ୱାକାଙ୍କ୍ଷୀ ଇଥାନଲ ଉତ୍ପାଦନ ପାଇଁ ଶହଶହ ଡିଷ୍ଟିଲାରୀ ସ୍ଥାପିତ ହୋଇଥିବା ବେଳେ ଘରୋଇ ଯୋଗାଣ ଆବଶ୍ୟକତା ପୂରଣ ପାଇଁ ସରକାର ବିଦେଶକୁ ଚିନି ରପ୍ତାନୀ ବନ୍ଦ କରିଛନ୍ତି, ଏହା ସତ୍ତ୍ୱେ ଦେଶରେ ଚିନି ଦର ଏବେ ରେକର୍ଡ ସ୍ତରକୁ ପହଞ୍ଚିଛି। ଏଣୁ ନୂଆଦିଲ୍ଲୀକୁ ଏବେ ଏପରି ବିକଳ୍ପ ବିଷୟରେ ଚିନ୍ତା କରିବାକୁ ପଡୁଛି ଯାହା ଦୀର୍ଘ ଦଶନ୍ଧୀରୁ ବନ୍ଦ ଥିଲା, ତାହା ହେଉଛି ଚିନି ଆମଦାନୀ। ତେବେ ବିଶେଷଜ୍ଞ ଏହି ସଂକଟର ମୁଖ୍ୟ କାରଣ ଇଥାନଲ ବୋଲି କହୁଛନ୍ତି।

ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭାରତ ଚିନି ଆମଦାନୀ ପୂର୍ବରୁ ପ୍ରସ୍ତୁତି ରୂପେ ଏହି ସାମଗ୍ରୀ ଉପରେ ଥିବା ୧୦୦% ଆମଦାନୀ ଶୁଳ୍କ ହଟାଇବା କଥା ବିଚାର କରୁଥିଲା। ଆଗକୁ ଭାରତରେ ପାର୍ବଣ ଋତୁ, ଏଥିରେ ଚିନି ମହଙ୍ଗା ହେବା ପାର୍ବଣରୁ ମିଠାକୁ ଫିକା ନ କରିବ ତାହା କୁହାଯାଇ ପାରୁନି। ଏଥିରେ ଭାରତ ଏବେ ଇ-୨୦ ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବାରୁ ଦେଶରେ ବଢୁଥିବା ଆଖୁଚାଷକୁ ଇଥାନଲ ଉତ୍ପାଦନ ଲାଗି ଉପଯୋଗ କରି ଦିଆଯାଉଛି। ଏଣୁ ଦେଶରେ ଇନ୍ଧନ ସୁରକ୍ଷା ଓ ଖାଦ୍ୟ ମୂଲ୍ୟ ମଧ୍ୟରେ ଏକ ଜଟିଳ ନୀତିଗତ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ ହୋଇପଡିଛି। ଭାରତର ମୁଖ୍ୟ ଚିନି ବ୍ୟବସାୟ ବଜାର ମହାରାଷ୍ଟ୍ରର କୋହ୍ଲାପୁରରେ ଚିନିର ପାଇକାରୀ ମୂଲ୍ୟ ଅଗଷ୍ଟ ଆରମ୍ଭରୁ ପାଖାପାଖି ୨୦% ବଢି ରେକର୍ଡ ୫,୩୦୦ ଟଙ୍କା ପ୍ରତି କ୍ୱିଣ୍ଟଲକୁ ପହଞ୍ଚି ଯାଇଛି। ଖାଉଟି ବ୍ୟାପାର ବିଭାଗ ତଥ୍ୟ ଅନୁସାରେ ୧୮ ଅଗଷ୍ଟ ମଙ୍ଗଳବାର ଚିନିର ସର୍ବ ଭାରତୀୟ ହାରାହାରି ଖୁଚୁରା ମୂଲ୍ୟ ପ୍ରତି କେଜି ୫୨ଟଙ୍କା ୩୦ ପଇସାକୁ ପହଞ୍ଚିଛି। ତେବେ କିଛି ବଜାରରେ ଚନିମୂଲ୍ୟରେ ତୀବ୍ର ବୃଦ୍ଧି ଦେଖା ଯାଇଛି। ଏଥିରେ ପଞ୍ଜାବରେ ପ୍ରତି କେଜି ଚିନି ଦର ୬୫ଟଙ୍କାକୁ ପହଞ୍ଚିଥିବା ବେଳେ ମୁମ୍ବାଇ, ଭୋପାଲ ଓ ଅନ୍ୟ ବଜାରରେ କେଜି ପିଛା ଦର ୫୮ରୁ ୬୩ ଟଙ୍କାରେ ରହିଛି।

ଦେଶରେ ଆଗକୁ ଗଣେଶ ପୂଜା, ଦଶହରା ଓ ଦୀପବଳି ପର୍ବ ପାଳିତ ହେବ। ଏଣୁ ସରକାର ଚିନି ଦର ନିୟନ୍ତ୍ରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇଛନ୍ତି,ଯେପରି ଚିନି ଦର ବୃଦ୍ଧିର ପ୍ରଭାବ ଆଗକୁ ପାର୍ବଣ ଉପରେ ନ ପଡେ। ଏଥିରେ ଏବେ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି ଯେ ଏ କଥାର ସନ୍ତୁଳନ ରକ୍ଷା କରିବାକୁ ପଡିବ ଯେପରି ଇଥାନାଲ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ପାଇଁ ଚିନି ଭଳି ଅନ୍ୟ ଖାଦ୍ୟପଦାର୍ଥର ଦର ବଢି ନଯାଏ। ଦେଶରେ ଚିନି ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ ହେଉଛି ଯୋଗାଣ ବାଧିତ ହେବା। ଅଶୋଧିତ ତୈଳ ଆମଦାନୀ ପାଇଁ ଭାରତ ବିଦେଶ ନିର୍ଭରତା ହ୍ରାସ ନିମନ୍ତେ ନିଜର ଇ-୨୦ ଲକ୍ଷ ହାସଲ ପାଇଁ ଆଖୁଚାଷରୁ ଇଥାନଲ ଉତ୍ପାଦନ ଦିଗରେ ଆଗକୁ ବଢୁଛି। ଏହି ଉଦ୍ଦେଶ୍ୟ ପାଇଁ ସରକାର ଦେଶରେ ଡିଷ୍ଟିଲାରୀ ସଂଖ୍ୟା ବୃଦ୍ଧି ଲାଗି ଗୁରୁତ୍ୱ ଦେଉଛନ୍ତି। ଏଣୁ ଅଲ ଇଣ୍ଡିଆ ଡିଷ୍ଟିଲାରୀ ଆସୋସିଏସନ (ଏଆଇଡିଏ) ବାର୍ଷିକ ଇଥାନଲ ଉତ୍ପାଦନ କ୍ଷମତା ୧,୮୨୨ କୋଟି ଲିଟରକୁ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏକ ତଥ୍ୟ ଅନୁସାରେ ଆଖୁରୁ ଇଥାନଲା ଲାଗି ୩୦-ରୁ୩୫%କଞ୍ଚାମାଲ ମିଳି ଯାଉଛି। ବାକି କଞ୍ଚାମାଲ ଚାଉଳ ଓ ମକ୍କାରୁ ମିଳୁଛି। ଏହି ପରିବର୍ତ୍ତନର ପ୍ରଭାବ ଏବେ ଚିନି ବଜାର ଉପରେ ପଡିଛି।



# କଡ଼ାକଡ଼ି ହେଲା ନିୟମ

## ବ୍ୟକ୍ତି ପିଛା ସର୍ବାଧିକ ୯ଟି ସିମ୍

ନୂଆଦିଲ୍ଲୀ,୨୦।୮:ବ୍ୟକ୍ତି ପିଛା ମୋବାଇଲ୍ ସଂଯୋଗ ଉପରେ କଟକଣା ଲଗାଯାଇଛି। ଜଣେ ବ୍ୟକ୍ତିଙ୍କ ନାମରେ ସର୍ବାଧିକ ୯ଟି ସିମ୍ କାର୍ଡ ରହିପାରିବ। ସେଭଳି ବ୍ୟକ୍ତିଙ୍କୁ ଅଧିକ ସିମ୍ କାର୍ଡ ନ ଦେବାକୁ ଟେଲିକମ୍ ଅପରେଟରମାନଙ୍କୁ ଟେଲିକମ୍ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଟକଣା ଚଳିତ ମାସ ୨୪ରୁ ଲାଗୁ ହେବ। ପ୍ରତି ଗ୍ରାହକଙ୍କ ପିଛା କେତୋଟି ସିମ୍ କାର୍ଡ ରହିଛି ତାହା ଜାଣିବା ପାଇଁ ବ୍ୟବସ୍ଥା କରିବାକୁ କମ୍ପାନିଗୁଡ଼ିକୁ କୁହାଯାଇଛି।ଆଗାମୀ ଦିନରେ ଯେଉଁ ବ୍ୟକ୍ତିଙ୍କ ନାମରେ ୯ରୁ ଅଧିକ ମୋବାଇଲ୍ ସଂଯୋଗ ରହିଛି, ସେ ଅତିରିକ୍ତ ସିମ୍ ପାଇଁ ଆବେଦନ କଲେ ତାଙ୍କୁ କମ୍ପାନି ପକ୍ଷରୁ ସେବିଷୟରେ ସୂଚିତ କରାଯିବ। ତାଙ୍କ ନାମରେ ସର୍ବାଧିକ ସିମ୍ ନିଆଯାଇଛି, ତେଣୁ ଅଧିକ ସିମ୍ ଦିଆଯିବ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯିବ। ସେଥିପାଇଁ କମ୍ପାନିଗୁଡ଼ିକ ଉଭୟ ବୈଷୟିକ ଓ ସଂସ୍ଥାଗତ ବ୍ୟବସ୍ଥା ଗ୍ରହଣ କରିବେ। ଗ୍ରାହକ ପିଛା କେତୋଟି ସିମ୍ କାର୍ଡ ରହିଛି ତାହା ଜାଣିବା ପାଇଁ କମ୍ପାନିଗୁଡ଼ିକୁ ଟେଲିକମ୍ ବିଭାଗର ଡିଜିଟାଲ ଗୁଇନ୍ଦା ପ୍ଲାଟଫର୍ମ ବ୍ୟବହାର କରିବାକୁ କୁହାଯାଇଛି। ଯେଉଁ ବ୍ୟକ୍ତିମାନଙ୍କ ନାମରେ ୯ କିମ୍ବା ତାଠାରୁ ଅଧିକ ସିମ୍ କାର୍ଡ ରହିଛି, ସେମାନଙ୍କ ଏହି ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ଏହି ପ୍ଲାଟଫର୍ମରେ ସେଭଳି ବ୍ୟକ୍ତିଙ୍କ ଫଟୋ ମଧ ଉପଲବ୍ଧ ହେବ। ଫଳରେ କମ୍ପାନିଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପରିଚୟ ମଧ ଜାଣିପାରିବେ।

୨୦୧୨ ଅଗଷ୍ଟ ୯ରେ ଜାରି କରାଯାଇଥିବା ଏକ ନିର୍ଦ୍ଦେଶନାମାରେ ଟେଲିକମ୍ ଗ୍ରାହକ ପିଛା ମୋବାଇଲ୍ ସଂଯୋଗ ସଂଖ୍ୟା ୯ରେ ସୀମିତ ରଖାଯାଇଥିଲା। କିନ୍ତୁ ଜମ୍ମୁ ଓ କାଶ୍ମୀର, ଆସାମ ଓ ଉତ୍ତର ପୂର୍ବାଞ୍ଚଳ ରାଜଗୁଡ଼ିକ ପାଇଁ ଗ୍ରାହକ ପିଛା ସର୍ବାଧିକ ୬ଟି ସିମ୍ ପାଇଁ ଅନୁମତି ଦିଆଯାଇଥିଲା। ବର୍ତ୍ତମାନ ସେହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଏହା ଜରିଆରେ ମୋବାଇଲ୍ କଲ୍, ଏସ୍ଏମ୍ଏସ୍ ଆଦି ଜରିଆରେ ହେଉଥିବା ଡିଜିଟାଲ ଠକେଇ ଉପରେ ନିୟନ୍ତ୍ରଣ ହାସଲ କରାଯାଇପାରିବ।



# ଜିଓର ୩୦୦ ଟଙ୍କା ରିଚାର୍ଜରେ ବର୍ଷେ ଯାଏ ଲାଭ

ନୂଆଦିଲ୍ଲୀ,୨୦।୮:ମୋବାଇଲ୍ ରିଚାର୍ଜ ଦର ବଢ଼ିବା ଆଶଙ୍କା ମଧ୍ୟରେ ଜିଓ ଗ୍ରାହକଙ୍କ ପାଇଁ ବଡ଼ ଘୋଷଣା କରିଛି। ମାତ୍ର ୩୦୦ ଟଙ୍କାରେ 'ଜିଓ ପ୍ରାଇମ୍' ସଦସ୍ୟତା ଦେବ ବୋଲି ଘୋଷଣା କରିଛି କମ୍ପାନୀ। ଜିଓ ଗତକାଲି(୧୮ ଅଗଷ୍ଟ ୨୦୨୬) ଏହି ଘୋଷଣା କରିଥିଲା। ଏହା ଜରିଆରେ ଗ୍ରାହକ ନିଜ ବର୍ତ୍ତମାନର ରିଚାର୍ଜ ପ୍ଲାନ୍‌ର ଦରକୁ ଏକ ବର୍ଷ ପାଇଁ ଲକ୍ କରିପାରିବେ। ଜିଓ ପ୍ରାଇମ୍ ଅଗଷ୍ଟ ୨୦ରୁ ଉପଲବ୍ଧ ହେବ। ତେବେ ଏୟାରଟେଲ୍ ଗ୍ରାହକଙ୍କ ପାଇଁ ଏହାର ଅର୍ଥ କଣ ହେବ? ଗ୍ରାହକ କେଉଁଥିରେ ଅଧିକ ଲାଭବାନ ହେବେ ଆସନ୍ତୁ ବୁଝିବା।

ଜିଓରେ ଏହି ଘୋଷଣା ପରେ ଗ୍ରାହକଙ୍କ ରିଚାର୍ଜ ଦର ବୃଦ୍ଧିର ଭୟ ରହିବ ନାହିଁ। କାରଣ ମାତ୍ର ୩୦୦ ଟଙ୍କାରେ ଉପଲବ୍ଧ ହେବାକୁ ଥିବା 'ଜିଓ ପ୍ରାଇମ୍'ରେ ଗ୍ରାହକ ନିଜ ବର୍ତ୍ତମାନର ଜିଓ ପ୍ଲାନ୍‌ର ମୂଲ୍ୟକୁ ୫ ସେପ୍ଟେମ୍ବର ୨୦୨୭ ପର୍ଯ୍ୟନ୍ତ ଲକ୍ କରିପାରିବେ। ଅର୍ଥାତ୍, ପ୍ରାଇମ୍ ସଦସ୍ୟତା ଅବଧିରେ ଗ୍ରାହକ ବର୍ତ୍ତମାନର ଦରରେ ହିଁ ନିଜ ପ୍ଲାନ୍ ରିଚାର୍ଜ କରିପାରିବେ। ତେବେ ଏଥିପାଇଁ କୌଣସି ଗୋଟିଏ ପ୍ଲାନ୍‌ରେ ଗ୍ରାହକଙ୍କୁ ବାନ୍ଧି ରଖାଯିବ ନାହିଁ। ସେମାନେ ଚାହିଲେ ପ୍ରାଇମ୍ ସଦସ୍ୟତା ଅବଧି ମଧ୍ୟରେ ଅନ୍ୟ ଜିଓ ପ୍ଲାନ୍‌କୁ ମଧ ସ୍ୱିଚ୍ କରିପାରିବେ।

କେବଳ ଦର ଲକ୍ ନୁହେଁ, ଜିଓ ପ୍ରାଇମ୍ ସହ ମିଳିବ ମୋଟ ୬୦୦ ଟଙ୍କାର ଦୁଇଟି କ୍ୟାସବ୍ୟାକ୍ ଭାଉଚର। ନୂଆ ଜିଓ ହୋମ୍ କିମ୍ବା ଜିଓ ପିସି ସଂଯୋଗ ନେଲେ ୩୦୦ ଟଙ୍କାର ଗୋଟିଏ ଭାଉଚର ଏବଂ ପରିବାର କିମ୍ବା ବନ୍ଧୁଙ୍କ ପାଇଁ ନୂଆ ଜିଓ ସିମ୍ ନେଲେ ଆଉ ୩୦୦ ଟଙ୍କାର ଭାଉଚର ମିଳିବ। ଏହା ସହ ନୂଆ ଜିଓ ଉତ୍ପାଦ ଓ ସେବାରେ ଆଗୁଆ ଆକ୍ସେସ୍ ଏବଂ ପ୍ରାଥମିକତାଭିତ୍ତିକ ଗ୍ରାହକ ସହାୟତା ମଧ ପାଇବେ ପ୍ରାଇମ୍ ସଦସ୍ୟ। ଅଗଷ୍ଟ ୨୦ରୁ MyJio ଆପ୍, Jio.com, ଜିଓ ଷ୍ଟୋର ଏବଂ ଅଧିକୃତ ପାର୍ଟନର ଷ୍ଟୋରରେ ଉପଲବ୍ଧ ହେବ ଏହି ସଦସ୍ୟତା। ପ୍ରିପେଡ୍, ପୋଷ୍ଟପେଡ୍ ସହ ନୂଆ ଜିଓ ଗ୍ରାହକ ମଧ ନେଇପାରିବେ ଏହାର ଲାଭ। ଏବେ ଏୟାରଟେଲ୍ ସହିତ ଆସନ୍ତୁ ଏହାର ତୁଳନା କରିବା। ଯାହାଫଳରେ ଗ୍ରାହକଙ୍କ ପାଇଁ କେଉଟା ଅଧିକ ଲାଭବାନ ହେବ ତାହା ଜଣାପଡ଼ିବ। ପ୍ରକୃତରେ ଗତ ସପ୍ତାହରେ ଭାରତୀ ଏୟାରଟେଲ୍ ଏହାର ୨୯୯ ଟଙ୍କାର ଶସ୍ତା ପ୍ଲାନ୍‌କୁ ବନ୍ଦ କରିଦେଇଛି। ଫଳରେ ଏୟାରଟେଲ୍‌ର ସବୁଠାରୁ କମ୍ ମୂଲ୍ୟର ଉପଲବ୍ଧ ପ୍ଲାନ୍ ଏବେ ୩୪୯ ଟଙ୍କା ହୋଇଛି। ଅର୍ଥାତ୍, ପ୍ରାରମ୍ଭିକ ରିଚାର୍ଜ ଦରରେ ପ୍ରାୟ ୧୬ ପ୍ରତିଶତ ବୃଦ୍ଧି ହୋଇଛି। ଏହାର ବିପରୀତରେ, ଜିଓ ପ୍ରାଇମ୍ ସଦସ୍ୟଙ୍କ ପାଇଁ ୨୯୯ ଟଙ୍କାର ପ୍ଲାନ୍ ଜାରି ରହିଛି। ପ୍ରାଇମ୍ ସବସ୍କ୍ରିପସନ୍ ଶୁଳ୍କକୁ ମିଶାଇଲେ ଏହାର ପ୍ରଭାବୀ ମାସିକ ମୂଲ୍ୟ ପ୍ରାୟ ୩୨୪ ଟଙ୍କା ହେଉଛି। ଏହି ହିସାବରେ, ଏଣ୍ଟ୍ରି-ଲେଭେଲ୍‌ରେ ଜିଓ ପ୍ରାଇମ୍ ଗ୍ରାହକଙ୍କ ପାଇଁ ପ୍ଲାନ୍‌ଟି ଭାରତୀ ଏୟାରଟେଲ୍‌ଠାରୁ ପ୍ରତି ମାସରେ ୨୫ ଟଙ୍କା ଶସ୍ତା ପଡୁଛି। ଏହା ସହ ଭବିଷ୍ୟତରେ ରିଚାର୍ଜ ଦର ବଢ଼ିଲେ ମଧ ପ୍ରାଇମ୍ ସଦସ୍ୟମାନେ ନିଜ ପ୍ଲାନ୍‌ର ବର୍ତ୍ତମାନର ମୂଲ୍ୟକୁ ସୁରକ୍ଷିତ ରଖିପାରିବେ। ଏଭଳି ସ୍ଥିତିରେ ଏୟାରଟେଲ୍ ପାଇଁ ଗ୍ରାହକଙ୍କୁ ବାନ୍ଧି ରଖିବା କଷ୍ଟକର ହୋଇପାରେ।

ଜିଓର ଘୋଷଣା ପରେ ଏୟାରଟେଲ୍‌ର ପ୍ଲାନ୍ ଚିନ୍ତା




# ଅଶୋଧିତ ତୈଳ ଦର ୯୧ ଡଲାର ପାର୍

ନୂଆଦିଲ୍ଲୀ,୨୦।୮:ଅଶୋଧିତ ତୈଳ ଦର ପୁଣି ଉପରମୁହାଁ। ଏହା ମଧ୍ୟରେ ଚିନ୍ତାରେ ବିଶ୍ୱ ଅର୍ଥବ୍ୟବସ୍ଥା। ଅନ୍ତର୍ଜାତୀୟ ବଜାରରେ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୯୧ ଡଲାର ପାର୍ କରିଯାଇଛି। ଏହା ବର୍ତ୍ତମାନ ୯୧.୬୮ ଡଲାରରେ ପହଞ୍ଚିଛି। ସେହିଭଳି ଡବ୍ଲୁଟିଆଇ କ୍ରୁଡ୍ ଦର ୮୫.୭୭ ଡଲାର ଛୁଇଁଛି। ଗତ ସପ୍ତାହରେ ଅଶୋଧିତ ତୈଳ ଦରରେ ୫ରୁ୬% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଥିଲା। ଦର ବଢ଼ିବାର ବଡ଼ କାରଣ ହେଉଛି ଆମେରିକା-ଇରାନ ଯୁଦ୍ଧ। ଚୂଡ଼ାନ୍ତ ବୁଝାମଣା ପାଇଁ ଦିଆଯାଇଥିବା ୬୦ ଦିନର ୱିଣ୍ଡୋ ଶେଷ ହୋଇଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନର ନେତାମାନଙ୍କ ମଧ୍ୟରେ ବୟାନବାଜି ନିଆଁରେ ଘିଅ ଢାଳିବା ଭଳି କାମ କରୁଛି। ଏଭଳି ସ୍ଥିତିରେ ଯୁଦ୍ଧ ବିରାମ ସମ୍ଭାବନା କ୍ଷୀଣ ହୋଇଯାଇଛି।

ବିଶେଷଜ୍ଞଙ୍କ ମତରେ, ଆଗକୁ ଅଶୋଧିତ ତୈଳ ଦର ଆହୁରି ବଢ଼ିବ। କେଡିଆ ଆଡଭାଇଜରୀର ଅଜୟ କେଡିଆ କୁହନ୍ତି, ଲଗାତର ଭାବେ ଅଶୋଧିତ ତୈଳ ଦରରେ ବୃଦ୍ଧି ଦେଖିବାକୁ ମିଳୁଛି। ଆମେରିକା ଇରାନ ମଧ୍ୟରେ ବୁଝାମଣାକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଯୋଗୁ ତୈଳ ଦର ଉପରମୁହାଁ ହୋଇଛି। କୋଟାକ ସିକ୍ୟୁରିଟିଜ୍ର ଏଭିପି(କମୋଡିଟି ରିସର୍ଚ୍ଚ) କାୟନାତ ଚେନୱାଲା କୁହନ୍ତି, ଅଶୋଧିତ ତୈଳ ଦରରେ ବୃଦ୍ଧିର କାରଣ ହେଉଛି, ଆମେରିକା-ଇରାନ ମଧ୍ୟରେ ଯୁଦ୍ଧ ବିରାମର ସମ୍ଭାବନା କ୍ଷୀଣ ହେବା। ଅନ୍ୟପକ୍ଷରେ, ଲେବାନନରେ ନୂଆ ସମସ୍ୟା ଏବଂ ହୋର୍ମୁଜ ଅତିକ୍ରମ କରୁଥିବା ଜାହାଜଗୁଡ଼ିକ ଉପରେ ଲଗାତର ହମଲା ଯୋଗୁ ତୈଳ ଯୋଗାଣକୁ ନେଇ ରିସ୍କ ବଢ଼ିଯାଇଛି। ଏହା ଦରକୁ ଉପରମୁହାଁ କରୁଛି। ଦରରେ ୫ରୁ୬%ର ସାପ୍ତାହିକ ବୃଦ୍ଧି ଏଥିପାଇଁ ସୀମିତ ରହିଲା କାରଣ ବ୍ୟବସାୟୀମାନେ ଅନ୍ତରାଷ୍ଟ୍ରୀୟ ଶକ୍ତି ଏଜେନ୍ସି (ଆଇଇଏ) ଏବଂ ପେଟ୍ରୋଲିୟମ ରପ୍ତାନିକାରୀ ଦେଶଗୁଡ଼ିକର ସଂଗଠନ (ଓପେକ୍) ର ଦୁର୍ବଳ ଚାହିଦା ଅନୁମାନ ଏବଂ ଆମେରିକାରେ ଅଚାନକ ବଡ଼ ମାତ୍ରାରେ ଇନଭେଣ୍ଟୋରୀ ବୃଦ୍ଧି ଭଳି ବିଷୟଗୁଡ଼ିକୁ ଧ୍ୟାନରେ ରଖିଥିଲେ। ଆଗକୁ ତୈଳ ଦରରେ ଅସ୍ଥିରତା ଲାଗି ରହିବ ବୋଲି ଅନୁମାନ କରାଯାଇଛି। କାୟନାତ ଚେନୱାଲା ଆହୁରି କହିଲେ ଯେ, ଆଗକୁ ସ୍ଥିତି ବିଗିଡ଼ିଲେ ତୈଳ ଦର ଅଧିକ ବଢ଼ିପାରେ। ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୯୫ ଡଲାର ପର୍ଯ୍ୟନ୍ତ ଯାଇପାରେ। ଏକ ରିପୋର୍ଟ ଅନୁସାରେ, ଯୁଦ୍ଧ ନ ଥମିଲେ ୨୦୨୭ରେ ଦରଦାମ ସ୍ଥିତି ଭୟଙ୍କର ରୂପ ନେଇପାରେ। ଜେପି ମୋର୍ଗାନ ପ୍ରକାଶ କରିଛି ଯେ, ଦରଦାମ ବୃଦ୍ଧିର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିବ। ସାର ଅଭାବ, ଭୂ-ରାଜନୈତିକ ଅସ୍ଥିରତା ସହ ଏଲ୍ନିନୋ ରୂପକ ଝଡ଼ ଯୋଗୁ ସଂକଟ ଅଧିକ ବଢ଼ିବ। ବର୍ଷ ୨୦୨୭ର ପ୍ରଥମ ୬ ମାସରେ ବିଶ୍ୱ ସ୍ତରରେ ଖାଦ୍ୟ ପାନୀୟ ସାମଗ୍ରୀ ଦାମ ୫% ପର୍ଯ୍ୟନ୍ତ ବଢ଼ିପାରେ। ୨୦୨୬ର ପ୍ରଥମ ୬ ମାସରେ ଏହି ଅଙ୍କ ୨.୮% ଥିଲା। ଭାରତ ପାଇଁ ଏ ଚେତାବନୀ ଏଥିପାଇଁ ଗୁରୁତ୍ୱ ବହନ କରୁଛି କାରଣ ଦେଶରେ ପୂର୍ବରୁ ହିଁ ସାର ବଡ଼ ମାତ୍ରାରେ ମହଙ୍ଗା ହୋଇସାରିଲାଣି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୦୫୦ ଟଙ୍କା ଛୁଇଁଛି ।ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୨,୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୧୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୯୭୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ବୃଦ୍ଧି ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦.୪୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୨ ଟଙ୍କା ୪୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ

**ଫୁଲବାଣୀ,୨୦।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଜି ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀରେ ଆୟୋଜିତ ହୋଇଛି 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'। ଜିଲ୍ଲାର ୧୨ଟି ବ୍ଲକ୍‌ରୁ ବହୁ ସଂଖ୍ୟକ ବିଜେଡି ନେତା, କର୍ମୀ, ଛାତ୍ର ଓ ଯୁବକ ଏକାଠି ହୋଇ ମାଦିକୁନ୍ଦା ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ପରେ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ରାସ୍ତା ପାର୍ଶ୍ୱରେ ଆୟୋଜିତ ସଭାରେ ବିଜେଡି ନେତାମାନେ ରାଜ୍ୟ ସରକାରଙ୍କ ଶିକ୍ଷାନୀତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକରେ ଥିବା କଥିତ ତ୍ରୁଟିକୁ ନେଇ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ଏଥିସହ ରାଜ୍ୟର ଖଣିଜ ସମ୍ପଦ ଓ ଅର୍ଥନୈତିକ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ଉଠାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ ବିଜେଡି ନେତାମାନେ।ସଭାରେ ରାଜ୍ୟ ମହିଳା ସଭାପତି ଇପ୍ସିତା ସାହୁ, ଜିଲ୍ଲା ଛାତ୍ର ସଭାପତି ସୁନୀଲ ସେଠୀ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା,



ପୂର୍ବତନ ବାଚସ୍ପତି ସାଲୁଗା ପ୍ରଧାନ ଅଙ୍ଗଦ କହଁର ଓ ରାକେଶ ମିଶ୍ର ଦୁଗୁନି କହଁର ସାଲୁଗା ପ୍ରଧାନ ରାଜୀବ ପାତ୍ର ସରୋଜ କର୍ଣ୍ଣ ପୁନମ କହଁର ଏବଂ ବିଜେଡି ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାଁ ପ୍ରମୁଖ ଉଦବୋଧନ ଦେଇଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ତ୍ରୁଟିପୂର୍ଣ୍ଣ ବହି ଫେରାଇ ନେଇ ନୂଆ ବହି ଯୋଗାଇବା, ୩୮୦ କୋଟି ଟଙ୍କା ରାଜ୍ୟ ରାଜକୋଷକୁ ଫେରାଇବା ଏବଂ ଶିକ୍ଷାମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରିବା ଭଳି ଦାବି ଉଠାଯାଇଥିଲା। ଶେଷରେ ଛାତ୍ର ଓ ଯୁବ ବିଜେଡି କର୍ମୀମାନେ ଇପ୍ସିତା ସାହୁ, ରାଜ୍ୟ ମହିଳା ସଭାପତି, ବିଜୁ ଜନତା ଦଳ -ପଦ୍ମନାଭ ବେହେରା, ବିଜେଡି ଜିଲ୍ଲା ସଭାପତି, ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଥିଲେ।

# ରାସ୍ତା ନାହିଁ, ପିଇବା ପାଣି ନାହିଁ ଭାଗ୍ୟକୁ ନିନ୍ଦୁଛନ୍ତି ବଡଡୁମୁରିଆ ଢିପାସାହିବାସୀ

**ଯୋଡ଼ା,୨୦।୮ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୮୦ ବର୍ଷ ପରେ ବି ବିକାଶର ଆଲୋକ ପହଞ୍ଚିନି ଝୁମ୍ପୁରା ବ୍ଲକର ବଡଡୁମୁରିଆ ଢିପାସାହିରେ। ସାହିକୁ ନାହିଁ ପକ୍କା ରାସ୍ତା, ନାହିଁ ପାଇପ୍ ଯୋଗେ ପିଇବା ପାଣି। ଜଙ୍ଗଲ ଭିତର ଦେଇ ଯାଇଥିବା ସରୁ ପାଦଚଲା ରାସ୍ତା ହିଁ ଏଠାକାର ୨୦ରୁ ଅଧିକ ପରିବାରଙ୍କ ଯାତାୟାତର ଏକମାତ୍ର ଭରସା ପାଲଟିଛି। ସାମାନ୍ୟ ମାଟି ରାସ୍ତା ଖଣ୍ଡିଏ ପାଇଁ ସାହିବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ



ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବି ଜଣାଇଛନ୍ତି। ଏପରିକି କେନ୍ଦୁଝର ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସାକ୍ଷାତ କରି ଦାବିପତ୍ର ଦେଇଥିବା ସାହିବାସୀ କହିଛନ୍ତି। ହେଲେ ଦୀର୍ଘଦିନ ଧରି ଦାବି ଜଣାଇବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ରାସ୍ତା ନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ସାହି ଭିତରକୁ ପହଞ୍ଚିପାରୁନାହିଁ। ରୋଗୀଙ୍କୁ ଖଟିଆରେ ବୋହି ପ୍ରାୟ ଏକ କିଲୋମିଟର ଦୂର ମୁଖ୍ୟ ରାସ୍ତାକୁ ଆଣିବା ପରେ ହିଁ ଆମ୍ବୁଲାନ୍ସର ସହାୟତା ମିଳୁଛି। ବର୍ଷାଦିନରେ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି। ଅନ୍ୟପକ୍ଷରେ, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଏଯାଏଁ ସାହିରେ ପହଞ୍ଚିନାହିଁ। ଗୋଟିଏ ନଳକୂଅ ଉପରେ ନିର୍ଭର କରି ସାରାବର୍ଷ ଚଳୁଛନ୍ତି ସାହିବାସୀ। ରାସ୍ତା ଓ ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଡ୍ଡା କ୍ୟାମେରା ସମ୍ମୁଖରେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ତେବେ ଭିଭିଜି ରାମଜୀ ଯୋଜନାରେ ଢିପାସାହିକୁ ରାସ୍ତା ନିର୍ମାଣ ପାଇଁ ଯୋଜନା ରହିଥିବା ଏବଂ ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏବେ ଅପେକ୍ଷା ଯୋଜନା କେବେ ବାସ୍ତବ ରୂପ ନେବ ଏବଂ ଢିପାସାହିର ଦୁର୍ଦ୍ଦଶା କେବେ ଦୂର ହେବ।

● ମାଲକାନଗିରି ବିମାନବନ୍ଦରରୁ ଉଡ଼ିବ ବିମାନ

# ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲା ପ୍ରଶାସନ

**ମାଲକାନଗିରି,୨୦।୮ (ସଂଚାର ବ୍ୟୁରୋ):** ମାଲକାନଗିରି ବିମାନବନ୍ଦରରୁ ବାଣିଜ୍ୟିକ ବିମାନ ସେବାର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସେବାର ଆନୁଷ୍ଠାନିକ ଉଦଘାଟନ ହେବାକୁ ଥିବାବେଳେ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ବିମାନ ସେବାକୁ ସୁଗମ ଓ ସୁବ୍ୟବସ୍ଥିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଡେପୁଟି କଲେକ୍ଟର ସ୍ୱୟଂ ସିଦ୍ଧ ରାଉତଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଭୂମିସ୍ତରୀୟ ପ୍ରସ୍ତୁତି ଓ ସମନ୍ୱୟର ସମୀକ୍ଷା କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏଠାରୁ ଆରସିଏସ ଉଡ଼ାନ୍ ଯୋଜନାରେ ନନ୍-ସେଡ୍ୟୁଲ୍ଡ ବାଣିଜ୍ୟିକ ବିମାନ ଚଳାଚଳ ଆରମ୍ଭ ହେବ। ଇଣ୍ଡିଆଓ୍ୱାନ୍ ଏୟାର ପକ୍ଷରୁ ୯ ସିଟ୍ ବିଶିଷ୍ଟ ବିମାନ ଉଡ଼ାଣ ଭରିବ। ଯାତ୍ରୀମାନଙ୍କ ଟିକେଟ ବୁକିଂ ଏବଂ ସହାୟତା ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଉଛି। ଏହି ବିମାନ ସେବା ଦ୍ୱାରା ଜିଲ୍ଲାରେ ଯୋଗାଯୋଗ, ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ପ୍ରଶାସନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ସଂକ୍ରମଣ ନିୟନ୍ତ୍ରଣ ରଣନୀତି ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୨୦।୮ (ସଂଚାର ବ୍ୟୁରୋ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଡାକ୍ତରଖାନାରେ ସଂକ୍ରମଣ ନିୟନ୍ତ୍ରଣର ଆଧୁନିକ ରଣନୀତି ସମ୍ପର୍କରେ ଏକ କର୍ମଶାଳା ଗତ ସୋମବାର ଆୟୋଜିତ ହୋଇଯାଇଛି। ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଣ୍ଡ କଂପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ହସ୍ପିଟାଲ ଆଡମିନିଷ୍ଟ୍ରେସନ୍ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାର ଶୀର୍ଷକ ରହିଥିଲା 'ବ୍ରେକିଂ ଦ ଚେନ୍: ମଡର୍ଣ୍ଣ ଇନଫେକ୍‌ସନ କଂଟ୍ରୋଲ୍ ଷ୍ଟ୍ରାଟେଜିଜ୍ ଫର୍ ସେଫର୍ ହସ୍ପିଟାଲ୍ସ'। ସଂକ୍ରମଣର ପ୍ରତ୍ୟେକ ସ୍ତରକୁ ଚିହ୍ନଟ କରି ତାହାକୁ ରୋକିବା ସହ ହସ୍ପିଟାଲଗୁଡ଼ିକ କିପରି ବ୍ୟବସ୍ଥିତ ଭାବେ ସଂକ୍ରମଣକୁ ରୋକିପାରିବେ ସେ ନେଇ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ସଂକ୍ରମଣ ନିୟନ୍ତ୍ରଣ କେବଳ ମାଇକ୍ରୋବାୟୋଲୋଜିଷ୍ଟଙ୍କ



ଦାୟିତ୍ୱ ନୁହେଁ, ବରଂ ହସ୍ପିଟାଲ ପ୍ରଶାସନ, ଡାକ୍ତର, ନର୍ସ, ସହାୟକ କର୍ମଚାରୀ ଏବଂ ରୋଗୀ ସେବା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଦାୟିତ୍ୱ ବୋଲି କର୍ମଶାଳାରେ ମତ ରଖାଯାଇଥିଲା। କର୍ମଶାଳାର ବୈଷୟିକ ଅଧିବେଶନରେ ବିଶିଷ୍ଟ ସଂକ୍ରମଣ ନିୟନ୍ତ୍ରଣ ବିଶେଷଜ୍ଞ, ସମ୍ ଅଲ୍ଟିମେଟ୍ ମେଡିକେୟାରର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ତଥା ହସ୍ପିଟାଲ ଇନଫେକ୍ସନ କଂଟ୍ରୋଲର ଅଫିସର ଡକ୍ଟର ପୁରବୀ ବରାଳ ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଇନଫେକ୍ସନ ପ୍ରିଭେନସନ୍ ଆଣ୍ଡ କଂଟ୍ରୋଲର ଅଫିସର, ବାୟୋ-ସେଫ୍‌ଟି ଅଫିସର ତଥା ମାଇକ୍ରୋବାୟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ପ୍ରଜ୍ଞା ପି. ଜେନା ଆଧୁନିକ ସଂକ୍ରମଣ ନିୟନ୍ତ୍ରଣ ପଦ୍ଧତି ଓ ସଂକ୍ରମଣର ଶୃଙ୍ଖଳାକୁ ଭାଙ୍ଗିବାର ବିଭିନ୍ନ ରଣନୀତି ସମ୍ପର୍କରେ ଅଭିଜ୍ଞତା ବାଣ୍ଟିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଆୟସ କାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏମ୍ଏଚ୍ଏ ପ୍ରୋଗ୍ରାମ୍ ତଥା କର୍ମଶାଳା ସଂଯୋଜକ ଡକ୍ଟର ପ୍ରୀତି ୱାଇ. ଷଡ଼ଙ୍ଗୀ କର୍ମଶାଳାର ବିଷୟବସ୍ତୁ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ହୁମ୍ମା ଓ ଗଞ୍ଜାମରେ ଚୋରା ମଦ ଜବତ, ୩ ଗିରଫ



**ଛତ୍ରପୁର, ୨୦।୮(ସଂଚାର ବ୍ୟୁରୋ ):** ରମ୍ଭା ଥାନା ଅଧୀନ ହୁମ୍ମା ଫାଣ୍ଡି ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ହୁମ୍ମା ରେଳ ଷ୍ଟେସନ ରାସ୍ତା ନିକଟ ଏକ ଦୋକାନରେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ଟିମ୍ ଚଢ଼ାଉ କରି ଚୋରା ମଦ ଜବତ କରିଛି। ଚଢ଼ାଉରେ ୨୦.୮ ଲିଟର ବିୟର ଓ ୫.୪ ଲିଟର ବିଦେଶୀ ମଦ ଜବତ ହୋଇଥିବା ବେଳେ ଦୋକାନୀ ସନ୍ତୋଷ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଧୀକ୍ଷକ ସ୍ମୃତିକାନ୍ତ ରାଉତଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଆଁଜି ସକାଳେ ଗଞ୍ଜାମ ଓ ରମ୍ଭା ଥାନା ଅଧୀନରେ ଥିବା ବିଭିନ୍ନ ଜାଗାରେ ଚଢ଼ାଉ କରିଥିଲା। ହୁମ୍ମା ରେଳ ଷ୍ଟେସନ ରାସ୍ତା ନିକଟରେ ଥିବା କେତେକ ଦୋକାନ ଓ ହୋଟେଲରେ ଦୀର୍ଘଦିନ ଧରି ଚୋରା ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। "ଏଥିସହ ଏହି ସ୍ଥାନଗୁଡ଼ିକରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଥିବା ଏବଂ ରେଳ ଷ୍ଟେସନକୁ ଯାଉଥିବା ଲୋକେ ହଇରାଣ ହେଉଥିବା ନେଇ ମଧ୍ୟ ଅଭିଯୋଗ ରହିଥିଲା।" ତେବେ ଦୀର୍ଘଦିନ ଧରି ଅଭିଯୋଗ ଥିବା ସତ୍ତ୍ୱେ ସ୍ଥାନୀୟ ପୁଲିସ ଓ ଛତ୍ରପୁର ଅବକାରୀ ବିଭାଗ ପକ୍ଷରୁ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଯାହା ଦୀର୍ଘଦିନ ଧରି ସ୍ଥାନୀୟ ପୁଲିସ ଓ ଛତ୍ରପୁର ଅବକାରୀ ବିଭାଗ କରିପାରିନଥିଲେ, ତାହା ଆଜି ବ୍ରହ୍ମପୁର ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ଟିମ୍ କରି ଦେଖାଇଛି। ଚଢ଼ାଉ କରି ଚୋରା ମଦ ଜବତ ଓ ଗିରଫଦାରୀ ପରେ ସ୍ଥାନୀୟ ପୁଲିସ ଓ ଅବକାରୀ ବିଭାଗର ନଜରଦାରିକୁ ନେଇ ପ୍ରଶ୍ନ ଉଠିଛି।

କଳାହାଣ୍ଡିରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଭେଳିକି

# ଚାଷରେ ଆଗୁଆ, ବିଶ୍ୱବିଦ୍ୟାଳୟ ବେଳକୁ ପଛଘୁଞ୍ଚା

**କଳାହାଣ୍ଡି,୨୦।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧାନ ଉତ୍ପାଦନରେ ରାଜ୍ୟ ରେ ଦ୍ୱିତୀୟ, କପା ଉତ୍ପାଦନ ଓ ଡାଲିଜାତୀୟ ଶସ୍ୟ ଉତ୍ପାଦନ ରେ ପ୍ରଥମ ସ୍ଥାନ ରହିଛି।ଚାଷରେ ଆଗୁଆ ଥିବା କଳାହାଣ୍ଡି ଜିଲ୍ଲାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଭେଳିକି ସାଜିଛି।ରାଜ୍ୟ ସରକାର କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କୌଣସି ଆଗ୍ରହ ଦେଖାଉ ନଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କେବିକେରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୧୪ ରେ ବିଜେଡି ନିଜ ଇସ୍ତାହାରରେ ଘୋଷଣା କରିଥିଲା। ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ ଶରତ ପାୱାର ଓଡ଼ିଶା ସରକାର ଙ୍କୁ ଲେଖିଥିବା ଚିଠି ଅନୁଯାୟୀ, ରାଜ୍ୟ ସରକାର ଓଡ଼ିଶା କୃଷି ପ୍ରଯୁକ୍ତିବିଦ୍ୟା ଓୟୁଏଟିକୁ ଭବାନୀପାଟଣା ରେ ଏକ କୃଷି ବିଶ୍ୱବିଦ୍ୟାଳୟର ନବୀକରଣ ପାଇଁ ଏକ। ଫିଜିବିଲିଟି ରିପୋର୍ଟ ଦାଖଲ କରିବାକୁ କହିଥିଲେ। କଳାହାଣ୍ଡି ଜିଲ୍ଲା ରାଜ୍ୟରେ ଚଉଳ, କପା, ଓ ଡାଲି ଉତ୍ପାଦନକାରୀ




ଜିଲ୍ଲା ଭାବରେ ଉଭା ହୋଇଛି। କଳାହାଣ୍ଡି ଜିଲ୍ଲା ରାଜ୍ୟରେ ଧାନ ଉତ୍ପାଦନରେ ଦ୍ୱିତୀୟ, କପା ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନରେ ଦ୍ୱିତୀୟ ଭଳି ବହୁ କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଆଗୁଆ ରହିଛି। ପୂର୍ବରୁ ଓଡ଼ିଶା କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ମଧ୍ୟ ଭବାନୀପାଟଣାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଘୋଷଣା କରିଥିଲେ। କିଛି ଆଞ୍ଚଳିକ ରାଜନୀତି ଯୋଗୁଁ ଏହି ପ୍ରସ୍ତାବ ସରକାରୀ ନାଲିଫିତା ତଳେ ପଡ଼ି ରହିଛି, ଇନ୍ଦ୍ରାବତୀ ପ୍ରକଳ୍ପ ପରେ ଜିଲ୍ଲାର ସବୁଜ ବିପ୍ଳବ ଯୋଗୁଁ କୃଷିର ଅଭିବୃଦ୍ଧି ଯୋଗୁଁ ରାଜ୍ୟ ସରକାର ୨୦୦୯ ରେ ଭବାନୀପାଟଣାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। କେବିକେ ଓ ପଶ୍ଚିମ ଓଡ଼ିଶା ଅଞ୍ଚଳର ସମସ୍ତ ଆଞ୍ଚଳିକ ଅନୁସନ୍ଧାନ ଓ ଟ୍ରାନ୍ସଫର ଅଫ ଟେକ୍ନୋଲୋଜି ସବ-ଷ୍ଟେସନ୍ ସହିତ ଭବାନୀପାଟଣାରେ ସମ୍ଭାବ୍ୟ, କୃଷି ବିଶ୍ୱବିଦ୍ୟାଳୟ ପାଇଁ କଳାହାଣ୍ଡି ଜିଲ୍ଲାପାଳ ମଧ୍ୟ ସେହି ସମୟରେ ୫୦୦ ଏକର ଜମି ଚିହ୍ନଟ କରିଥିଲେ। ବର୍ତ୍ତମାନ୍ ଭବାନୀପାଟଣା ସରକାରୀ କୃଷି ବିଶ୍ୱବିଦ୍ୟାଳୟରେ ୫ ଟି ବିଭାଗରେ ସ୍ନାତକୋତ୍ତର ବିଭାଗ ଖୋଲିଛି। ଏଗ୍ରିକଲଚର ଇଞ୍ଜିନିୟରିଂ ଓ ପଲିଟେକନିକ୍ କେନ୍ଦ୍ର ଖୋଲିବା ପାଇଁ ଓୟୁଏଟିର ଅନୁମୋଦନ ଲାଭ କରାସାରିଛି।

# ରାଜୀବ ଗାନ୍ଧିଙ୍କ ୮୨ ଜନ୍ମଦିବସ ପାଳନ



**ଯାଜପୁର ରୋଡ଼,୨୦।୮(ସଂଚାର ବ୍ୟୁରୋ):** ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ ୮୨ ତମ ଜନ୍ମ ଦିବସ ବ୍ୟାସନଗର ପୌର କଂଗ୍ରେସ କମିଟି ସଭାପତି ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଯାଜପୁର ରୋଡ୍ ବସଷ୍ଟାଣ୍ଡ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ବସଷ୍ଟାଣ୍ଡ ଠାରେ ଥିବା ରାଜୀବଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସଭାପତି ଶ୍ରୀ ନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ମାନେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ କମିଟି ପକ୍ଷରୁ ସହରର ଅବହେଳିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ଫଳ ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ପୂର୍ବତନ ସଭାପତି କାଶିନାଥ ବେହେରା, ଦିଲ୍ଲୀପ କୁମାର ମଲ୍ଲିକ, ଜଳଧର ସେଠୀ ଓ ପଦ୍ମନାଭ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜନୈତିକ ଚାପରେ ଟେଣ୍ଡର ବଣ୍ଟନ ଅଭିଯୋଗ

## ଉଚ୍ଚସ୍ତରୀୟ ତଦନ୍ତ ହେଲେ ସାମ୍ନାକୁ ଆସିବ ସତ

**ଆନନ୍ଦପୁର,୨୦।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ମିଶନ ଶକ୍ତି ବିଭାଗ ଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଡ୍ରେସ୍ କୋଡ୍ ଟେଣ୍ଡରକୁ ନେଇ ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ, ଟେଣ୍ଡର ପ୍ରକ୍ରିୟା କେବେ ହୋଇଥିଲା, ଏଥିପାଇଁ ନିୟମ ଅନୁଯାୟୀ ବିଜ୍ଞାପନ ଜାରି ହୋଇଥିଲା କି ନାହିଁ, ତାହାକୁ ନେଇ ଉଠିଛି ପ୍ରଶ୍ନ। କେବଳ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆବେଦନ କରିଥିଲେ ନା ଅନ୍ୟ କୌଣସି ସଂସ୍ଥା ମଧ୍ୟ ଆବେଦନ କରିଥିଲା? ଆବେଦନ କରିଥିବା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଯୋଗ୍ୟତା ଓ ଆବଶ୍ୟକ ଯନ୍ତ୍ରପାତି ଯାଞ୍ଚ କରାଯାଇଥିଲା କି? ନିୟମ ବାହାରେ ଥିବା ଗୋଷ୍ଠୀଗୁଡ଼ିକୁ କେଉଁ ଅଧିକାରୀ ଯାଞ୍ଚ କରି ତାଲିକାରୁ ବାଦ୍ ଦେଇଥିଲେ। ସବୁଠାରୁ ବଡ଼ ଅଭିଯୋଗ ହେଉଛି, ନିୟମ ବାହାରେ ଥିବା କିଛି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତିଙ୍କ ଚାପରେ ଟେଣ୍ଡର ଦିଆଯାଇଥିବା ଅଭିଯୋଗ। ଆନନ୍ଦପୁର ସିଡିପିଓ ମଞ୍ଜୁଲତା ସିଂହ କହିଛନ୍ତି ଆମେ ଯାଞ୍ଚ କରିବା ବେଳେ ତାଙ୍କ ପାଖରେ ସମସ୍ତ ଯନ୍ତ୍ରପାତି ମହଜୁଦ୍ ଥିଲା। ସେଥିପାଇଁ ତାଙ୍କୁ ଟେଣ୍ଡର ଦିଆଯାଇଛି। ସିଡିପିଓଙ୍କ ସଫେଇ ପରେ ମଧ୍ୟ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଟେଣ୍ଡର ବିଜ୍ଞପ୍ତିଠାରୁ ଆରମ୍ଭ କରି ଆବେଦନ, ଯୋଗ୍ୟତା ଯାଞ୍ଚ, ମୂଲ୍ୟାୟନ ଓ ଚୟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ସଠିକ୍ ରହିଛି କି ନାହିଁ ତାହା ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଯଦି ଅଭିଯୋଗରେ ସତ୍ୟତା ରହିଛି, ତେବେ ଦାୟୀ ଅଧିକାରୀ କିମ୍ବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ କି? ତାହା ଦେଖିବାକୁ ବାକି ରହିଲା।




# ଘର ତାଲା ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

**ସତ୍ୟବାଦୀ, ୨୦।୮ (ସଂଚାର ବ୍ୟୁରୋ):** ଘରର ତାଲା ଭାଙ୍ଗି ଟିଭି ଓ ନଗଦ ଟଙ୍କା ଚୋରି ଅଭିଯୋଗରେ ସତ୍ୟବାଦୀ ପୁଲିସ ଗୋପ ଥାନା ଅନ୍ତର୍ଗତ ନୂଆହାଟ ଚଢ଼େଇଖିଆ ଗ୍ରାମର ଏସ୍‌କେ ରାଜନ (୩୨)ଙ୍କୁ ଗିରଫ କରିଛି। ଅଭିଯୋଗକାରିଣୀ ବାସୁକେରା ଗ୍ରାମର ହରପ୍ରିୟା ଷଡ଼ଙ୍ଗୀ (୩୫)ଙ୍କ ଘରୁ ୭, ୫୦୦ ଟଙ୍କା, ଏଲ୍ଇଡି ଟିଭି ଓ ରୁପା ବ୍ରେସଲେଟ୍ ଚୋରି ହୋଇଥିଲା। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୭, ୫୦୦ ଟଙ୍କା ଓ ଗୋଟିଏ ୨୪ ଇଞ୍ଚ ମାକ୍ର ଏଲ୍ଇଡି ଟିଭି ଜବତ କରିଛି। ଅଭିଯୁକ୍ତଙ୍କ ନାମରେ ଗୋପ ଥାନାରେ ପୂର୍ବରୁ ଦୁଇଟି ମାମଲା ଥିବା ପୁଲିସ ସୂଚନା ଦେଇଛି। ଏନେଇ ସତ୍ୟବାଦୀ ଥାନାରେ କେସ୍ ନଂ. ୩୩୬/୨୦୨୬ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଜେଏମ୍ଏଫ୍‌ସି, ସତ୍ୟବାଦୀଙ୍କ ଅଦାଲତକୁ ପଠାଯାଇଛି।

# କେନାଲରେ ଫସିଲା ଛୁଆ ହାତୀ, ଜଗି ରହିଲା ମା'

**ଯୋଡ଼ା,୨୦।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବନାଞ୍ଚଳର କାହ୍ନୁସାହି ନିକଟରେ କାନୁପୁର କେନାଲରେ ଖସିପଡ଼ିଥିବା ଏକ ଛୁଆ ହାତୀକୁ ପ୍ରାୟ ୩ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ବନ ବିଭାଗ ଓ ସ୍ଥାନୀୟ ଲୋକେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଛୁଆ ହାତୀଟି କେନାଲ ଭିତରେ ଫସିଥିବା ବେଳେ ମା' ହାତୀ ଦୀର୍ଘ ସମୟ ଧରି ତା' ପାଖରେ ଜଗି ରହିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ୯ଟା ସମୟରେ ସାତହଳିଆ ପଟୁ ଆସିଥିବା ପ୍ରାୟ ୧୮ଟି ହାତୀଙ୍କ ଏକ ପଲ ଜାମୁଦଲକ ପଞ୍ଚାୟତର କାହ୍ନୁସାହି ଦେଇ ଯାଉଥିଲେ। କାନୁପୁର କେନାଲ ପାର୍ ହେବା ସମୟରେ ମା' ଓ ଛୁଆ ହାତୀ ଅସାବଧାନତାବଶତଃ କେନାଲ ଭିତରକୁ ଖସିପଡ଼ିଥିଲେ। ମା' ହାତୀଟି କୌଣସି ପ୍ରକାରେ କେନାଲରୁ ବାହାରି ଆସିଥିଲେ ମଧ୍ୟ ଛୁଆ ହାତୀଟି ଉପରକୁ ଚଢ଼ି ନପାରି ଭିତରେ ଫସି ରହିଥିଲା। ହାତୀପଲର ଅନ୍ୟ ସଦସ୍ୟମାନେ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ ମଧ୍ୟ ମା' ହାତୀ ଛୁଆକୁ ଛାଡ଼ି ଯାଇନଥିଲା। ଛୁଆକୁ ବାହାର



କରିବା ପାଇଁ ମା' ହାତୀ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲା। ଖବର ପାଇ ଚମ୍ପୁଆ ରେଞ୍ଜରଙ୍କ ସମେତ ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମା' ହାତୀଟି ନିକଟରେ ଥିବାରୁ ଉଦ୍ଧାର କାର୍ଯ୍ୟରେ ସତର୍କତା ଅବଲମ୍ବନ କରାଯାଇଥିଲା। ପରେ ବନ ବିଭାଗ କର୍ମଚାରୀମାନେ କେନାଲ ଭିତରେ ବାଲିବସ୍ତା ଓ ବଡ଼ ପଥର ପକାଇ ଛୁଆ ହାତୀଟି ଉପରକୁ ଚଢ଼ିବା ପାଇଁ ଏକ ପଥ ପ୍ରସ୍ତୁତ କରିଥିଲେ। ଦୀର୍ଘ ପ୍ରାୟ ତିନି ଘଣ୍ଟାର ଉଦ୍ୟମ ପରେ ଶେଷରେ ଛୁଆ ହାତୀଟି ସୁରକ୍ଷିତ ଭାବେ କେନାଲରୁ ବାହାରି ଆସିଥିଲା। ପରେ ମା' ଓ ଛୁଆ ହାତୀ ଉଭୟ ନିକଟସ୍ଥ ସୁନାପଶି-ତଳବେଡ଼ା ଜଙ୍ଗଲ ଅଭିମୁଖେ ଚାଲିଯାଇଥିବା ଜଣାପଡ଼ିଛି।

# ମଦବିକ୍ରି ବନ୍ଦ କରିବାକୁ ମହିଳା ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଫୁଲବାଣୀ,୨୦।୮(ସଂଚାର ବ୍ୟୁରୋ):** ସମଗ୍ର କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ରେ ଚୋରା ଦେଶୀ ଓ ବିଦେଶୀ ମଦ ର କାରବାର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଘରେ ଘରେ ଅସନ୍ତୋଷ ଦେଖା ଦେଉଛି। ଏ ସବୁ କୁ ଦୃଷ୍ଟି ରେ ରଖି କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକ ର ମାର୍ଲାଙ୍ଗ ପଞ୍ଚାୟତ ର ମହିଳା ଗୋଷ୍ଠୀ ଏକତ୍ରିତ ହୋଇ ସମଗ୍ର ଗ୍ରାମକୁ ନିଶାମୁକ୍ତ କରିବା ନିମନ୍ତେ ସ୍ଥାନୀୟ ଉପ ଜିଲାପାଳ ଶ୍ରୀମତୀ ପ୍ରଣୀତା ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣା ରୁ ପ୍ରକାଶ ଯେ, ବାଲିଗୁଡା ଉପଖଣ୍ଡ ଅନ୍ତଗତ ମାର୍ଲାଙ୍ଗ ପଞ୍ଚାୟତ ର ସାଲକି ସିତାଗୁଡା ଓ ସାଲକି ବୁଡାଗୁଡାରେ ଆଜକୁ ଦୀର୍ଘ ଦିନ ଧରି ବହୁଳ ଭାବରେ ମହୁଲି ଓ ବିଦେଶୀ ମଦ ବିକ୍ରି ହେଉଛି। ମଦ ଯୋଗୁଁ ପରିବାର ଏବଂ ଗ୍ରାମରେ ସବୁବେଳେ ଆଶାନ୍ତିକର ପରିବେଶ ଲାଗି ରହୁଛି। ଯୁବଗୋଷ୍ଠୀ ନିଶା ବ୍ୟବହାର କରି ବିପଥଗାମୀ ହେଉଛନ୍ତି। ଅନେକ ଲୋକଙ୍କ ଜୀବନହାନୀ ହୋଇଛି। ନିଶାମୁକ୍ତ ପାଇଁ ପୂର୍ବରୁ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ଭଦ୍ର ବ୍ୟକ୍ତିମାନେ ବିଶାଳ ବିକ୍ଷୋଭ ପ୍ରଦର୍ଶନ ସହ ଶୋଭଯାତ୍ରା କରିଥିଲେ। ପଥ ପ୍ରାନ୍ତ ନାଟକ ଏବଂ ସଚେତନତା ଶିବିର କରାଯିବା ପରେ ମଧ୍ୟ କୌଣସି ପ୍ରକାରେ ସୁଫଳ ମିଳୁନି। ତେଣୁ ଗ୍ରାମରେ ମଦବିକ୍ରି ବନ୍ଦ କରିବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲାପାଳ କହିଛନ୍ତି।

# ଅଙ୍ଗନୱାଡି କର୍ମୀ ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

## ମିଡିଆ ଆଗରେ କର୍ମୀଙ୍କୁ ସିଡିପିଓ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ



**କୋରାପୁଟ,୨୦।୮(ସଂଚାର ବ୍ୟୁରୋ):** ଆଜି ସୁନାବେଡ଼ା ଅଙ୍ଗନୱାଡି କର୍ମୀ ମାନେ ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।ଏଥର ଦାବି ନୁହେଁ, ମିଡିଆ ଆଗରେ କର୍ମୀଙ୍କୁ ସିଡିପିଓଙ୍କ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟିଥିଲେ। ଗତ ୧୭ ତାରିଖ ଦିନ ସୁନାବେଡ଼ା ସିଡିପିଓ ନଳିନୀ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ କିଛି ଅଙ୍ଗନୱାଡି କର୍ମୀଙ୍କୁ ଅସାମାଜିକ ବୋଲି କହିଥିବା ସେମାନେ ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖ ଦିନ ଭାରତୀୟ ମଜଦୁର ସଂଘର ରାଲିରେ ଯୋଗଦେବା ପାଇଁ ସାମୂହିକ କାର୍ଯ୍ୟ ବନ୍ଦ କରିଥିଲେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗତ ୧୫ ତାରିଖ ଦିନ ଅଙ୍ଗନୱାଡି କର୍ମୀ ମାନେ ଜିଲ୍ଲାପାଳଙ୍କୁ ଭେଟି ସିଡିପିଓଙ୍କ ବିରୋଧରେ ଦାବିପତ୍ର ପ୍ରଦାନ କରି ତଦନ୍ତ କରିବାକୁ ଦାବି କରିଥିଲେ। ଆମ୍ଭମାନଙ୍କ ଉପରେ ସିଡିପିଓ ଏଭଳି କଟୁ ମନ୍ତବ୍ୟକୁ ନେଇ କିପରି କାର୍ଯ୍ୟ କରିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।ତେଣୁ ଆପଣ ପୂର୍ବରୁ ଦେଇଥିବା ଦାବିପତ୍ରର ତ୍ୱରିତ ତଦନ୍ତ କରିବା ସହ ଆଜି ଦେଇଥିବା ଦାବିର ମଧ୍ୟ ତୁରନ୍ତ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।ସୁନାବେଡ଼ା ଶିଶୁ ବିକାଶ ବିଭାଗରେ ଅଧିକାରୀ ଏବଂ କର୍ମୀ ମାନେ ପରସ୍ପରକୁ ଦୋଷାରୋପ କରିବେ ତେବେ ଶିଶୁ ଓ ମହିଳା ମାନଙ୍କ କାର୍ଯ୍ୟ କିପରି ହେବ ବୋଲି ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି।ତେଣୁ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।ଆସନ୍ତାକାଲି ଜିଲ୍ଲାପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ତଦନ୍ତ କରିବାକୁ ସୁନାବେଡ଼ା ଶିଶୁ ବିକାଶ ବିଭାଗ ଗସ୍ତ କରିବେ ବୋଲି ସୂଚନା ମିଳିଛି।

# ସନ୍ଥଗୁରୁ ରବିଦାସଙ୍କ ୬୫୦ ଜୟନ୍ତୀ ପାଳିତ



**ହିଞ୍ଜିଳିକାଟୁ,୨୦।୮(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ନେତାଜୀ କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ଜାତୀୟ ପାର୍ଟି ଘୁମୁସର (ଆସ୍କା )ଜିଲ୍ଲା ତରଫରୁ ସନ୍ଥ ଶିରୋମଣି ଗୁରୁ ରବିଦାସଙ୍କ ୬୫୦ତମ ଜୟନ୍ତୀ ଉପଲକ୍ଷେ 'ସମରସ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିକାଶ ସେଠୀଙ୍କ ସଂଯୋଜନାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରୁ ବହୁ ମହିଳା ଓ ପୁରୁଷ ନାମସଂକୀର୍ତ୍ତନ କଳସ ଯାତ୍ରା ବାହାରି ନଗର ପରିକ୍ରମା କରି ନେତାଜୀ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ମହନ୍ତ ଚିନ୍ମୟ ନନ୍ଦ ମହାରାଜ, କୃଷକ ମୋର୍ଚ୍ଚା ସଭାପତି ମନୋଜ ପ୍ରଧାନ, ବିଜେପି ନେତା ମାଧବ ଗୌଡ, ରୋଶନ ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। କୀର୍ତ୍ତନ ଓ ଭକ୍ତିମୟ ପରିବେଶ ମଧ୍ୟରେ ଆୟୋଜିତ ଏହି 'କଳସ ବନ୍ଦନ ଅଭିଯାନ' ମାଧ୍ୟମରେ ସାମାଜିକ ସମରସତା, ଭାଇଚାରା, ସମାନତା ଓ ସାମାଜିକ ଏକତାର ବାର୍ତ୍ତା ପ୍ରଚାର କରାଯାଇଥିଲା।




# ଜ୍ୱର ଓ ପେଟ ଯନ୍ତ୍ରଣାରେ ଚିନ୍ତିତ କି ?



ବର୍ଷର ଏହି ସମୟରେ ଖାଦ୍ୟ ଏବଂ ଜଳଜନିତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଏ। ଏଥିରେ ପାଗ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଡକ୍ଟର ସୌରଦୀପଙ୍କ ଅନୁସାରେ ଗରମ ଏବଂ ଆର୍ଦ୍ରତାର ମିଶ୍ରଣ ବ୍ୟାକ୍ଟେରିଆ ଓ ଭାଇରସ ପାଇଁ ସବୁଠାରୁ ଅନୁକୂଳ ପରିବେଶ ସୃଷ୍ଟି କରେ। ଏହାର ଅର୍ଥ ହେଉଛି ଆମେ ଯେଉଁ ପାଗକୁ ଅସହଜ ମନେ କରୁ ତାହା ସେମାନଙ୍କର ବୃଦ୍ଧି ପାଇଁ ଉପଯୁକ୍ତ। ସେମାନେ ଶରୀରରେ ପ୍ରବେଶ କରିବା ମାତ୍ରେ ଆପଣଙ୍କର ପାଚନ ପ୍ରଣାଳୀ ପ୍ରଥମେ ପ୍ରଭାବିତ ହୁଏ। ଏହା ପେଟରୁ ଆରମ୍ଭ ହୁଏ, ଏବଂ ବାନ୍ତି, ବାନ୍ତି, ପେଟ ଦରଜ, ଝାଡ଼ା, ଗ୍ୟାସ୍ ଏବଂ ଫୁଲିବା ଭଳି ସମସ୍ୟା ଦେଖାଦିଏ। ଏହି ଅବସ୍ଥା ବହୁତ କଷ୍ଟଦାୟକ ଏବଂ ଏହାକୁ ଅଣଦେଖା କରିବା ଉଚିତ୍ ନୁହେଁ। ପ୍ରକୃତ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ବାନ୍ତି ଏବଂ ଝାଡ଼ା ଶରୀରରୁ ଦ୍ରୁତ ଜଳ ହ୍ରାସ ପାଏ, ଯାହା ଫଳରେ ନିର୍ଜଳନ ହୁଏ। ଡିହାଇଡ୍ରେସନ୍ କେବଳ ଶୋଷ ନୁହେଁ, ଏହା ଶରୀରର ସାମଗ୍ରିକ ସନ୍ତୁଳନକୁ ବ୍ୟାହତ କରେ। ଏହା ଜ୍ୱର ଓ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ। ଶରୀର ସଂକ୍ରମଣ ସହିତ ଲଢ଼ିବାକୁ ଚେଷ୍ଟା କରେ କିନ୍ତୁ ଯେତେବେଳେ ପାଣି ଓ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ ସେତେବେଳେ ସୁସ୍ଥ ହେବା ଅଧିକ କଷ୍ଟକର ହୋଇଯାଏ। ମୁଣ୍ଡବିନ୍ଧା ଅଧିକ ସମୟ ପର୍ଯ୍ୟନ୍ତ ରହିପାରେ ଏବଂ ଦୁର୍ବଳତା ଆହୁରି ବଢ଼ିପାରେ। ଏହି ସମୟରେ କିଛି ଲୋକ ଅଧିକ ବିପଦରେ ଥାଆନ୍ତି। ପିଲା, ବୃଦ୍ଧ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ବ୍ୟକ୍ତିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡିବ। ଏହା ବ୍ୟତୀତ, ଯେଉଁମାନେ ବାହାରେ ଖାଆନ୍ତି, ବାରମ୍ବାର ଯାତ୍ରା କରନ୍ତି କିମ୍ବା ପରିଷ୍କାର ପାଣି ପିଅନ୍ତି ନାହିଁ ସେମାନଙ୍କ ମଧ୍ୟରେ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ଯଦି ଶରୀର ପୂର୍ବରୁ ଜଳୀୟ ଅଂଶ କିମ୍ବା ଦୁର୍ବଳ ହୋଇଯାଏ, ତେବେ ଅସୁସ୍ଥତା ଶୀଘ୍ର ବିକଶିତ ହୋଇପାରେ। ନିବାରଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଣି ଏବଂ ଖାଦ୍ୟ ପ୍ରତି କଠୋର ହେବା। ସର୍ବଦା ଫୁଟା କିମ୍ବା ଫିଲ୍ଟର ପାଣି ପିଅ। ବାହାରୁ କଞ୍ଚା କିମ୍ବା ଖୋଲା ଖାଦ୍ୟ ଖାଇବାରୁ ଦୂରେଇ ରୁହ, ତାହା ଯେତେ ସ୍ୱାଦିଷ୍ଟ ଦେଖାଯାଉ ନା କାହିଁକି। ସର୍ବଦା ତାଜା ଏବଂ ଗରମ ଖାଦ୍ୟ ଖାଅ, କାରଣ ଗରମ ଅଧିକାଂଶ ଜୀବାଣୁକୁ ମାରିଦିଏ। ହାତ ଧୋଇବା ଏକ ସରଳ କିନ୍ତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ। ଖାଇବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର କରିବା ପରେ ସର୍ବଦା ହାତ ଧୋଇବା। ଏହି ଛୋଟ ଅଭ୍ୟାସ ଆପଣଙ୍କୁ ଅନେକ ରୋଗରୁ ରକ୍ଷା କରିପାରିବ। ଯଦି ଆପଣ ଅସୁସ୍ଥ ହୁଅନ୍ତି, ତେବେ ହାଇଡ୍ରେସନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଶରୀରକୁ ଆବଶ୍ୟକୀୟ ଇଲେକ୍ଟ୍ରୋଲାଇଟ୍ସ ଯୋଗାଇବା ପାଇଁ କେବଳ ପାଣି ନୁହେଁ, ଓଆରଏସ କିମ୍ବା ନଡ଼ିଆ ପାଣି ଭଳି ତରଳ ପଦାର୍ଥ ପିଅନ୍ତୁ।

# କଞ୍ଚା ଆମ୍ବ ସ୍ୱାସ୍ଥ୍ୟ ପାଇଁ ହିତକର

ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଆମ୍ବ ପ୍ରେମୀମାନେ ଖୁସି ହୋଇଯାନ୍ତି। ଫଳର ରାଜା ଅର୍ଥାତ ଆମ୍ବକୁ ଲୋକମାନେ ବର୍ଷସାରା ଉତ୍ସାହର ସହିତ ଅପେକ୍ଷା କରନ୍ତି। ଏପ୍ରିଲ୍ ମାସରେ କଞ୍ଚା ଆମ୍ବ ପ୍ରଚୁର ପରିମାଣରେ ଉପଲବ୍ଧ ହୁଏ। ପାଚିଲା ଆମ୍ବ ଆସିବା ପର୍ଯ୍ୟନ୍ତ, ଲୋକମାନେ କେବଳ କଞ୍ଚା ଆମ୍ବ ବ୍ୟବହାର କରନ୍ତି। ଏହି କଞ୍ଚା ଆମ୍ବ ବହୁତ ସ୍ୱାଦିଷ୍ଟ। କଞ୍ଚା ଆମ୍ବର ନାଁ ଶୁଣିଲେ ହିଁ ପାଟିରେ ଲାଳ ଆସିଯାଏ। ଆମ୍ବ ପଣା, ଆମ୍ବ ଚଟନି ଆଦି କଞ୍ଚା ଆମ୍ବରୁ ତିଆରି। କିନ୍ତୁ କଣ ଆପଣ ଜାଣିଛନ୍ତି କଞ୍ଚା ଆମ୍ବ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ତେବେ ଆସନ୍ତୁ ଜାଣିବା କଞ୍ଚା ଆମ୍ବ ଖାଇବାର ଲାଭ କ'ଣ ? କଞ୍ଚା ଆମ୍ବ ଅନେକ ପୋଷକ ତତ୍ତ୍ୱର ଭଣ୍ଡାର ଅଟେ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ଇ, କ୍ୟାଲସିୟମ୍, ଆଇରନ୍, ଫାଇବର, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ। କଞ୍ଚା ଆମ୍ବ ଗ୍ରୀଷ୍ମ ଋତୁରେ ଉତ୍ତାପରୁ ରକ୍ଷା କରିବାରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ- କଞ୍ଚା ଆମ୍ବ ଖାଇବା ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ ଏବଂ ଶରୀରକୁ ରୋଗରୁ ଦୂରେଇ ରଖେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ କଞ୍ଚା ଆମ୍ବ ଖାଇବା ଉଚିତ୍। ଏହା ସହିତ ଗ୍ରୀଷ୍ମଋତୁ ସମୟରେ ଘଟୁଥିବା ଅନେକ ରୋଗକୁ ରୋକାଯାଇପାରିବ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ- ଯେଉଁମାନେ କଞ୍ଚା ଆମ୍ବ ଖାଆନ୍ତି, ହଜମ ପ୍ରକ୍ରିୟାରେ କମ୍ ସମସ୍ୟା ଥାଏ। କଞ୍ଚା ଆମ୍ବ ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣରେ ଫାଇବର ମିଳିଥାଏ। ଯେଉଁ କାରଣରୁ କୋଷ୍ଠକାଠିନ୍ୟ ଦୂର ହୁଏ। କଞ୍ଚା ଆମ୍ବର ଗ୍ୟାଷ୍ଟ୍ରୋପ୍ରୋଟେକ୍ଟିଭ୍ ଇଫେକ୍ଟ ଅଛି ଯାହା ଏସିଡ଼ିଟି ସମସ୍ୟାକୁ ମଧ୍ୟ ହ୍ରାସ କରିଥାଏ। କଞ୍ଚା ଆମ୍ବ ଖାଇବା ଦ୍ୱାରା ବଦହଜମି ଏବଂ ଗ୍ୟାସରୁ ମୁକ୍ତି ମିଳିଥାଏ। ଲୁ' ପ୍ରଭାବରୁ ରକ୍ଷା ପାଇବା ପାଇଁ କଞ୍ଚା ଆମ୍ବ ପଣା ପିଇବା ଉଚିତ। କଞ୍ଚା ଆମ୍ବ ଖାଇବା ଦ୍ୱାରା ଲୁ' ଲାଗିବାର ଆଶଙ୍କା କମିଯାଏ। ଏହା ଶରୀରକୁ ହାଇଡ୍ରେଟ୍ ରଖେ ଏବଂ ଥଣ୍ଡାକୁ ବଜାୟ ରଖେ। ତେଣୁ ଗ୍ରୀଷ୍ମ ଋତୁରେ କଞ୍ଚା ଆମ୍ବ ଖାଇବା ଅତ୍ୟନ୍ତ ଆବଶ୍ୟକ। କଞ୍ଚା ଆମ୍ବରେ କ୍ୟାଲସିୟମ୍ ମଧ୍ୟ ମିଳିଥାଏ। ଯେଉଁ କାରଣରୁ ହାଡ ଶକ୍ତିଶାଳୀ ହୁଏ। ତେଣୁ, ଗ୍ରୀଷ୍ମ ସମୟରେ ଆପଣଙ୍କ ଖାଦ୍ୟରେ କଞ୍ଚା ଆମ୍ବ ଅନ୍ତର୍ଭୁକ୍ତ କରନ୍ତୁ। ଆପଣ ପିଲାମାନଙ୍କୁ ଆମ୍ବ ପଣା କିମ୍ବା ଚଟନି ମଧ୍ୟ ଦେଇପାରିବେ। କଞ୍ଚା ଆମ୍ବରେ ଆଣ୍ଟି-ଡାଇବେଟିକ ପ୍ରଭାବ ଦେଖିବାକୁ ମିଳିଛି। ଯେଉଁ କାରଣରୁ ରକ୍ତରେ ସୁଗାର ଲେଭଲ ନିୟନ୍ତ୍ରଣ କରାଯାଇପାରିବ। ଏହାର ଅର୍ଥ କଞ୍ଚା ଆମ୍ବ ଖାଇବା ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ତଥାପି, ନିଶ୍ଚିତ ଭାବରେ ଥରେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ଶକ୍ତି ବଢ଼ାଇବାକୁ ଅଶ୍ୱଗନ୍ଧା ଖାଆନ୍ତୁ



ଆୟୁର୍ବେଦିକ ଗ୍ରନ୍ଥ ଅନୁସାରେ, ଅଶ୍ୱଗନ୍ଧା ମୂଳ ବା ଚେର ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ । ଏହାକୁ ସଠିକ ପରିମାଣରେ ସେବନ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ। ଅଶ୍ୱଗନ୍ଧାକୁ ଏକ ଔଷଧ ଭାବରେ ସେବନ କରାଯାଏ, ଯାହା ଶରୀରର ଶକ୍ତି ବୃଦ୍ଧି କରିବା ସହ ଚାପ କମାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। କିନ୍ତୁ ଅଶ୍ୱଗନ୍ଧା ସେବନକୁ ନେଇ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (FS-SAI) ନୂଆ ଚେତାବନୀ ଜାରି କରିଛି । ଅଶ୍ୱଗନ୍ଧା ପତ୍ର ବ୍ୟବହାରକୁ ନିଷେଧ କରିଛି ଏଫଏସଏସଆଇ । ଖାଦ୍ୟ କିମ୍ବା ଅନ୍ୟ ଉତ୍ପାଦରେ ଅଶ୍ୱଗନ୍ଧାର ଚେର ବ୍ୟବହର ପାଇଁ ଅନୁମତି ରହିଛି । ହେଲେ କିଛି କମ୍ପାନୀ ସେମାନଙ୍କ ଖାଦ୍ୟ ଉତ୍ପାଦରେ ଅଶ୍ୱଗନ୍ଧାର ପତ୍ର ବ୍ୟବହାର କରୁଛନ୍ତି । ତେଣୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପତ୍ରର ବ୍ୟବହାର ଉପରେ ବ୍ୟାନ ଲଗାଇ ଦେଇଛି । କୌଣସି ଖାଦ୍ୟ ଉତ୍ପାଦରେ ଅଶ୍ୱଗନ୍ଧାର ପତ୍ର ବ୍ୟବହାର ହୋଇପାରିବ ନାହିଁ । ଆୟୁଷ ମନ୍ତ୍ରଣାଳୟ ମଧ୍ୟ, ଅଶ୍ୱଗନ୍ଧାର ଚେର ବ୍ୟବହାରକୁ ଅନୁମତି ଦେଇଥିବା ବେଳେ, ପତ୍ର ବ୍ୟବହାର ଉପରେ ରୋକ ଲଗାଇଛି । ସେପଟେ ଆୟୁର୍ବେଦିକ ବିଶେଷଜ୍ଞଙ୍କ ଅନୁସାରେ, ପୁରାତନ ଗ୍ରନ୍ଥରେ ଅଶ୍ୱଗନ୍ଧାର ଚେର ସେବନ ସଂପର୍କରେ ଉଲ୍ଲେଖ ରହିଛି । ହେଲେ ଏହା ପତ୍ରରେ ଔଷଧୀୟ ଗୁଣ ରହିଛି। କିନ୍ତୁ ଏଥିରେ ବିଭିନ୍ନ ଉପାଦାନ ଅସନ୍ତୁଳିତ ଉପାୟରେ ଥାଇପାରେ । ଅଶ୍ୱଗନ୍ଧାର ଚେରକୁ ଔଷଧୀୟ ଉତ୍ପାଦ ଭାବରେ ସେବନ କରାଯାଇପାରିବ, କିନ୍ତୁ ଏହାର ପତ୍ର ସେବନ କରିବା ଠିକ୍ ନୁହେଁ । ଏହି ପତ୍ର ଶରୀରରେ ଟକ୍ସିସିଟି ବଢ଼ାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଯଦିଓ ଅଶ୍ୱଗନ୍ଧା ଚେର ଶରୀର ପାଇଁ ଭଲ, କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ବିନା ଏହାକୁ ସେବନ କରିବା ଅନୁଚିତ । ଅଶ୍ୱଗନ୍ଧାର ବୈଜ୍ଞାନିକ ନାମ 'Withania somnifera' । ଅଶ୍ୱଗନ୍ଧା ଦୁଇଟି ସଂସ୍କୃତ ଶବ୍ଦ 'ଅଶ୍ୱ' ଏବଂ 'ଗନ୍ଧ'ରୁ ସୃଷ୍ଟି । ଏହାର ଚେରରୁ ଅଶ୍ୱର ସ୍ୱେଦ ଭଳି ଗନ୍ଧ ବାହାରେ । କୁହାଯାଏ, ଅଶ୍ୱଗନ୍ଧାର ଚେର ସେବନ କଲେ, ବ୍ୟକ୍ତିକୁ ଘୋଡ଼ା ଭଳି ଶକ୍ତି ମିଳେ । ରିପୋର୍ଟ ଅନୁସାରେ, ଅଶ୍ୱଗନ୍ଧା ଶରୀରରେ କର୍ଟିସୋଲ (Cortisol)ର ମାତ୍ରାକୁ କମ୍ କରେ, ଏହା ଏକ ଷ୍ଟ୍ରେସ୍ ହରମୋନ୍ । ଅଶ୍ୱଗନ୍ଧା ମସ୍ତିଷ୍କକୁ ଥଣ୍ଡା ରଖିବାରେ ବି ସାହାଯ୍ୟ କରେ । ଆଥଲେଟ୍ ଏବଂ ଜିମ୍ କରୁଥିବା ଲୋକେ, ମାଂଶପେସୀର ଶକ୍ତି ଏବଂ ଷ୍ଟାମିନା ବଢ଼ାଇବାକୁ ଏହାର ସେବନ କରନ୍ତି ।

# ପେନ୍ କିଲର ଖାଇଲେ ତୁରନ୍ତ କିପରି ଯନ୍ତ୍ରଣାରୁ ମିଳେ ମୁକ୍ତି ?



ଯେତେବେଳେ ଶରୀରରେ କୌଣସି ପ୍ରକାରର ଯନ୍ତ୍ରଣା ହୋଇଥାଏ, ଲୋକମାନେ ପ୍ରାୟତଃ ପେନ କିଲର ଖାଇଥାନ୍ତି। ଖାସ କଥା ହେଉଛି ଏହି ଔଷଧ ଗ୍ରହଣ କରିବାର କିଛି ସମୟ ପରେ ଯନ୍ତ୍ରଣା କମ୍ ହୋଇଥାଏ। ତେବେ ଏହା କିପରି ସମ୍ଭବ ହୋଇଥାଏ। ଶରୀରରେ ଯନ୍ତ୍ରଣା ହେବା ମାତ୍ରେ ଏକ ପ୍ରକାର ସଙ୍କେତ ମିଳିଥାଏ ଯେ କୌଣସି ସ୍ଥାନରେ କିଛି ସମସ୍ୟା, ଆଘାତ କିମ୍ବା ପ୍ରଦାହ ହୋଇଛି। ଯେତେବେଳେ ଏହି ଯନ୍ତ୍ରଣା ହୁଏ, ସେତେବେଳେ ଶରୀରରେ ପ୍ରୋଷ୍ଟାଗ୍ଲାଣ୍ଡିୟସ୍ ନାମକ ରାସାୟନିକ ପଦାର୍ଥ ଉତ୍ପାଦିତ ହୁଏ, ଯାହା ମସ୍ତିଷ୍କକୁ ଯନ୍ତ୍ରଣାର ସ୍ଥାନ ବିଷୟରେ ସ୍ନାୟୁ ମାଧ୍ୟମରେ ସଙ୍କେତ ଦିଏ। ଅଧିକାଂଶ ପେନ୍ କିଲର୍, ଯେପରିକି ପାରାସିଟାମଲ୍ ଏବଂ ଆଇବୁପ୍ରୋଫେନ୍, ଶରୀରରେ ଯନ୍ତ୍ରଣା ସୃଷ୍ଟିକାରୀ ରାସାୟନିକ ପଦାର୍ଥର ଉତ୍ପାଦନ ହ୍ରାସ କରିବାରେ ସାହାଯ୍ୟ କରନ୍ତି। ଏହି ଔଷଧଗୁଡ଼ିକ ପ୍ରୋଷ୍ଟାଗ୍ଲାଣ୍ଡିୟସ୍ ଉତ୍ପାଦନକୁ ଅବରୋଧ କରିବାରେ ସାହାଯ୍ୟ କରନ୍ତି। ଯେତେବେଳେ ଏହି ରାସାୟନିକ ପଦାର୍ଥଗୁଡ଼ିକ କମ୍ ଉତ୍ପାଦିତ ହୁଏ, ସେତେବେଳେ ଯନ୍ତ୍ରଣା ସଙ୍କେତଗୁଡ଼ିକ ସ୍ନାୟୁକୁ କମ୍ ସଂଚାରିତ ହୁଏ। ଫଳସ୍ୱରୂପ, ଆମେ ଯନ୍ତ୍ରଣାରୁ ମୁକ୍ତି ଅନୁଭବ କରୁ। ଏହି ଔଷଧଗୁଡ଼ିକ ପେଟରେ ପ୍ରବେଶ କରିବା ପରେ ରକ୍ତରେ ଶୀଘ୍ର ମିଶିଯାଏ। ଏହା ପରେ ରକ୍ତପ୍ରବାହ ମାଧ୍ୟମରେ ସାରା ଶରୀରରେ ଦ୍ରୁତ ଗତିରେ ଖୋଳେଇ ହୋଇଥାଏ, ବିଶେଷକରି ମସ୍ତିଷ୍କ ଏବଂ ଯନ୍ତ୍ରଣା ହେଉଥିବା ସ୍ଥାନକୁ ପ୍ରଭାବିତ କରେ। ସାଧାରଣତଃ, ଅଧିକାଂଶ ପେନ୍ କିଲର ୨୦ ରୁ ୩୦ ମିନିଟ୍ ମଧ୍ୟରେ କାମ କରିବା ଆରମ୍ଭ କରନ୍ତି। ବିଭିନ୍ନ ପ୍ରକାରର ପେନ୍ କିଲର୍ ଅଛି, ଏବଂ ସେମାନଙ୍କର କାର୍ଯ୍ୟ କରିବାର ପଦ୍ଧତି ମଧ୍ୟ ଭିନ୍ନ। ପାରାସିଟାମଲ୍ ପରି ସାଧାରଣ ପେନ୍ କିଲର୍ ଜ୍ୱର କମାଇଥାଏ, କିନ୍ତୁ ପ୍ରଦାହ ଉପରେ ଏଗୁଡ଼ିକର ବିଶେଷ ପ୍ରଭାବ ପଡ଼ିନଥାଏ। ଆଇବୁପ୍ରୋଫେନ୍ ଭଳି ଔଷଧ, ଯାହା ପ୍ରଦାହ ସହିତ ଯନ୍ତ୍ରଣା ଉପରେ ମଧ୍ୟ କାମ କରେ। ଏଗୁଡ଼ିକ ଯନ୍ତ୍ରଣା ଅନିୟନ୍ତ୍ରିତ ହେଲେ ଦିଆଯାଏ, କାରଣ ଏଗୁଡ଼ିକ ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରେ। ତଥାପି, ଡାକ୍ତରଙ୍କ ପରାମର୍ଶ ବିନା ଏଗୁଡ଼ିକୁ ନେବା କ୍ଷତିକାରକ ହୋଇପାରେ।

## ବନ୍ୟା ଘେରରେ ୧୭ ପଞ୍ଚାୟତ

# ମାସେ ହେଲା ଜଳବନ୍ଦୀ ଜୀବନ



ଭଦ୍ରକ,୨୦।୮(ସଂଚାର ବ୍ୟୁରୋ): ବନ୍ୟାରେ ଉବୁଟୁବୁ ଭଦ୍ରକ ଜିଲ୍ଲା ଚାନ୍ଦବାଲି। ବୈତରଣୀ ଓ ସାଳନ୍ଦୀ ନଦୀରେ ଚତୁର୍ଥ ବନ୍ୟା ଆସିବା ପରେ ଚାନ୍ଦବାଲି ବ୍ଲକର ୧୭ଟି ପଞ୍ଚାୟତ ଏବେ ବି ଜଳବନ୍ଦୀ ହୋଇ ରହିଛି। ବନ୍ୟା ଜଳ ଘେରରେ ରହିଛି ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣି ପୀଠ। ଫଳରେ ଆରଡ଼ି ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ବୈତରଣୀ ଓ ସାଳନ୍ଦୀରେ ବାରମ୍ବାର ବନ୍ୟା ଆସୁଥିବାରୁ ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ପ୍ରାୟ ମାସେ ହେଲା ବନ୍ୟା ଘେରରେ ରହିଥିବା ଲୋକଙ୍କ ଜୀବନ ଓ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଦୈନନ୍ଦିନ କାମଧନ୍ଦା ବନ୍ଦ ହୋଇଯାଇଥିବା ବେଳେ ଯାତାୟାତ ମଧ୍ୟ ଠପ୍ ହୋଇପଡ଼ିଛି । ଏପଟେ ବନ୍ୟା ସୁଯୋଗରେ ବଜାର ଦର ବଢ଼ିଥିବା ଅଭିଯୋଗ ହୋଇଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ଲୋକଙ୍କୁ ଅଧିକ ଟଙ୍କା ଗଣିବାକୁ ପଡୁଛି। ବନ୍ୟା ଯୋଗୁଁ ଲୋକଙ୍କ ସମସ୍ୟା ଦୁଇଗୁଣିତ ହୋଇଛି । ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ମନ୍ଦିରରେ ମଧ୍ୟ ବନ୍ୟାଜଳ ପ୍ରବେଶ କରିଛି। ପୀଠକୁ ଚାରିପଟୁ ପାଣି ଘେରି ରହିଥିବାରୁ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ଯାତାୟାତ ପ୍ରଭାବିତ ହୋଇଛି । ଭଦ୍ରକ-ଆରଡ଼ି ୨୦ ନମ୍ବର ରାଜପଥ ଉପରେ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଚାନ୍ଦବାଲି-ଆରଡ଼ି ରାସ୍ତାର ମୁଆ ନିକଟରେ ପ୍ରାୟ ୪ ଫୁଟ୍ ଉଚ୍ଚର ପାଣି ଜମି ରହିଛି । ରାସ୍ତା ଉପରେ ପାଣି ଚାଲୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି । ଲଗାତାର ବନ୍ୟା ଯୋଗୁଁ ଚାନ୍ଦବାଲି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଥମିବାର ନାଁ ଧରୁନି। ତୁରନ୍ତ ରିଲିଫ୍ ଓ ଆବଶ୍ୟକ ସାମଗ୍ରୀ ଯୋଗାଣ ସହ ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଲୋକେ ଦାବି କରିଛନ୍ତି ।

## ମୁଖ୍ୟ ଚିକିତ୍ସାଳୟରେ ଖାଦ୍ୟ ବଦଳରେ ମିଳୁଛି ଦୁର୍ବ୍ୟବହାର

କନ୍ଧମାଳ,୨୦।୮(ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ବିନାମୂଲ୍ୟରେ ଖାଦ୍ୟ ଯୋଗାଣ ବ୍ୟବସ୍ଥା ରହିଥିବା ବେଳେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଏହି ଖାଦ୍ୟ ବଣ୍ଟନକୁ ନେଇ ଅନିୟମିତତା ଅଭିଯୋଗ ଆସିଛି। ନିର୍ଦ୍ଧାରିତ ସମୟରେ ଖାଦ୍ୟ



ମିଳୁନଥିବା ସହ ଖାଦ୍ୟ ନେବାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଦୁର୍ବ୍ୟବହାର କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସକାଳ, ଦ୍ୱିପ୍ରହର ଓ ରାତିରେ ଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଧାରିତ ସମୟ ଥିଲେ ମଧ୍ୟ ଅନେକ ସମୟରେ ଘଣ୍ଟା ଘଣ୍ଟା ବିଳମ୍ବରେ ଖାଦ୍ୟ ଦିଆଯାଉଛି। କେତେକ ସମୟରେ ଖାଦ୍ୟର ଗୁଣବତ୍ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଥିବା ରୋଗୀ ମାନେ କହିଛନ୍ତି। ଖାଦ୍ୟ ବଣ୍ଟନରେ ବିଳମ୍ବ ସମ୍ପର୍କରେ ପଚାରିଲେ କେତେକ କର୍ମଚାରୀ ଓ ଖାଦ୍ୟ ବିତରଣକାରୀ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଅସଦାଚରଣ କରୁଥିବା ଏବଂ ଖରାପ ଭାଷା ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ସକାଳ ୮ ଟାରେ ଖାଦ୍ୟ ଦେବା କଥା ଥିଲେ ମଧ୍ୟ ୧୦ ଟାରୁ ୧ ଟା ମଧ୍ୟରେ ମିଳୁଛି। ପଚାରିଲେ 'ନେଲେ ନିଅ, ନହେଲେ ଯାଅ' ବୋଲି କୁହାଯାଉଛି। ଗରିବ ଲୋକ ବାହାରୁ ଖାଦ୍ୟ କିଣି ଖାଇବେ କିପରି ? ସେହିପରି ଜଣେ ମହିଳା ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି "ଖାଦ୍ୟ ନେବାକୁ ଯାଇଥିବା ବେଳେ ସେଠାରେ ଥିବା କର୍ମଚାରୀ ମାନେ ଖରାପ ଭାଷା ବ୍ୟବହାର କରିଥିଲେ। ରୋଗୀଙ୍କ ପାଖରେ ରହିବା ପରିବର୍ତ୍ତେ ଖାଦ୍ୟ ପାଇଁ ଦୀର୍ଘ ସମୟ ଧରି ଲାଇନରେ ଠିଆ ହେବାକୁ ପଡୁଛି। ଏଭଳି ଅଭିଯୋଗ ରୋଗୀ ସେବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ଆସୁଥିବା ଆର୍ଥିକ ଦୁର୍ବଳ ରୋଗୀମାନେ ହସ୍ପିଟାଲର ମାଗଣା ଖାଦ୍ୟ ଉପରେ ନିର୍ଭର କରୁଥିବାରୁ, ନିର୍ଦ୍ଧାରିତ ସମୟରେ ଖାଦ୍ୟ ଯୋଗାଣ ଓ ରୋଗୀଙ୍କ ସହ ସମ୍ମାନ ଜନକ ବ୍ୟବହାର ନିଶ୍ଚିତ କରିବା ଜରୁରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ଖାଦ୍ୟର ଗୁଣବତ୍ତା, ବଣ୍ଟନ ସମୟ ଏବଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଆଚରଣ ସମ୍ପର୍କରେ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଦୋଷ ପ୍ରମାଣିତ ହେଲେ ନିୟମାନୁସାରେ ପଦକ୍ଷେପ ନେବା ସହ ରୋଗୀମାନ ଙ୍କୁ ଠିକ ସମୟରେ ଓ ସମ୍ମାନର ସହ ଖାଦ୍ୟ ଯୋଗାଇବା ପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଗୋଶାଳା ପାଇଁ ଭୁମି ପୂଜନ ଓ ଚାରା ରୋପଣ

ସୁବର୍ଣ୍ଣପୁର,୨୦।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମୁଣ୍ଡଘାଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲେହିଡି ଗାଁରେ ଗୋଶାଳା ପାଇଁ ଭୁମି ପୂଜନ ଓ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଯୋଗ ଦେଇଥିବା ବେଳେ ଅତିଥି ଭାବରେ କର୍ମଯୋଗୀ ଗୋବିନ୍ଦ ମହାରଣା, ଅବସରପ୍ରାପ୍ତ ଶିକ୍ଷକ ବେଣୀମାଧବ ମହାପାତ୍ର, ବନପାଳ ପ୍ରଦୀପ କୁମାର ଜେନା ଙ୍କ ସମେତ ଶତାଧିକ ଗ୍ରାମବାସୀ ନିଜକୁ ସାମିଲ କରିଥିଲେ। ଗୋସୁରକ୍ଷା ଭଳି ମହତ୍ କାର୍ଯ୍ୟ ଓ ସୁନ୍ଦର ପ୍ରୟାସ କରିଥିବା ଗ୍ରାମବାସୀଙ୍କୁ ଜିଲ୍ଲାପାଳ ସାବାସୀ ଦେବା ସହିତ ଗାଈମାନଙ୍କ ଉତ୍ତମ ସେବା ଓ ଯତ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ମହାନ କାର୍ଯ୍ୟକୁ କାଞ୍ଜିନିଆଲ ଆଣ୍ଡ ଇଗଲିଟାରୀୟାନ ଘଏଙ୍ଗ ତୁଲାଇବା ପାଇଁ ଆଗେଇ ଆସିଛି। ବହୁସଂଖ୍ୟକ ଗ୍ରାମବାସୀ ଓ ଗୋସେବା ବ୍ରତୀ ବ୍ୟକ୍ତିବିଶେଷ ଉପସ୍ଥିତ ରହି ମତାମତ ରଖି ଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପିତାମ୍ବର ମହାପାତ୍ର, ଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତରହି ଭୂମିପୂଜନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

### ଦୁର୍ଗମ ଅଞ୍ଚଳରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ

## ପାହାଡ଼ ଚଢ଼ି ସ୍କୁଲ ଯାଉଛନ୍ତି ଛୋଟ ପିଲା



କୋରାପୁଟ,୨୦।୮(ସଂଚାର ବ୍ୟୁରୋ): ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ଅବ୍ୟବସ୍ଥା ଯୋଗୁଁ ଛୋଟ ଛୋଟ ପିଲାଙ୍କୁ ପ୍ରତିଦିନ ଅନେକ କଷ୍ଟ ସହି ସ୍କୁଲ ଯିବାକୁ ପଡୁଛି। ନିକଟରେ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଛାତ୍ରଛାତ୍ରୀମାନେ ଦୁର୍ଗମ ପାହାଡ଼ିଆ ରାସ୍ତା ଦେଇ ଦୂରସ୍ଥ ବିଦ୍ୟାଳୟକୁ ଯାଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଖିନବର୍ ଗ୍ରାମ ପଞ୍ଚାୟତ ଡକରିପଦର ଗ୍ରାମରେ। ଗ୍ରାମବାସୀ ମୁଗୁରୀ ପାଙ୍ଗି, କେଶବ ପାଙ୍ଗି, ବନ୍ଧୁ ପାଙ୍ଗି, ଲକ୍ଷ୍ମଣ ପାଙ୍ଗି, ଭାନୁ ପାଙ୍ଗି, ଲିଙ୍ଗୁ ପାଙ୍ଗି ଆଦି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଞ୍ଚଳରେ ଅନେକ ପରିବାର ବସବାସ କରୁଥିବା ସତ୍ତ୍ୱେ ପିଲାମାନଙ୍କ ପାଇଁ ନିକଟସ୍ଥ ପ୍ରାଥମିକ ଶିକ୍ଷାର ସୁବିଧା ନାହିଁ। ଫଳରେ ଛୋଟ ପିଲାମାନେ ପାହାଡ଼ ଓ ଦୁର୍ଗମ ରାସ୍ତା ଅତିକ୍ରମ କରି ପାଠ ପଢ଼ିବାକୁ ଯାଉଛନ୍ତି। ବର୍ଷା ଦିନରେ ଏହି ସମସ୍ୟା ଆହୁରି ଗମ୍ଭୀର ହେଇଯାଉଛି। ଏଥିସହ ଅଞ୍ଚଳର ରାସ୍ତାଘାଟର ଅବସ୍ଥା ମଧ୍ୟ ଶୋଚନୀୟ ଥିବା ଅଭିଯୋଗ ରହିଛି। ଖରାପ ରାସ୍ତା ଯୋଗୁଁ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ମଧ୍ୟ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ସହିଦଙ୍କ ସ୍ମୃତି ସ୍ତମ୍ଭ ପାଲଟିଲା ଗାଡ଼ି ପାର୍କିଂ ଅଳିଆ ଗଦା



କନ୍ଧମାଳ,୨୦।୮(ସଂଚାର ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନର ପ୍ରତୀକ ଅଶୋକ ସ୍ତମ୍ଭ ଆଜି ଅବହେଳାର ଶିକାର ହୋଇଛି। ଫୁଲବାଣୀ ବ୍ଲକ ପରିସରରେ ଥିବା ଏହି ଅଶୋକ ସ୍ତମ୍ଭଟି ଏ ଅଞ୍ଚଳ ର ସହିଦ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ତିଆରି ହୋଇଥିଲା। ବିଶେଷ କରି ସ୍ୱାଧୀନତା ସଂଗ୍ରାମୀ ଚମ୍ପା ଦେଇ ଏବଂ ଶ୍ରୀ ଶତ୍ରୁଘନ ପ୍ରଧାନ ଙ୍କ ନାମରେ ଏହା ଉତ୍ସର୍ଗୀକୃତ। କିନ୍ତୁ ଦୁର୍ଭାଗ୍ୟର କଥା ପ୍ରଶାସନର ଅଣଦେଖା ଯୋଗୁଁ ଏହି ପବିତ୍ର ସ୍ଥାନଟି ଏବେ ଗାଡ଼ି ପାର୍କିଙ୍ଗ ଓ ଅଳିଆ ଗଦାରେ ପରିଣତ ହୋଇଛି। ଉନ୍ନୟନ ବିଭାଗ ପକ୍ଷରୁ ସ୍ତମ୍ଭ ଚାରିପାଖରେ ଯାନବାହାନ ପାର୍କ କରାଯାଉଥିବା ବେଳେ ଆବର୍ଜନା ମଧ୍ୟ ସେହିଠାରେ ଫିଙ୍ଗା ଯାଉଛି। ସ୍ତମ୍ଭ ଉପରେ ଧୂଳି ଜମିଯାଇଛି ଏବଂ ଚାରିପଟେ ଘାସ ଓ ଆବର୍ଜନା ବଢ଼ି ଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟମାନେ କହିଛନ୍ତି। ଯେଉଁ ମାନେ ଦେଶ ପାଇଁ ଜୀବନ ଦେଇଛନ୍ତି ତାଙ୍କ ସ୍ମୃତି ସ୍ତମ୍ଭକୁ ଆମେ ଏଭଳି ଅପମାନିତ କରୁଛୁ? ଏଠାରେ ପ୍ରତିବର୍ଷ ସ୍ୱାଧୀନତା ଦିବସ ଓ ସହିଦ ଦିବସ ପାଳନ ହୁଏ, କିନ୍ତୁ ବାକି ଦିନ ଏହା ଅବହେଳିତ ହୋଇ ପଡ଼ି ରହେ। ଏହି ଦୃଶ୍ୟ ଦେଖି ଜନସାଧାରଣ ଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ କହୁଛନ୍ତି ଯେ ସହିଦଙ୍କ ପ୍ରତି ସମ୍ମାନ ଦେଖାଇବା ପରିବର୍ତ୍ତେ ପ୍ରଶାସନ ତାଙ୍କ ସ୍ମୃତିକୁ ମିଳୁଛି ଅପମାନ କରୁଛି। ତେଣୁ ସାଧାରଣରେ ଦାବି ହେଉଛି ଯେ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଏଥିରେ ହସ୍ତକ୍ଷେପ କରନ୍ତୁ। ଅଶୋକ ସ୍ତମ୍ଭ ଚାରିପାଖରୁ ପାର୍କିଙ୍ଗ ହଟାଇ, ସ୍ଥାନଟିର ସୌନ୍ଦର୍ଯ୍ୟକରଣ କରି ଏହାକୁ ଏକ ସ୍ମାରକୀ ଭାବେ ବିକଶିତ କରାଯାଉ। ସହିଦ ଚମ୍ପା ଦେଇ ଓ ଶତ୍ରୁଘନ ପ୍ରଧାନ ଙ୍କ ନାମ ଲେଖା ଥିବା ଫଳକକୁ ମଧ୍ୟ ନୂତନ କରାଯାଉ। ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ ତେବେ ସାମାଜିକ ସଂଗଠନ ଓ ଯୁବମାନେ ଏକାଠି ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ନୂତନ ଡିଗ୍ରୀ କଲେଜର କ୍ଷେତ୍ର ପରିଦର୍ଶନ



ସୁବର୍ଣ୍ଣପୁର,୨୦।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଐତିହାସିକ ଗ୍ରାମ କଳାପଥର ଠାରେ ଏକ ନୂତନ ଭାବେ ଖୋଲିବାକୁ ଥିବା ଇଂ ଲକ୍ଷ୍ମୀକାନ୍ତ ମେମୋରିଆଲ ଡିଗ୍ରୀ କଲେଜକୁ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ପ୍ରଫେସର୍ ଡଃ. ମୁରଲୀଧର ମାଝି କ୍ଷେତ୍ର ପରିଦର୍ଶନ ପାଇଁ ଆସିଥିଲେ ଓ କଲେଜ ପରିଚାଳନା କମିଟୀ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସରଜମିନ ତଦନ୍ତ କରିଥିଲେ। ଏହି ଅବସରରେ ଅଞ୍ଚଳର ଜନ ଜନସାଧାରଣ ଓ କଲେଜ ପରିଚାଳନା କମିଟୀର ସମସ୍ତ ସଭ୍ୟ ସଭ୍ୟା ପ୍ରମୁଖ ଦଶରଥ ମହାକୁର, ଗୋବିନ୍ଦ ପଧାନ, ରାକେଶ ପଧାନ, ମୁରାରୀ କର୍ମୀ, ଅମିୟ କୁମାର ପଧାନ, ନୀଳମଣି ମହାକୁର, ଅଧ୍ୟାପକ କିଶୋର କୁମାର ସାହୁ, ଅଧ୍ୟାପକ ଶ୍ରୀକାନ୍ତ ପଧାନ ଓ କର୍ମଚାରୀ ଦେବଜାନୀ ମେସୁଆ, ବିପିନ କଲତା, ଶିବବ୍ରତ କଣ୍ଟ, ଶାନ୍ତନୁ ପଧାନ, ବସୁଦେବ ରଣା, ସଞ୍ଜୟ କଣ୍ଟ ଉପସ୍ଥିତ ଥିଲେ।

## ୫୦ ସମ୍ବଳ ଶିକ୍ଷକଙ୍କ ଦିନିକିଆ କର୍ମଶାଳା



ମାଲକାନଗିରି,୨୦।୮(ସଂଚାର ବ୍ୟୁରୋ): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି ଦ୍ୱାରା ଆୟୋଜିତ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଆଜି ପିଏମ୍ଶ୍ରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ବୋଧନ ପ୍ରସଙ୍ଗରେ ସେ କହିଥିଲେ ଯେ ଗୁଣାତ୍ମକ ଶିକ୍ଷାଦାନ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମ୍ବଳ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ଷେତ୍ର ସ୍ତରରେ ଶିକ୍ଷାର ମାନବୃଦ୍ଧି ପାଇଁ ଶିକ୍ଷକମାନେ ନିଷ୍ଠାର ସହ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, କାଳିମେଳା ବ୍ଲକ୍ ଶିକ୍ଷା ଅଧିକାରୀ ରମେଶ ବାରୋଇ ଏବଂ ମାଲକାନଗିରି ବ୍ଲକ୍ ଶିକ୍ଷା ଅଧିକାରୀ ମମତା ସୋୟ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନିତ ୫୦ ଜଣ ସମ୍ବଳ ଶିକ୍ଷକ, ନୋଡାଲ୍ ପ୍ରଧାନ ଶିକ୍ଷକ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଏବଂ ପ୍ରାଥମିକ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଜିଲ୍ଲା, ବ୍ଲକ୍ ଓ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମ ଯଥା ସୁରଭି, ଶିକ୍ଷଣ ଶିକ୍ଷା ସାମଗ୍ରୀ ମେଳା, ପିଏମ୍ଶ୍ରୀ ଉତ୍ସବ, ଦଶମ ଶ୍ରେଣୀ ପାଇଁ ଆସ୍ୱାୟାର, କାନ୍ଥ ପତ୍ରିକା, ଜ୍ଞାନ କାନ୍ଥ, ସ୍କାଉଟ୍ ଓ ଗାଇଡ୍, କ୍ରୀଡ଼ା ଏବଂ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ସମ୍ବଳ ଶିକ୍ଷକମାନଙ୍କୁ ପୁଙ୍ଖାନୁପୁଙ୍ଖ ସୂଚନା ଓ ତାଲିମ ପ୍ରଦାନ କରାଯାଇଥିଲା।

## ବନ୍ୟା କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତି ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ବୈଶିଙ୍ଗା,୨୦।୮(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଆଞ୍ଚଳିକ ବନ୍ୟା ନିୟନ୍ତ୍ରଣ କମିଟି ପକ୍ଷରୁ ଛଅ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଭେଟି ତାଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଙ୍କ ଗ୍ରାମର ପୁରୁଖା ବ୍ୟକ୍ତି ପ୍ରଦୀପ ପରିଡା, ବୀରେନ୍ଦ୍ର ପ୍ରଧାନ, ରାକେଶ ମହାପାତ୍ର, ପରେଶ ପ୍ରଧାନ, ଗିରିଶ ରାଉତ, ଅରୁଣ ସିଂହ, କିଶୋର ରାଉତ, ନିରଞ୍ଜନ ମହାନ୍ତ, ରାଧାକୃଷ୍ଣ ମହାଳିକ ପ୍ରମୁଖ ବନ୍ୟା ପ୍ରପୀଡିତ ଙ୍କ ପକ୍ଷରୁ ଜିଲ୍ଲାପାଳ ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥି ମଧ୍ୟରେ ଗଙ୍ଗାହାର ନଦୀ ର ସୁଉଚ୍ଚ ଓ ସୁଦୃଢ଼ ଆଡ଼ିବନ୍ଧ ନିର୍ମାଣ, ବନ୍ୟା ପୂର୍ବରୁ ରେଡ୍ ଜୋନରେ ତଳି ଅଞ୍ଚଳବାସୀ ଙ୍କୁ ବନ୍ୟା ପୂର୍ବରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା, ଠିକ୍ ସମୟରେ ରିଲିଫ୍ ପ୍ରଦାନ, କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ପ୍ରଦାନ, ବୁଢ଼ାବଳଙ୍ଗ ନଦୀର ନାଖରା ପୋଲ ସୁଉଚ୍ଚ ଓ ସୁଦୃଢ଼ ଭାବେ ନିର୍ମାଣ ଆଦି ଦାବି ପ୍ରଦାନ କରାଯାଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ମଧ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ବାଲ୍ୟ ବିବାହମୁକ୍ତ ସୁବର୍ଣ୍ଣପୁର ଗଠନ ପାଇଁ ଟାସ୍କ ଫୋର୍ସ ଗଠିତ



ସୁବର୍ଣ୍ଣପୁର,୨୦।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା ଉପରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରଥମେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ସ୍ୱାଗତ ଭାଷଣ ରଖିଥିଲେ। ବୈଠକରେ ସମ୍ପୃକ୍ତ ବିଭାଗ ଗୁଡ଼ିକ ନିଜ ନିଜ ଦାୟିତ୍ୱ, ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ସହ ପ୍ରତ୍ୟେକ ଝିଅ ଶିକ୍ଷା ଲାଭ କରି ଆତ୍ମନିର୍ଭରଶୀଳ ହୋଇପାରିବେ, ତାହା ସୁନିଶ୍ଚିତ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଲିଙ୍ଗାନୁପାତରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ପୋଲିସ ଏବଂ ସାଇବର ସୁରକ୍ଷା ସମ୍ପର୍କରେ ଡିଏସ୍‌ପି ରେଣୁକା ସୁନା ଆଲୋକପାତ କରିଥିଲେ। ସେହିପରି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ, ଉତ୍କଳ ବାଳାଶ୍ରମର ଶିଶୁମାନଙ୍କ ବାହାର ରାଜ୍ୟରେ ନିଯୁକ୍ତି ସୁଯୋଗ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କୁ ସ୍ୱାବଲମ୍ବୀ କରିବା ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ସୋସିଆଲ ମିଡିଆ ଏବଂ ଲୋକକଳା ମାଧ୍ୟମରେ ବାଲ୍ୟ ବିବାହ ସମ୍ପର୍କିତ ଜନସାଧାରଣଙ୍କ ଚିନ୍ତାଧାରାରେ କିପରି ସକାରାତ୍ମକ ପରିବର୍ତ୍ତନ ଅଣାଯାଇପାରିବ, ସେ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ଆଲୋକପାତ କରିଥିଲେ। ବୈଠକକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ଅଞ୍ଜନା କିସାନ ପରିଚାଳନା କରିଥିଲେ।

## ବନ୍ୟା ପରେ ଜିଲ୍ଲା ପରିଷଦ ସଦସ୍ୟଙ୍କ ଖାଦ୍ୟ ବଣ୍ଟନ



ବୈଶିଙ୍ଗା,୨୦।୮ (ସଂଚାର ବ୍ୟୁରୋ): ବୁଢ଼ାବଳଙ୍ଗରେ ଚଳିତ ବର୍ଷ ଦ୍ୱିତୀୟ ବନ୍ୟା ଆସିବା ପରେ ପ୍ରାୟ ୨୫ /୩୦ ଟି ପଞ୍ଚାୟତର ତଳି ଅଞ୍ଚଳରେ ବନ୍ୟା ପ୍ରପୀଡିତଙ୍କ ଅବସ୍ଥା କହିଲେ ନସରେ। ବର୍ଷକର ଖାଦ୍ୟ ଭାସିଗଲା, ଚାଷ ଉଜୁଡି ଗଲା, କଚ୍ଚା ଘର ଭାଙ୍ଗିଗଲା। ସେଥିପାଇଁ ଉଚ୍ଚା ଯାଗାରେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ପ୍ରଶାସନ ପ୍ରପୀଡିତ ଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇଥିଲେ ମଧ୍ୟ ପ୍ରାୟ ସବୁ ଲୋକ ଙ୍କ ପାଖରେ ପହଞ୍ଚି ପାରି ନ ଥିବାର ଦେଖି ଜିଲ୍ଲାପରିଷଦ ସଭ୍ୟ ଜଗନ୍ନାଥ ମଲ୍ଲିକ ନିଜର କିଛି ସାଥିଙ୍କୁ ଧରି ଅପହଞ୍ଚ ଇଲାକାରେ ମଧ୍ୟ ପହଞ୍ଚି ବନ୍ୟା ପ୍ରପୀଡିତଙ୍କ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହିତ କ୍ଷୟକ୍ଷତି ସମ୍ବନ୍ଧରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଙ୍କୁ ଅବଗତ କରାଇବା ସହିତ ପ୍ରଶାସନ ନିକଟରେ ମଧ୍ୟ ଦାବି ଜଣାଇଛନ୍ତି।

## ଆଗ୍ରୋ-ୱେଷ୍ଟ୍ ଉପଯୋଗ ଓ ଜିଆ ଖତ ପ୍ରସ୍ତୁତି ନେଇ ତିନିଦିନିଆ କ୍ଷମତା ବିକାଶ କାର୍ଯ୍ୟକ୍ରମ ଉଦଯାପିତ



ସତ୍ୟବାଦୀ, ୨୦।୮ (ସଂଚାର ବ୍ୟୁରୋ) : ଆଗ୍ରୋ-ୱେଷ୍ଟ୍ ଉପଯୋଗ, ମୂଲ୍ୟବର୍ଦ୍ଧନ ଓ କୃଷି ଉପକରଣ ବ୍ୟବହାର ନେଇ ଏକ ତିନିଦିନିଆ କ୍ଷମତା ବିକାଶ କାର୍ଯ୍ୟକ୍ରମ ଅଗଷ୍ଟ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକର ଅଳଗୁମ ପଞ୍ଚାୟତସ୍ଥିତ ଜଗେଶ୍ୱରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏସ୍‌ସି-ଏସ୍‌ପି ଯୋଜନା ଅଧୀନରେ ଆୟୋଜିତ ହୋଇଥିଲା। ଅନ୍ତିମ ଦିନର କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ପଞ୍ଚାୟତ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର ଓମେନ ଇନ ଅଗ୍ରିକଲଚରର ବରିଷ୍ଠ ବୈଜ୍ଞାନିକ ତନୁଜା ମାଡାମ ଓ ବୈଷୟିକ କର୍ମଚାରୀ ସଞ୍ଜୟ ସାର୍ ଯୋଗଦେଇଥିଲେ। ଏଥିସହ ସତ୍ୟବାଦୀ କୃଷକ ଉତ୍ପାଦକ ସଂଗଠନର ପରିଚାଳନା ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ମହାନ୍ତି ଏବଂ ସିଆଇଡବ୍ଲୁଏ ଶକ୍ତି କୃଷକ ଉତ୍ପାଦକ ସଂଗଠନର ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ରଜନୀ ମହାରଣା, ଝରଣା ମଲ୍ଲିକ, ଗୀତାଞ୍ଜଳି ସେନାପତି ଓ ଶାନ୍ତିଲତା ପ୍ରଧାନଙ୍କ ସମେତ ମୋଟ ୨୦ ଜଣ ସଭ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଅଂଶ ଭାବେ ଜୈବିକ ଆବର୍ଜନାର ସୁବ୍ୟବହାର କରି ଜିଆ ଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଆଗ୍ରହ ପ୍ରକାଶ କରିଥିବା ୧୦ ଜଣ ସଭ୍ୟାଙ୍କୁ କଲିକତି ଦଳ ମାଧ୍ୟମରେ ଜିଆ ଖତ ପ୍ରସ୍ତୁତି ପାଇଁ ଆବଶ୍ୟକ ସମସ୍ତ ଉପକରଣ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ମହିଳା କୃଷକମାନେ କୃଷି ଅବଶିଷ୍ଟକୁ ଉପଯୋଗ କରି ଜୈବିକ ଖତ ପ୍ରସ୍ତୁତ କରିବା ସହ ଅତିରିକ୍ତ ଆୟର ସୁଯୋଗ ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି।

## ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ଶିବିର

ବେତନଟୀ,୨୦।୮(ସଂଚାର ବ୍ୟୁରୋ): ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଶାଳଗାଁରେ କଟକ ସ୍ଥିତ ମୁଣ୍ଡୁଳି ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍.ଡି.ଆର୍.ଏଫ୍) ଦ୍ୱାରା ବିପର୍ଯ୍ୟୟ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଭାସ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଡ. ନିରୋଜ କୁମାର( ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ବରିଷ୍ଠ ସେନା



ଅଧିକାରୀ), ରମେଶ ଚନ୍ଦ୍ର ଓଝା (ନିରୀକ୍ଷକ) (ଏନ.ଡି.ଆର.ଏଫ)ଙ୍କ ଉପସ୍ଥିତିରେ ଛାତ୍ର-ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ରଖି ଅନ୍ୟଙ୍କୁ କିଭଳି ଜୀବନ ବଞ୍ଚାଇ ପାରିବେ ସେ ବିଷୟରେ ବିଭିନ୍ନ ପ୍ରକାର ସଚେତନତା କରାଇବା ସହିତ ପ୍ରଦର୍ଶିତ କରାଇଥିଲେ। ଏଥି ସହିତ ସର୍ପଘାତ ଓ ଘଡଘଡି ରୁ କିଭଳି ରକ୍ଷା ପାଇପାରିବା ଛାତ୍ର-ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। (ଏନ.ଡି.ଆର.ଏଫ.)ର ଜି.ବି. ପରିଡ଼ା, ଏ.ଡି. ତ୍ରିପାଠୀ, ଏ.କେ. ବେହେରା ଓ ବି.କେ. ସାମନ୍ତରାୟ ସଚେତନତା ଶିବିରରେ ଯୋଗ ଦେଇଥିଲେ। ଛାତ୍ର-ଛାତ୍ରୀ ମାନେ ବିପର୍ଯ୍ୟୟ ସମ୍ପର୍କିତ ଶିକ୍ଷା ପାଇବା ପରେ ନିଜ ପରିବାର ତଥା ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ଛାତ୍ର-ଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ବନ୍ୟାରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଆସିଥିବା ସମୟରେ ଛାତ୍ର-ଛାତ୍ରୀ ମାନଙ୍କୁ ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ବିଦ୍ୟାଳୟ ତରଫରୁ ଉଚ୍ଚସୀ ପ୍ରଶଂସା କରିଥିଲେ।

## ନଦୀ କୂଳରୁ ଆହତ ଷଣ୍ଢ ଉଦ୍ଧାର

ଧର୍ମଶାଳା,୨୦।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ଥ କୋଠିଡିହସ୍ଥ ବ୍ରହ୍ମବଣୀ ନଦୀ କୂଳରୁ ଆଜି ଆହତ ଅବସ୍ଥାରେ ପାଣି ଭିତରେ ପଡ଼ି ରହିଥିବା ଏକ ଆହତ ଷଣ୍ଢକୁ ଉଦ୍ଧାର କରାଯାଇଛି। ପ୍ରାଥମିକ ଚିକିତ୍ସା ଷଣ୍ଢଟିକୁ ନିମାପଡ଼ାସ୍ଥିତ ଗୋକୂଳଧାମରେ ଛଡା ଯିବ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ମଙ୍ଗଳପୁର ପଞ୍ଚାୟତ କୋଠିଡିହ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଏକ ଷଣ୍ଢ ପାଣିରେ ପଡ଼ି ରହିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ସ୍ଥାନୀୟ ଗୋସେବକ ତଥା ଯୁବ ସମାଜସେବୀ ପ୍ରଶାନ୍ତ ମୁଦୁଲିଙ୍କୁ ଅବଗତ କରାଇଥିଲେ। ଏନେଇ ପ୍ରଶାନ୍ତ ବରୁହାଁ ଅଗ୍ନୀଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନୀଶମ ବାହିନୀ ଘଟଣାସ୍ଥଳରେ ପଂହଚି ପାଣି ଭିତରୁ ଷଣ୍ଢଟିକୁ ଉଦ୍ଧାର କରିଥିଲେ। ତେବେ ଷଣ୍ଢଟି କୌଣସି କାରଣରୁ ନଦୀ ବନ୍ଧ କଡକୁ ଖସି ପଡ଼ିଥିଲା। ତେବେ ଗୋଡ ଭାଙ୍ଗି ଯିବାରୁ ସେ ପାଣିରେ ପଡ଼ି ରହିଥିଲା।

## ଜରିପାଲ ତଳେ ଚାଲିଛି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ



କନ୍ଧମାଳ,୨୦।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ଼ ପଞ୍ଚାୟତର ରାଜସ୍ୱ ନିରୀକ୍ଷକ (ଆର୍ ଆଇ) କାର୍ଯ୍ୟାଳୟର ବିକଳ ଚିତ୍ର ଏବେ ସାମ୍ନାକୁ ଆସିଛି। ବର୍ଷା ଋତୁରେ କାର୍ଯ୍ୟାଳୟର ଛାତରୁ ପାଣି ଗଳୁଥିବାରୁ ଜରିପାଲ ଘୋଡ଼ାଇ କାର୍ଯ୍ୟାଳୟ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଟି ବହୁ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଦୀର୍ଘଦିନ ଧରି ଆବଶ୍ୟକ ମରାମତି ଅଭାବରୁ କୋଠାଟି ଧୀରେ ଧୀରେ ଦୁର୍ବଳ ହେବା ସହ ଛାତରୁ ବର୍ଷାଜଳ ଗଳୁଛି। ଲଗାଣ ବର୍ଷା ହେଲେ କାର୍ଯ୍ୟାଳୟ ଭିତରେ ପାଣି ପଶି ଯାଉଛି। ସରକାରୀ ଦସ୍ତାବିଜ ଓ ଅନ୍ୟାନ୍ୟ କାଗଜପତ୍ର ନଷ୍ଟ ହେବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀଙ୍କ ସମେତ ବିଭିନ୍ନ ରାଜସ୍ୱ କାର୍ଯ୍ୟ ପାଇଁ ଆସୁଥିବା ଜନସାଧାରଣ ମଧ୍ୟ ନିଜକୁ ସୁରକ୍ଷିତ ମଣୁନଥିବା ଅଭିଯୋଗ ହୋଇଛି। ଏପରି ଅବ୍ୟବସ୍ଥିତ ପରିବେଶରେ ସରକାରୀ କାର୍ଯ୍ୟ ସମ୍ପାଦନ ହେବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେଣୁ ପ୍ରଶାସନ ତୁରନ୍ତ ଏହି କାର୍ଯ୍ୟାଳୟର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ମରାମତି କରିବା ସହ ଆବଶ୍ୟକ ହେଲେ ଏକ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।